ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୦୬
୩ ଡିସେମ୍ବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 206
3rd December, 2025 Wednesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

ସୁହୃଦାଂ ହିତକାମାନାଂ ଯଃ ଶୃଣୋତି ନ ଭାଷିତମ୍
ବିପତ୍ ସନ୍ନିହିତା ତସ୍ୟ ସ ନରଃ ଶତ୍ରୁନନ୍ଦନଃ

ସଂକୀର୍ଣ୍ଣମନା ବ୍ୟକ୍ତି ନିଜ ଓ ପର ମଧ୍ୟରେ ପ୍ରଭେଦ ବିଚାର କରେ, କିନ୍ତୁ ଉଦାରଚେତା ବ୍ୟକ୍ତି ସମଗ୍ର ବସୁଧାର ବ୍ୟକ୍ତିଙ୍କୁ ନିଜର ପରିବାର ଭଳି ମନେକରେ

# ଏପ୍ରିଲରୁ ଦୁଇ ପର୍ଯ୍ୟାୟରେ ଜନଗଣନା

**ନୂଆଦିଲ୍ଲୀ, ୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ଦିନ ସରକାର ଲୋକସଭାରେ ସୂଚନା ଦେଇଛନ୍ତି ଯେ ୨୦୨୭ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ ଅନୁଷ୍ଠିତ ହେବ। କଂଗ୍ରେସ ସାଂସଦ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରି ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଗୃହ ଗଣନା ଅନ୍ତର୍ଭୁକ୍ତ ହେବ, ତା'ପରେ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ।



ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଜନଗଣନା ଫେବୃଆରୀ ୨୦୨୭ରେ କରାଯିବ, ଯାହାକି ୧ ମାର୍ଚ୍ଚ ୨୦୨୭ ମଧ୍ୟରାତ୍ରୀରେ ସରିବ। କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀର ଏବଂ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ବରଫ ଆଚ୍ଛାଦିତ ଦୁର୍ଗମ ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳଗୁଡ଼ିକରେ ଗଣନା ସେପ୍ଟେମ୍ବର ୨୦୨୬ ରେ କରାଯିବ ଏବଂ ଏହାର ୧ ଅକ୍ଟୋବର ୨୦୨୬ ମଧ୍ୟରାତ୍ର ପର୍ଯ୍ୟନ୍ତ କରାଯିବ।

ମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ଜନଗଣନା ପ୍ରକ୍ରିୟା ପୂର୍ବରୁ, ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂଗଠନ ଏବଂ ଜନଗଣନା ତଥ୍ୟ ବ୍ୟବହାରକାରୀଙ୍କଠାରୁ ପ୍ରାପ୍ତ ସୂଚନା ଏବଂ ପରାମର୍ଶ ଆଧାରରେ ଜନଗଣନା ପ୍ରଶ୍ନାବଳୀ ଚୂଡ଼ାନ୍ତ କରାଯାଏ। ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଜନଗଣନାର ୧୫୦ ବର୍ଷରୁ ଅଧିକ ଇତିହାସ ରହିଛି ଏବଂ ପ୍ରତ୍ୟେକ ଜନଗଣନା ପୂର୍ବ ଜନଗଣନାର ଅଭିଜ୍ଞତାକୁ ବିଚାରକୁ ନେଇଥାଏ।

ଏକ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ଏପ୍ରିଲ ୩୦ ତାରିଖରେ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, (ଶେଷ ପୃଷ୍ଠା ଦେଖନ୍ତୁ)

# କୋଟିଏ ଦିଅ ୧୧ ହଜାର ଭୋଟ ଦେବି

**ମୁମ୍ବାଇ, ୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଡିସେମ୍ବର ୨ରେ ହୋଇଥିବା ମହାରାଷ୍ଟ୍ରର ଚାନ୍ଦଓ୍ୱାଡ ପୌର ପରିଷଦ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଏକ ଅଡିଓ କ୍ଲିପ୍ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଥିବା ଏହି କ୍ଲିପ୍‌ରେ କୁହାଯାଇଥିଲା, 'ଆମେ ଇଭିଏମ୍ ମେସିନ୍ ଅପରେଟରଙ୍କ ସହ କଥା ହୋଇଛୁ। ଆମକୁ କୋଟିଏ ଟଙ୍କା ଦିଅ ଏବଂ ଆମେ ତୁମକୁ ୧୧,୨୫୦ ଭୋଟ ଦେବୁ।



ପାଇଁ ଇଭିଏମ୍‌ରେ ହେରଫେର କରିବାକୁ ପ୍ରସ୍ତାବ ଦେଇଥିଲେ।

## ଇଭିଏମ ଡିଲ୍‌ର ଅଡିଓ କ୍ଲିପ୍ ଭାଇରାଲ

ଏହି ଆଶ୍ଚର୍ଯ୍ୟଜନକ 'ଅଫର୍' ଚାନ୍ଦଓ୍ୱାଡର ରାଜନୈତିକ ପରିବେଶକୁ ସମ୍ପୂର୍ଣ୍ଣ ଉଷ୍ମ କରିଦେଇଛି। ମେୟର ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାକେଶ ଆହିରେ ଏହି ଗମ୍ଭୀର ଘଟଣାର ପର୍ଦ୍ଦାଫାସ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଶକ୍ତି ବିଳାସ ଧୋମସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରି ଟଙ୍କା ବିନିମୟରେ ଭୋଟ ଦେବା

ରାକେଶ ଆହିରେ ତୁରନ୍ତ ପୁଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଥିଲେ। ଅଡିଓ କ୍ଲିପ୍ ଭାଇରାଲ ହେବା ପରେ, ପୁଲିସ ଏବେ ତଦନ୍ତ ଆରମ୍ଭ କରିଛି, ଏବଂ ଚାନ୍ଦଓ୍ୱାଡରେ ନିର୍ବାଚନୀ ଉଷ୍ମତା ମଧ୍ୟରେ ଏହି ନୂତନ ବିବାଦ ଶିରୋନାମା ପାଲଟିଛି।

ଏହି ଭାଇରାଲ୍ ବାର୍ତ୍ତାଳାପରେ ଶକ୍ତି ବିଳାସ ଧୋମସେ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଥିଲେ। ସେ କହିଥିଲେ ଯେ, ବିଜେପିର ମେୟର ପ୍ରାର୍ଥୀ ବୈଭବ ବାଗୁଲ ନିର୍ବାଚନରେ ଠିକ୍ ୧୩,୬୪୨ ଭୋଟ ପାଇବେ। ଏହି ସଂଖ୍ୟା ଏତେ ସଠିକ ଥିଲା ଯେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି।

ଯେତେବେଳେ ରାକେଶ ଆହିରେ ସନ୍ଦେହ ପ୍ରକାଶ କଲେ, ଧୋମସେ ଉତ୍ତର ଦେଲେ, 'ଆମେ ପୂର୍ବରୁ ଋଠଗ ଅପରେଟରମାନଙ୍କ ସହିତ କଥା ହୋଇସାରିଛୁ, ତେଣୁ ଗଣନା ସମ୍ପୂର୍ଣ୍ଣ ସଠିକ।' ଏହି ସମ୍ପୂର୍ଣ୍ଣ ଆଲୋଚନା ଅଡିଓ କ୍ଲିପରେ ସ୍ପଷ୍ଟ ଭାବରେ ଶୁଣିବାକୁ ମିଳୁଛି, ଯାହା ଚାନ୍ଦଓ୍ୱାଡ ପୌର ପରିଷଦ ନିର୍ବାଚନରେ ଇଭିଏମ୍ ହ୍ୟାକିଂ ଏବଂ ଭୋଟ ଫିକ୍ସିଂର ଗମ୍ଭୀର ଅଭିଯୋଗ ସହିତ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମାମଲାକୁ ଆହୁରି ଆଗକୁ ନେଇ, ସେହି ବ୍ୟକ୍ତି ରାକେଶ ଆହିରେଙ୍କୁ ସମାନ ପ୍ରସ୍ତାବ ଦେଇଥିଲେ। ଆହିରେଙ୍କ ଅନୁସାରେ, ଧୋମସେ କହିଥିଲେ, ଯଦି ତୁମେ ଏକ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ, ତେବେ ତୁମ ପାଇଁ ୧୧,୨୫୦ ଭୋଟ୍ ଯୋଗାଡ କରିବା ମୋର ଦାୟିତ୍ୱ। ଅଡିଓ କ୍ଲିପ୍ ଭାଇରାଲ ହେବା ମାତ୍ରେ, ରାକେଶ ଆହିରେ ତୁରନ୍ତ ଚାନ୍ଦଓ୍ୱାଡ (ଶେଷ ପୃଷ୍ଠା ଦେଖନ୍ତୁ)

# ପିଏମ୍‌ଓର ନୂଆ ନାଁ 'ସେବାତୀର୍ଥ'

**ନୂଆଦିଲ୍ଲୀ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଦଳିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନାମ। ଏଣିକି ପିଏମଓ ସେବାତୀର୍ଥ ନାଁରେ ଜଣାଯିବ। କାରଣ ପିଏମଓର ନାଁ ବଦଳି ହୋଇଛି ସେବାତୀର୍ଥ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବାତୀର୍ଥ ନାମରେ ନାମିତ ହେବା ସହ ବିଚାର ମଧ୍ୟ ବଦଳିଲା। ପରିବର୍ତ୍ତିତ ନାମରେ ରହିଛି ଜନକଲ୍ୟାଣ ବାର୍ତ୍ତା। ଏହିକ୍ରମରେ କେନ୍ଦ୍ର ସଚିବାଳୟ ନାମ ହେଲା କର୍ତ୍ତବ୍ୟ ଭବନ। ପିଏମଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ପରିବର୍ତ୍ତନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପିଏମଓକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ କରିବା, ଯାହା ଦ୍ୱାରା ଲୋକମାନେ ସେମାନଙ୍କର ସମସ୍ୟା ଏବଂ ପରାମର୍ଶଗୁଡ଼ିକୁ ସହଜରେ କହିପାରିବେ। ତେବେ ସମାନ କମ୍ପ୍ଲେକ୍ସରେ ଥିବା 'ସେବା ତୀର୍ଥ-୨' ଏବଂ 'ସେବା ତୀର୍ଥ-୩' କୋଠାରେ କ୍ୟାବିନେଟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ)ଙ୍କ ଅଫିସ ରହିବ। ପୁରୁଣା ଅଫିସରୁ ନୂଆ ଅଫିସକୁ ସ୍ଥାନାନ୍ତର ଆରମ୍ଭ ହୋଇସାରିଛି। ଗତକାଲି ଅନେକ ରାଜ୍ୟର ରାଜଭବନ ନାଁ ବଦଳିଛି। ନୂଆ ନାଁ ହୋଇଛି ଲୋକଭବନ। ସେପଟେ ଖାଲି ପିଏମଓ ନାଁ ନୁହେଁ ଏହା ପୂର୍ବରୁ ମୋଦୀ ସରକାର ଦିଲ୍ଲୀରେ ରାଜପଥର ନାଁ ବି (ଶେଷ ପୃଷ୍ଠା ଦେଖନ୍ତୁ)

# ଶିକ୍ଷକଙ୍କୁ ନିର୍ଯାତନା: କିରାଣୀ ସସ୍‌ପେଣ୍ଡ

**କେନ୍ଦ୍ରାପଡ଼ା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ଓ ଅନ୍ୟାନ୍ୟ କାର୍ଯ୍ୟରେ ସହ ଯୋଗ ପରିବର୍ତ୍ତେ ତାଙ୍କୁ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଶିକ୍ଷା ବିଭାଗର କନିଷ୍ଠ କିରାଣୀ ଭାସ୍କର ଚନ୍ଦ୍ର ଗାହାଣଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏଥିରେ ଉଲ୍ଲେଖ ରହିଛି ଯେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କା ଅବସର ନେବାର ପ୍ରାୟ ୫ମାସ ବିତିଗଲାଣି। ସେ ପେନସନ ପାଇବା ପାଇଁ ଆବଶ୍ୟକ କାଗଜପତ୍ର ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। କିନ୍ତୁ ସଂପୃକ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପେନସନ ପ୍ରଦାନ ପାଇଁ କନିଷ୍ଠ କିରାଣୀ ଶ୍ରୀ ଗାହାଣ ଆବଶ୍ୟକ ପ୍ରକ୍ରୀୟା ଆରମ୍ଭ ନକରିବା, ବାରମ୍ବାର ତାଙ୍କୁ କାର୍ଯ୍ୟାଳୟକୁ ଦୌଡାଇବା ଓ ଜାଣିଶୁଣି ପେନସନ ପାଇଁ ଅସଂପୂର୍ଣ୍ଣ କଗଜପତ୍ର ଉପରିସ୍ଥ କାର୍ଯ୍ୟାଳୟକୁ ପଠାଇବା ଭଳି କାର୍ଯ୍ୟ କରୁଥିଲେ। ଯାହାଫଳରେ ଶିକ୍ଷକ ଶ୍ରୀ ଲେଙ୍କା ପେନସନ ଓ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ ଶ୍ରୀ ଲେଙ୍କା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ରଘୁରାମ ଆର. ଆୟାର ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ (ଶେଷ ପୃଷ୍ଠା ଦେଖନ୍ତୁ)



କୋଣାର୍କରେ ବାଲୁକା କଳା ମାଧ୍ୟମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା।

# ଜୁଆ ରୋକିବାକୁ ନୂଆ ଆଇନ୍

**ଭୁବନେଶ୍ୱର, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜୁଆ ଖେଳକୁ ରୋକିବା ପାଇଁ ଓଡ଼ିଶା ବିଧାନସଭାରେ 'ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫' ପାରିତ ହୋଇଛି। ଦୀର୍ଘ ସମୟ ଧରି ଆଲୋଚନା ପରେ ଏହି ବିଲ୍ ପାରିତ ହୋଇଥିବା ବେଳେ ଏଥିରେ ଜୁଆ ଖେଳି ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ବ୍ୟବସ୍ଥା କରାଯାଇଛି। ନୂଆ ଆଇନରେ ପୂର୍ବରୁ ଥିବା ଜରିମାନା ରାଶିକୁ ବହୁଗୁଣିତ କରାଯାଇଛି। ପୂର୍ବରୁ ଥିବା ଶହେ ଟଙ୍କା ଜରିମାନାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଥିବା ହଜାରେ ଟଙ୍କା ଜରିମାନାକୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବିଲ୍‌ରେ ୯ଟି ବିଭାଗର ୧୬ଟି ମୂଳ ରାଜ୍ୟ ଆଇନ୍‌ରେ ସଂଶୋଧନ କରାଯାଇଛି।



ସର୍ବସାଧାରଣ ସ୍ଥାନରେ କଟକଣା ଲଗାଯାଇଛି। ଯପରିକି ବଜାର, ମେଳା, କିମ୍ବା ରାସ୍ତାରେ ଜୁଆ ଖେଳକୁ ଆଦୌ ବରଦାସ୍ତ କରାଯିବ ନାହିଁ। ପଶୁ ପକ୍ଷୀ ଲଢେଇ କରାଉଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜରିମାନା ଦେବାକୁ ପଡ଼ିବ। ଅଭିଯୁକ୍ତଙ୍କୁ ସରକାରୀ ଅଧିକାରୀ ସିଧାସଳଖ ସବ୍‌ଡିଭିଜନାଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିପାରିବେ। ବିଲ୍ ପାରିତ ସମୟରେ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯାଇ କକ୍ଷତ୍ୟାଗ କରାଯାଇଥିବା ସୂଚନା ମିଳିଛି।

# ରୋହିଙ୍ଗ୍ୟା ବେଆଇନ ଭାବେ ଆସି ଅଧିକାର ମାଗୁଛନ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ସୁପ୍ରିମକୋର୍ଟ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ନିଖୋଜ ହେବା ଅଭିଯୋଗରେ



ଏକ ଆବେଦନର ଶୁଣାଣି କରିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି ଦେଶରେ ବେଆଇନ ଭାବରେ ପ୍ରବେଶ କରୁଥିବା ଲୋକଙ୍କୁ ନ୍ୟାୟପାଳିକା ସ୍ୱତନ୍ତ୍ର ସୁରକ୍ଷା ଦେବାର ଆଶା କରି ହେବ କି? କୋର୍ଟ କହିଛନ୍ତି, 'ଉତ୍ତର-ପୂର୍ବରେ ଆମର ସୀମା ଅତ୍ୟନ୍ତ ସମ୍ବେଦନଶୀଳ। ଆମେ ଏହି ମାମଲାରେ କୌଣସି ବିପଦ ନେଇପାରିବୁ ନାହିଁ।' ଖଣ୍ଡପୀଠର ନେତୃତ୍ୱ ନେଉଥିବା ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, 'ଆପଣ କ'ଣ ଚାହାଁନ୍ତି ଯେ ଆମେ ସେମାନଙ୍କ ପାଇଁ ରେଡ୍ କାର୍ପେଟ ବିଛାଇବୁ? ରୋହିଙ୍ଗ୍ୟାମାନେ ଅଣ୍ଡରଗ୍ରାଉଣ୍ଡ ରୁଟ୍ ଦେଇ ଭାରତରେ କାହିଁକି ପ୍ରବେଶ କରୁଛନ୍ତି? ଆସିବା ପରେ ଖାଦ୍ୟ ଏବଂ ଆଶ୍ରୟ ଭଳି ମୌଳିକ ଅଧିକାର ଦାବି କରୁଛନ୍ତି।

ଉଲ୍ଲେଖନୀୟ ଯେ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ 'ହେଭିୟସ କର୍ପସ' ଆବେଦନ ଉପରେ ଶୁଣାଣି କରୁଥିଲେ। ଆବେଦନରେ ଅଭିଯୋଗ ରହିଥିଲା ଯେ, ମଇ ମାସରେ ଦିଲ୍ଲୀ ପୁଲିସ କିଛି ରୋହିଙ୍ଗ୍ୟା ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହାପରେ ସେମାନେ ନିଖୋଜ ଅଛନ୍ତି। ଏଥିରେ ଦାବି କରାଯାଇଥିଲା ସେମାନଙ୍କୁ ଦେଶକୁ ଫେରାଇ ଅଣାଯାଉ। ଏହା ପୁରା ଆଇନଗତ (ଶେଷ ପୃଷ୍ଠା ଦେଖନ୍ତୁ)

## ଏବେ ବିଚାରପତି ରାୟ ଶୁଣାଉନାହାନ୍ତି, ଅଧିକ କହୁଛନ୍ତି: ଟିଏମସି ସାଂସଦ

**ନୂଆଦିଲ୍ଲୀ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିକାଲି ଜଜ୍ ବେଶୀ କଥା କହୁଛନ୍ତି। ଏଭଳି ବୟାନ ଦେଇ ବିବାଦରେ ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀ। ରୋହିଙ୍ଗ୍ୟାମାନଙ୍କ ପାଇଁ 'ଲାଲ କାର୍ପେଟ' ବିଛା ଯାଉଥିବା ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଏଭଳି ବିବାଦୀୟ ବୟାନ ଦେଇଛନ୍ତି କଲ୍ୟାଣ। ସେ କହିଛନ୍ତି ଯେ, ଆଜିକାଲି ବିଚାରପତିମାନେ ଅଧିକ କଥା କହୁଛନ୍ତି। ସେମାନେ ଟିଆରପି ବୃଦ୍ଧି କରିବା ପାଇଁ ଏପରି ମନ୍ତବ୍ୟ ଦେଉଛନ୍ତି। ପୂର୍ବ ବିଚାରପତିମାନେ ଏହା କରୁନଥିଲେ। ସେମାନେ ବହୁତ କମ୍ କଥା କହୁଥିଲେ। ଏବେ ସମ୍ପୂର୍ଣ୍ଣ ଧାରା ବଦଳି ଯାଇଛି। କଲ୍ୟାଣ ବାନାର୍ଜୀ ସିଜେଆଇଙ୍କ ଏହି ମନ୍ତବ୍ୟର ଉତ୍ତର ଦେଇ କହିଛନ୍ତି, 'ତାଙ୍କ ମନ୍ତବ୍ୟର ଉତ୍ତର ଦେବା ଆମକୁ ଶୋଭା ଦେବ ନାହିଁ। ସେ ହେଉଛନ୍ତି ଭାରତର ମୁଖ୍ୟ ବିଚାରପତି। କିନ୍ତୁ ମୁଁ ବିଶ୍ୱାସ କରେ ଯେ, କୌଣସି ବିଚାରପତିଙ୍କୁ ଏଭଳି ଅଯଥା ମନ୍ତବ୍ୟ ଦେବା ଉଚିତ୍ ନୁହେଁ।' ଟିଏମସି ସାଂସଦ ଆହୁରି କହିଛନ୍ତି ଯେ, 'ପୂର୍ବରୁ, ଆମ ଭାରତୀୟ ନ୍ୟାୟପାଳିକାରେ ବିଚାରପତିମାନେ କମ୍ କଥା ହେଉଥିବା ଦେଖାଯାଉଥିଲା। କେବଳ ନିଷ୍ପତ୍ତି ଦେବା ସମୟରେ ବିଚାରପତିମାନେ କଥା କହୁଥିବା ଦେଖାଯାଉଥିଲା। କିନ୍ତୁ ଏବେ ସମ୍ପୂର୍ଣ୍ଣ ଧାରା ବଦଳି ଯାଇଛି। ଆଜିକାଲି ବିଚାରପତିମାନେ ଟିଆରପି ବୃଦ୍ଧି କରିବା ପାଇଁ ଅଧିକ କଥା କହୁଛନ୍ତି। କିନ୍ତୁ ସେମାନେ ରାୟ ଶୁଣାଉ ନାହାନ୍ତି। ଏହା ଆଜିର ସବୁଠାରୁ ବଡ଼ ସମସ୍ୟା।'

# ସମୁଦ୍ର ଆଁରେ ୬ ଜିଲ୍ଲାର ଗାଁ

**ଭୁବନେଶ୍ୱର, ୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମୁଦ୍ର ଆଁରେ ୬ ଜିଲ୍ଲାର ଉପକୂଳବର୍ତ୍ତୀ ଗାଁ। କେନ୍ଦ୍ରାପଡ଼ାର ୧୯, ଗଞ୍ଜାମର ୧୪, ପୁରୀ ଜିଲ୍ଲାର ୬ ଗାଁର ଅନେକାଂଶ ସମୁଦ୍ରରେ ବିଲୀନ ହୋଇଯାଇଛି। ଏହି ସବୁ ଗାଁ ୧୯୯୦ରୁ ୨୦୨୮ ମଧ୍ୟରେ ସମୁଦ୍ର ମାଡ଼ି ଆସିବା ଦ୍ୱାରା ଏପରି ପ୍ରଭାବିତ ହୋଇଛନ୍ତି। ସେହିପରି ରାଜନଗର ବ୍ଲକର ସାତଭାୟା, କାହ୍ନୁପୁର, ବରାହିପୁର, ମଗରକଣ୍ଡା ଓ ରବିନ୍ଦ୍ରପାଲି ଲୋକଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱରର ୧୪୦.୭୩ ହେକ୍ଟର ଜମି ସମୁଦ୍ର ମାଡ଼ି ଆସିବା ଦ୍ୱାରା ଅବକ୍ଷୟ ହୋଇଛି। ସମୁଦ୍ରକୁ ରୋକିବା ଲାଗି ଅଧିକରୁ ଅଧିକ ହେନ୍ତାଳ ବଣ ସୃଷ୍ଟି କରାଯାଉଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ଜଙ୍ଗଲର ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ।

# ମୋହନଙ୍କ ନାଁରେ ମନ୍ମଥଙ୍କ ଏତଲା



**ଭୁବନେଶ୍ୱର, ୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ଦେଇ ମାମଲାର ସମ୍ମୁଖୀନ ହେବାର କିଛି ଦିନ ପରେ ବିଜୁ ଜନତା ଦଳର ନେତା ମନ୍ମଥ ରାଉତରାୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ମନ୍ମଥ ଭୁବନେଶ୍ୱର କ୍ୟାପିଟାଲ୍ ଥାନାରେ ଦୁଇଟି ପୃଥକ ଅଭିଯୋଗ ଦାୟର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିକଟରେ ବିଭିନ୍ନ ସର୍ବସାଧାରଣ ସଭାରେ 'ଜାତିଗତ ଅପମାନଜନକ' ଏବଂ 'ଅଶ୍ଳୀଳ' ମନ୍ତବ୍ୟ ଦେଇଛନ୍ତି।

ପ୍ରଥମ ଅଭିଯୋଗରେ ମନ୍ମଥ ଦର୍ଶାଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ସାଧାରଣ ସଭାରେ କହିଥିଲେ ଯେ କେନ୍ଦୁଝରରେ ତାଙ୍କ ସମ୍ପ୍ରଦାୟର ଝିଅମାନେ 'କଳା' ଏବଂ ସେ ଫିକା/ଗୋରା ରଙ୍ଗର ଝିଅ ବାଛିବା ପାଇଁ ମୟୂରଭଞ୍ଜରେ ବୋହୂ ଖୋଜିବାକୁ ପଡ଼ିଥିଲା।

ମନ୍ମଥ ରାଉତରାୟ ଦାବି କରିଛନ୍ତି, "ଏହି ମନ୍ତବ୍ୟ ସ୍ପଷ୍ଟ ଭାବରେ ଚର୍ମର ରଙ୍ଗକୁ ଭିତ୍ତି କରି (ଶେଷ ପୃଷ୍ଠା ଦେଖନ୍ତୁ)

# 'ସଞ୍ଚାର ସାଥୀ'କୁ ନେଇ କେନ୍ଦ୍ର ସରକାରଙ୍କ ୟୁ-ଟର୍ଣ୍ଣ

**ନୂଆଦିଲ୍ଲୀ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସାଇବର ସୁରକ୍ଷା ଏବେ ବିଶ୍ୱ ପାଇଁ ବଡ଼ ସଙ୍କଟ ଭାବେ ଉଭା ହୋଇଛି। ଏହାର ମୁକାବିଲା ପାଇଁ ବଡ଼ ପଦକ୍ଷେପ ନେଇଥିଲେ କେନ୍ଦ୍ର ସରକାର। ନୂତନ ହ୍ୟାଣ୍ଡସେଟ୍‌ରେ ସଞ୍ଚାର ସାଥୀ ଆପ୍ ପ୍ରି-ଅପଲୋଡ କରିବାକୁ ନିର୍ଦ୍ଦେଶ ଦେଇଥିଲା ଦୂରସଂଚାର ମନ୍ତ୍ରଣାଳୟ। ମୋବାଇଲ୍ ଫୋନ୍‌ର ପ୍ରାମାଣିକତା ସୁନିଶ୍ଚିତ କରିବା ପାଇଁ, ସମସ୍ତ ମୋବାଇଲ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ନୂତନ ଆମଦାନୀ ହୋଇଥିବା ଫୋନ୍‌ଗୁଡ଼ିକରେ ମଧ୍ୟ ସଞ୍ଚାର ସାଥୀ ଆପ୍ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ ବୋଲି କୁହାଯାଇଥିଲା। କିନ୍ତୁ ବିରୋଧୀଙ୍କ ଚାପ ପରେ ନିଷ୍ପତ୍ତି ବଦଳାଇଛନ୍ତି ସରକାର। ଫୋନରେ ଏହି ଆପ୍ ଅପ୍ସନାଲ ରହିବ, ୟୁଜର ଇଚ୍ଛା ଅନୁସାରେ ଡିଲିଟ୍ କରିପାରିବେ।




ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ।

ସରକାରଙ୍କ ପୂର୍ବ ପଦକ୍ଷେପକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା ଏବଂ ବିତର୍କ। ବିରୋଧୀମାନେ ଏହାକୁ ବିଗ୍ ବ୍ରଦର ଏବଂ ପେଗାସସ୍ ପ୍ଲସ୍ ପ୍ଲସ୍ କହି ମୋଦି ସରକାରଙ୍କୁ ଘେରିଛନ୍ତି। ଦୂରସଂଚାର ବିଭାଗର ଏହି ନିର୍ଦ୍ଦେଶ ଅସାମ୍ବିଧାନିକ କହିଛନ୍ତି ରାଜସ୍ଥାନର ରାଜ୍ୟସଭା ସାଂସଦ କେ.ସି. ବେଣୁଗୋପାଳ। କହିଛନ୍ତି ବିଗ୍ (ଶେଷ ପୃଷ୍ଠା ଦେଖନ୍ତୁ)

# କେନ୍ଦ୍ରାପଡ଼ାରେ ଗୁରୁତର ସମସ୍ୟା ସୃଷ୍ଟି କରିପାରେ ତଟକ୍ଷୟ

**କେନ୍ଦ୍ରାପଡ଼ା, ୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ତଟକ୍ଷୟ କେନ୍ଦ୍ରପଡ଼ା ଜିଲ୍ଲା ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିବା ନେଇ ଆଶଙ୍କା ଦେଖାଦେଇଛି । ତଟାଂଚଳର ସୁରକ୍ଷା କବଚ ଭାବେ କେଉଁ ସ୍ମରଣାତିତ କାଳରୁ ଥିବା ହେନ୍ତାଳ ଜଙ୍ଗଲର ଅବକ୍ଷୟ ପ୍ରତି ଦଶନ୍ଧୀ ଦଶନ୍ଧୀ ଧରି ସରକାରଙ୍କ ଉଦାସୀନତା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଗତ ୧୯୬୦ ମସିହାରୁ ୨୦୧୭ ମସିହା ମଧ୍ୟରେ ଭିତରକନିକା ଜାତୀୟଉଦ୍ୟାନ ଅଂଚଳରୁ ହେନ୍ତାଳ ବଣ ନଷ୍ଟ ସହିତ ୮୮ବର୍ଗ କି.ମି. ତଟକ୍ଷୟ ହୋଇଛି । ଅପରପକ୍ଷରେ ଗତ ୮ ବର୍ଷ ମଧ୍ୟରେ ଅଗରନାସୀ ଦ୍ୱୀପ ସମୁଦ୍ରରେ ବୁଡିଯାଇଛି । ସେହିପରି ସମୁଦ୍ର ଠାରୁ ପ୍ରାୟ ୧ କିଲୋମିଟର ଥିବା ହାବେଳିଖଟି ଏବେ ବିପଦପୂର୍ଣ୍ଣ ହୋଇଛି । ସଂପ୍ରତି ଜିଲ୍ଲାର ୪୮ କିଲୋମିଟର ସମୁଦ୍ର ତଟ ମଧ୍ୟରୁ ୨୮ କିଲୋମିଟର ଅଂଚଳରେ ତଟକ୍ଷୟ ଉତ୍କଟ ରୂପ ଧାରଣ କରିଛି । ଏହି ଅଂଚଳର ୨୬ଟି ଗ୍ରାମକୁ ସମୁଦ୍ର ପ୍ରତ୍ୟେକ୍ଷ ଭାବେ ନଷ୍ଟ କରି ଚାଲିଥିବା ସମୟରେ ସୁନାମୀ ପ୍ରବଣ ଚିହ୍ନଟ ୬୪ ଗ୍ରାମକୁ ଏହାର ବିପଦ ରହିଛି । ରାଜନଗର ବ୍ଲକ ପେଣ୍ଠ ଠାରେ ନିର୍ମିତ ଜିଓ ସିନ୍ଥେଟିକ ୱାଲର କ୍ରମାଗତ ନଷ୍ଟ ହେବା ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ସ୍ଥାନୀୟ ପରିବେଶବିତ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

ସ୍ଥାନୀୟ ଲୋକଙ୍କ କହିବା କଥା ଯେ, ସମୁଦ୍ର ତଟକ୍ଷୟ ଏଠାରେ ବହୁବର୍ଷ ଧରି ଲାଗି ରହିଛି । ପୂର୍ବରୁ ସାତଭାୟାର ଗୋବିନ୍ଦପୁର, ମୋହନପୁର, ଖରିକୂଳ, ଚିନ୍ତାମଣିପୁର, ବଡଗହୀରମଥା ସମୁଦ୍ରରେ ଲୀନ ହୋଇଥିଲା । ଗତ ୮ବର୍ଷ ମଧ୍ୟରେ ସମୁଦ୍ରର ତଟକ୍ଷୟ ପ୍ରକ୍ରୀୟାରେ କାନପୁର ଓ ସାତଭାୟା ରାଜସ୍ୱ ମୌଜା ଜିଲ୍ଲା ନକ୍ସାର ଉଭାନ ହୋଇଛି ।

ସେହିପରି ବରାହୀପୁର, ମଗରକନ୍ଦ୍ରା, ରବିନ୍ଦ୍ରପଲ୍ଲୀ, ସୁନେଇ ରୂପେଇ ଜଙ୍ଗଲ ଆଡକୁ ସମୁଦ୍ର ମୁହାଁଇଛି । ସାତଭାୟାବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି । ପାପୁଲି ମୁହାଣରୁ ଧାମରା ମୁହାଣ ପର୍ଯ୍ୟନ୍ତ ତଟକ୍ଷୟ ଜାରି ରହିଛି । ପେଣ୍ଠ ଓ ପ୍ରସନ୍ନପୁର ଅଂଚଳର ସୁରକ୍ଷା ପାଇଁ ୱାର୍ଲଡ ବ୍ୟାଙ୍କ ସହାୟତାରେ ୩୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପେଣ୍ଠଠାରେ ଜିଓ ଟ୍ୟୁବ ୱାଲ ନିର୍ମିତ ହୋଇଥିଲା । ନିର୍ମାଣ ସମୟରେ ଏହାର ଗୋଟିଏ ଟ୍ୟୁବ ଫାଟିବା ସହ ବିଭିନ୍ନ ସମୟରେ ନିଆଁ ଲାଗି ୫୦ରୁ ଊର୍ଦ୍ଧ୍ୱ ଗାବିୟନ ବକ୍ସ ପୋଡି ଯାଇଥିଲା । ତେବେ ଏହାର ମରାମତି ପରେ ମଧ୍ୟ ବିପଦ ଟଳିନାହିଁ । ଏଠାରେ ହେଉଥିବା ସାମୁଦ୍ରିକ ଢ଼େଉ ମାଡ ଫଳରେ ଗାବିୟନ ବାକ୍ସର ରଶି ଛିଡାଇବା ସହ ନିକଟସ୍ଥ ବନ୍ଧର ପଥରଗୁଡିକୁ ସମୁଦ୍ର ମଧ୍ୟକୁ ଜୁଆର ପାଣି ଟାଣିନେଉଛି । ଫଳରେ ଏହି ଟ୍ୟୁବ ୱାଲ ଦୀର୍ଘ କାଳୀନ ତଟକ୍ଷୟ ରୋକିବାକୁ କେତେ ସମର୍ଥ ହେବ ସେଥିନେଇ ଆଶଙ୍କା ରହିଛି ।

ପରିବେଶବିତ ହେମନ୍ତ କୁମାର ରାଉତ କହିଛନ୍ତି ଯେ, ତଟକ୍ଷୟ ରୋକିବା ପାଇଁ କେବାଳ ହେନ୍ତାଳବଣ ସକ୍ଷମ । ବନ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆ ଯାଉ ନଥିବା ଓ ସରକାର ଏଥିପ୍ରତି ଉଦାସୀନ ରହୁଥିବା କାରଣରୁ ହାବେଳିଖଟି, ସାତଭାୟା ନାଶୀ ଆଦି ଅଂଚଳରେ ତଟକ୍ଷୟ ବଢୁଛି । ଏଥିସହିତ ତଟାଂଚଳରୁ ଚିଙ୍ଗୁଡି ଘେରୀ ଉଚ୍ଛେଦ ଓ ଅନୁପ୍ରବେଶକୁ ରୋକିବା ଜରୁରୀ ହୋଇପଡିଛି । ଜାତୀୟ ଉଦ୍ୟାନ ଓ ଜିଲ୍ଲାର ଚିହ୍ନଟ ୬୪ଟି ସୁନାମୀପ୍ରବଣ ଗ୍ରାମର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତ ଅନୁଧ୍ୟାନ ହେବା ଆବଶ୍ୟକ ବୋଲି ପରିବେଶବିତ ଶ୍ରୀ ରାଉତ ମତ ଦେଇଛନ୍ତି । ଏ ସମ୍ପର୍କରେ ଡିଏଫଓ ଭରଦରାଜ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩ ଡିସେମ୍ବର ୨୦୨୫ । ବୁଧବାର



## ହାର୍ଡୱେର ଷ୍ଟୋର ତାଲା ଭାଙ୍ଗି ଲୁଟ୍

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ଭୁବନେଶ୍ୱର କମିସନରେଟ ପୋଲିସ ଅଧୀନ ବାଲିପାଟଣାରେ ମାତିଛନ୍ତି ଲୁଟେରା ଦଳ। ଲୁଟ ପାଟ କରି ଲୋକଙ୍କ ଆଖିରୁ ନିଦ ହଜେଇ ଦେଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ କୋହଳ ଚୋରଙ୍କ ପାଇଁ ବରଦାନ ପାଲଟିଛି। ସାଧାରଣ ଜନତା ଅସୁରକ୍ଷିତ ଅବସ୍ଥାରେ ଜୀବନଯାପାନ କରୁଛନ୍ତି। ସୁନା ଅଳଙ୍କାର, ଛେଳି, ମେଣ୍ଢା ଓ ଦୋକାନଙ୍କୁ ଅଧିକ ଟାର୍ଗେଟ କରୁଛନ୍ତି ଲୁଟେରା।

ସୋମବାର ରାତିରେ ବାଲିପାଟଣା ଥାନା ଧାନହରା ବଜାର ସୋମନାଥ ହାର୍ଡୱେର ଷ୍ଟୋରରୁ ପୁଣି ଚୋରି ହୋଇଛି। ଦୋକାନୀ ଘରୁକୁ ଖାଇବାକୁ ଯାଇଥିବା ସୁଯୋଗ ଉଣ୍ଡି ମାତ୍ର ୨ ଘଣ୍ଟା ଭିତରେ ଦୁର୍ବୃତ୍ତ ଏହି କାଣ୍ଡ ଭିଆଇଛନ୍ତି। ଖବର ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ମଝିହରା ଗ୍ରାମର ଚତୁର୍ଭୁଜ ଆଚାର୍ଯ୍ୟଙ୍କ ଧାନହରା ବଜାରରେ ଦୀର୍ଘ ୪୦ ବର୍ଷ ହେଲା ସୋମନାଥ ହାର୍ଡୱେର ଷ୍ଟୋର ଅଛି। ପ୍ରାୟ ଦେଢ଼ ବର୍ଷ ତଳେ ଦୁର୍ବୃତ୍ତ ତାଙ୍କ ଦୋକାନ ଭାଙ୍ଗି ଲୁଟ କରିଥିଲେ। ସୋମବାର ରାତି ୯ଟାରେ ଚତୁର୍ଭୁଜ ଦୋକାନ ତାଲା ଦେଇ ଘରକୁ ଖାଇବାକୁ ଯାଇଥିଲେ। ୨ ଘଣ୍ଟା ଭିତରେ ଘରୁ ଦୋକାନକୁ ଆସିଥିଲେ।

ଦୋକାନ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖି ସେ ବିସ୍ମିତ ହୋଇ ଯାଇଥିଲେ। ଦୁର୍ବୃତ୍ତମାନେ ଇଲେକ୍ଟ୍ରି ଓଜନ ଯନ୍ତ୍ର, ବ୍ୟାଟେରୀ, ପ୍ରାୟ ୨ ହଜାର ନଗଦ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେବା ସହ ସିସି ଟିଭି କ୍ୟାମେରା ତାଡି ନେଇଛନ୍ତି ଜଣାପଡିଥିଲା। ଅଠାନ୍ତର ନୂଆଗାଁ ପୂର୍ତ୍ତ ବିଭାଗ ରାସ୍ତାର ଧାନହରା ବଜାରରେ ଲୋକଙ୍କ ଚଳପ୍ରଚଳ ଲାଗିଥିବା ବେଳେ ଲୁଟେରା ଦଳ ମାତିବା ବଡ଼ ସଙ୍କଟ ସୃଷ୍ଟି କରିଛି। ଚୋରି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ତେବେ ପୋଲିସ ଚୋରଙ୍କୁ ଧରିବାରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଛି।

## ମା'ଙ୍କୁ ପ୍ରକୃତ ଭଲପାଇବା ଓଡ଼ିଶାରୁ ଶିଖିଛି: ଗଣେଶୀ ଲାଲ୍

### ଅଚ୍ୟୁତ ସାମନ୍ତଙ୍କ 'ମୋ ମା ମୋ ପ୍ରେରଣା' ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସୃଷ୍ଟିର ଆଦି ଓ ଅନ୍ତ ମା'ଙ୍କଠାରେ ନିହିତ। ମା' କେବେ ସ୍ନେହ ଦେବାରେ ପାତର ଅନ୍ତର କରନ୍ତିନାହିଁ। ଦୁଷ୍ଟ ସନ୍ତାନକୁ ବି ମା' କୋଳେଇ ନିଅନ୍ତି। ଓଡ଼ିଶା ମାଟି ହିଁ ତାଙ୍କୁ ମା'ଙ୍କ ପ୍ରତି ପ୍ରକୃତ ଭଲ ପାଇବା ଶିଖାଇଛି ବୋଲି କହିଛନ୍ତି ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡଃ.ଅଚ୍ୟୁତ ସାମନ୍ତଙ୍କ ରଚିତ ପୁସ୍ତକ 'ମୋ ମାଆ ମୋ ପ୍ରେରଣା'ର ଲୋକାର୍ପଣ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଗଣେଶୀ ଲାଲ୍ କହିଥିଲେ ଯେ, ସୃଷ୍ଟିର ଆଦି ଓ ଅନ୍ତ ମା'ଙ୍କ ଠାରେ ନିହୀତ। ଆଦିଶକ୍ତିର ଅନ୍ୟତମ ଅଂଶ ହେଉଛନ୍ତି ମା'।

ସମ୍ମାନୀତ ଅତିଥି ଗୁରୁ ବାବା ରାମ ନାରାୟଣ ଦାସ ମା'ଙ୍କ ଆଶୀର୍ବାଦ ଅମୃତସମ ହୋଇଥିବାରୁ ସମସ୍ତେ ମା'ଙ୍କ ଭକ୍ତ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ।

ପ୍ରଫେସର ଶଶାଙ୍କ ଚୁଡାମଣିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଲୋକାର୍ପିଣ ସମାରୋହରେ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକର ସମୀକ୍ଷା କରିଥିଲେ। 'ଓଡ଼ିଶା ଏକ୍ସପ୍ରେସ'ର ମୁଖ୍ୟ ସମ୍ପାଦକ ଉମାପଦ ବୋଷ ଡଃ. ସାମନ୍ତଙ୍କ ଦୀର୍ଘଯାତ୍ରାର ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ଲେଖକ ଡଃ.ସାମନ୍ତ ସ୍ୱାଗତ ଭାଷଣ ଦେବା ସହ ଲେଖକୀୟ ଅଭିବ୍ୟକ୍ତିରେ ତାଙ୍କ ଜୀବନରେ ତାଙ୍କ ମା'ଙ୍କ ଭୂମିକା ନେଇ ବିସ୍ତୃତ୍ୱ ସୂଚନା ଦେଇଥିଲେ। ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସୋଆରେ ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀଙ୍କ ଲାଗି ଓରିଏଣ୍ଟେସନ୍

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍) ପକ୍ଷରୁ ସୋମବାର କ୍ୟାମ୍ପସ୍ -୪ ଅଡିଟୋରିୟମ୍‌ରେ ବ୍ୟାଚଲର ଅଫ୍ ଭେଟେରୀନାରି ସାଇନ୍‌ସେସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ବିଭିଏସ୍‌ସିଆଣ୍ଡ ଏଏଚ୍)ର ୨୦୨୫ -୨୬ ବର୍ଷ ବ୍ୟାଚ୍‌ର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଭାରତୀୟ ପ୍ରାଣୀ ଚିକିତ୍ସା ପରିଷଦର ପୂର୍ବତନ ଅଧକ୍ଷ ଲେଫ୍ଟନାଣ୍ଟ୍ ଜେନେରାଲ୍ (ଡାକ୍ତର) ନାରାୟଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ବୃତିଗତ ଶିକ୍ଷା ଏକ ମହାନ୍ ଶିକ୍ଷା। ପ୍ରାଣୀମାନେ ନିଜର ସମସ୍ୟା ଓ କଷ୍ଟକୁ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ମନୁଷ୍ୟମାନଙ୍କୁ ସେମାନଙ୍କ ସମସ୍ୟାକୁ ଠିକ୍ ଭାବେ ବୁଝିବା ସହ ସକାରାତ୍ମକ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି। ସେମାନଙ୍କର ଯତ୍ନ ନେବା ସହିତ ସେମାନଙ୍କୁ ସ୍ନେହ ଓ ମମତା ସହ ଚିକିତ୍ସା କରିବା ଜରୁରୀ ବୋଲି ସେ ମତ ବ୍ୟକ୍ତ କରିଥିଲେ।



କଠିନ ପରିଶ୍ରମ, ଅଧବସାୟ, ଶୃଙ୍ଖଳା ଓ ସମୟାନୁବର୍ତିତା ଏହି ସବୁ ବିଶେଷ ଗୁଣ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ପାଖରେ ରହିବା ଜରୁରୀ। ଏହାଫଳରେ ସେମାନେ ସଫଳତାର ପାହାଚ ଛୁଇଁ ପାରିବେ। ସଦାସର୍ବଦା ଅନ୍ୟମାନଙ୍କ ଠାରୁ ଭିନ୍ନ ହେବା ସହିତ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସଦାସର୍ବଦା ତତ୍ପର ରହିବା ଜରୁରୀ ବୋଲି ଲେଫ୍ଟନାଣ୍ଟ୍ ଜେନେରାଲ୍ (ଡାକ୍ତର) ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ପୁନେ ସ୍ଥିତ ଭେଙ୍କିସ ରିସର୍ଚ୍ଚ ଆଣ୍ଡ ବ୍ରିଡ଼ିଂ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ଡକ୍ଟର ରମେଶ ଚନ୍ଦ୍ର ହଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଣୀ ଚିକିତ୍ସା ଏକ ବୃତିଗତ ଶିକ୍ଷା ନୁହେଁ ବରଂ ଏହା ଏକ ମହାନ ବୃତି ବୋଲି କହିଥିଲେ। ନିଜ ଭିତରେ ସେବା ମନୋବୃତି ନେଇ ପ୍ରାଣୀମାନଙ୍କର ଭାବକୁ ବୁଝି ଚିକିତ୍ସା କରିବା ଜରୁରୀ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପାଠପଢ଼ା ସହ ନିଜର ଆବେଗକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ। ସେ ସକାରାତ୍ମକ ଚିନ୍ତାଧାରା ଓ ସେବା ମନୋଭାବ ଦ୍ୱାରା ପ୍ରାଣୀମାନଙ୍କ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ।

ସୋଆ ଉପକୁଳପତି ପ୍ରଫେସର (ଡକ୍ଟର) ଅନୁପ କୁମାର ସାମନ୍ତରାୟ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ପ୍ରାଣୀମାନେ କେବଳ ସ୍ନେହର ଭାଷା ବୁଝୁଥିବାରୁ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ତଥ୍ୟ ଅନୁଯାୟୀ ନିଜ ଘରେ କୌଣସି ଗୃହପାଳିତ ପ୍ରାଣୀକୁ ରଖିବା ଦ୍ୱାରା ଲୋକମାନେ ଅଧିକ ସୁସ୍ଥ ରହୁଛନ୍ତି ବୋଲି ପ୍ରଫେସର ସାମନ୍ତରାୟ କହିଥିଲେ। ପରିବେଶର ସନ୍ତୁଳନ ପାଇଁ ପ୍ରାଣୀମାନଙ୍କୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜୀବନରେ ଆସୁଥିବା ପ୍ରତ୍ୟେକ ସମସ୍ୟାକୁ କିପରି ଭାବେ ଧୈର୍ଯ୍ୟର ସହ ସମ୍ମୁଖୀନ ହୋଇ ଏହାର ସମାଧାନର ପନ୍ଥା ଖୋଜିବା ସହିତ ଆଗକୁ ବଢ଼ିବା ଦରକାର ସେ ସମ୍ପର୍କରେ ଶିକ୍ଷା ଲାଭ କରିବା ଜରୁରୀ ବୋଲି ସେ କହିଥିଲେ।

ଏହି ଅବସରରେ ସୋଆ ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଆଇଭିଏସ୍‌ଏଏଚ୍‌ର ଲାଇଭଷ୍ଟକ୍ ପ୍ରଡକ୍ସନ୍ ମ୍ୟାନେଜମେଣ୍ଟ (ଏଲ୍‌ପିଏମ) ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର (ଡକ୍ଟର) ନବକୃଷ୍ଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବିବାହ ପ୍ରମାଣପତ୍ର ପାଇବାରେ ବିଳମ୍ବ: ଦମ୍ପତି ନିରାଶ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ବିବାହିତ ଦମ୍ପତିକୁ ଏବେ ବ୍ଲକ ପକ୍ଷରୁ ବିବାହ ପ୍ରମାଣପତ୍ର ମିଳିଥାଏ। କିନ୍ତୁ ଅଧିକାରୀଙ୍କ ଅନୁପସ୍ଥିତ ଥିବାରୁ ଦମ୍ପତିମାନେ ବ୍ଲକରେ ପହଞ୍ଚି ଖର୍ଚ୍ଚାନ୍ତ ହୋଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକରେ। ଗତ ଦୁଇ ମାସ ଧରି ଦାୟିତ୍ୱରେ ଥିବା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜନ୍ମେଜୟ ରାଉତ ଛୁଟିରେ ଥିବାରୁ ଅକ୍ଟୋବର ମାସ ଠାରୁ ଆସୁଥିବା ବିବାହିତ ଦମ୍ପତି ସେମାନଙ୍କର ବିବାହ ପ୍ରମାଣପତ୍ର ପାଇ ପାରୁନଥିବା ଅଭିଯୋଗ ହୋଇଛି। ଯାହା ଫଳରେ ୩୦ରୁ ଉର୍ଦ୍ଧ୍ୱ ଦମ୍ପତିମାନେ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ୍ୟ ଏଥିରୁ ସେମାନେ ବଞ୍ଚିତ ହେଉଛନ୍ତି । ଯାହା ଫଳରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

## ସାମ୍ବାଦିକଙ୍କୁ ଆକ୍ରମଣ: ମିଡ଼ିଆ ହାଉସର ନିନ୍ଦା

**ହିଞ୍ଜିଳିକାଟୁ: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ତଥା ସାମ୍ବାଦିକ ଭଗବାନ ପାଢ଼ୀଙ୍କୁ ଗତ ୨୮ ତାରିଖରେ ଏନଏସି କାର୍ଯ୍ୟାଳୟ ପରିସରରେ ଆକ୍ରମଣ ଘଟଣାକୁ ନେଇ ହିଞ୍ଜିଳିକାଟୁ ମିଡ଼ିଆ ହାଉସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବରିଷ୍ଠ ସାମ୍ବାଦିକ ଆକାଶ ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ ଅଞ୍ଚଳର ସାମ୍ବାଦିକମାନେ ଉପସ୍ଥିତ ରହି ଦୃଢ଼ ନିନ୍ଦା କରିଥିଲେ ଏବଂ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ପଟ୍ଟନାୟକ ସରକାର ଶୀତକାଳୀନ ଅଧିବେଶନ ସମୟରେ ତୁରନ୍ତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ବିଲ୍ ପାରିତ କରନ୍ତୁ ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରି କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୀମାଞ୍ଚଳ ନାହାକ, ସଂସ୍କାର ପଟ୍ଟନାୟକ, ହିମାଂଶୁ ବେହେରାଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

## କପା ମଣ୍ଡି ଉଦଘାଟନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର: ଏକ୍ସପ୍ରେସ ନ୍ୟୁଜ୍**

ସୋନପୁର ବ୍ଲକ କଳାପଥର ସ୍ଥିତ ଚନ୍ଦ୍ରିକା ଏଣ୍ଟରପ୍ରାଇଜେସ ଠାରେ ଚଳିତ ବର୍ଷ ପାଇଁ କପା ମଣ୍ଡିରେ ସିସିଆଇ ଅଧୀନରେ କପା ସଂଗ୍ରହ ଆରମ୍ଭ ହୋଇଯାଇଛି। ଏହାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଶୁଭ ଉଦଘାଟନ କରିଥିବା ବେଳେ ଏହି ଅବସରରେ ସଫଳ ଓ ସର୍ବାଧିକ କପା ଉତ୍ପାଦନକାରୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ସେ ଅଧିକ କପା ଉତ୍ପାଦନ କରି ଚାଷୀର ରୋଜଗାର ବଢ଼ାଇବାକୁ, ଶିଳ୍ପାନୁଷ୍ଠାନର ରୋଜଗାର ଓ ବେନିଫିଟ ସହ ସରକାରଙ୍କ ବେନିଫିଟ୍ ବଢାଇବାକୁ ପରାମର୍ଶ କରିଥିଲେ ଏବଂ ସୁବିଧାରେ ଚାଷୀ ଯେମିତି କପା ବିକ୍ରୟ କରି ଉଚିତ୍ ମୂଲ୍ୟ ପାଇ ପାରିବେ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ କରିଥିଲେ। ବୀରମହାରାଜ ପୁର ନିୟନ୍ତିତ ବଜାର କମିଟିର ପକ୍ଷରୁ ଖୋଲା ଯାଇଥିବା ଏହି କପା ମଣ୍ଡିରେ ବୀରମହାରାଜ ପୁରର ଚାଷୀମାନେ ସରକାରୀ ଦରରେ କପା ବିକ୍ରୟ କରି ପାରିବେ ।

ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ନିୟନ୍ତିତ ବଜାର କମିଟିର ସମ୍ପାଦକ ମନୋଜ ଜେନା, ସିସିଆଇ ଇନଚାର୍ଜ ଶରତ ମସ୍କି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ଯୋଗଦେଇ ଜିଲ୍ଲାପାଳଙ୍କ ସହ ସମସ୍ତ ଅତିଥି ମଣ୍ଡି ପରିଦର୍ଶନ କରିଥିଲେ। ଚନ୍ଦ୍ରିକା ଏଣ୍ଟରପ୍ରାଇଜେସର ପ୍ରୋପାଇଟର ବଷ୍ଟୁ ଅଗ୍ରୱାଲ ଓ ମନୋଜ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ଆରମ୍ଭ ହେଲା କଳାକାରଙ୍କ ପୂର୍ବାଭ୍ୟାସ

**ବରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୪ତାରିଖରୁ ଆରମ୍ଭ ହେବ। ଏହି ମହୋତ୍ସବ ୨୦୨୬ ମସିହା ଜାନୁଆରୀ ମାସ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଚାଲିବ। ଏଥିପାଇଁ ମଙ୍ଗଳବାରଠାରୁ ବରଗଡ଼ ଗାନ୍ଧିଛକ ନିକଟ କଲ୍ୟାଣ ମଣ୍ଡପରେ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଯାଇଛି। ଉଗ୍ରସେନ, କଂସ ମହାରାଜଙ୍କ ସମେତ ଅନ୍ୟ ପାର୍ଶ୍ୱ କଳାକାରମାନେ ଉପସ୍ଥିତ ହୋଇ ପୂର୍ବାଭ୍ୟାସ କରୁଛନ୍ତି। କଳାକାର ସମନ୍ୱୟ ସମିତିର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା ସହିତ ଏହାର ଶୁଭାରମ୍ଭ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ, କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରାଙ୍କ ସମେତ ଉପଦେଷ୍ଟା ମଣ୍ଡଳୀର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

## ବରିଷ୍ଠ ସମ୍ବାଦପତ୍ର ବିତରକଙ୍କ ପରଲୋକ

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜୟୀପୁରାଗ୍ରାମର ବରିଷ୍ଠ ସମ୍ବାଦପତ୍ର ବିତରକ ମହମ୍ମଦ ସାବିର ଅହେମ୍ମଦଙ୍କ ୫୯ବର୍ଷ ବୟସରେ ବିୟୋଗ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ସାମ୍ବାଦିକ, ସମ୍ବାଦପତ୍ର ଏଜେଣ୍ଟ ଏବଂ ଲୋକପ୍ରତିନିଧିମାନେ ତାଙ୍କ ଜୟୀପୁରାସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜନାଜା ପାଠ ପରେ ତାଙ୍କୁ ଜୟୀପୁରାସ୍ଥିତ କବରସ୍ଥାନରେ କବର ଦିଆଯାଇଛି।

## ଜୁଆଆଡ୍ଡାରେ ଚଢ଼ାଉ: ୧୧ ଅଟକ

**କଣ୍ଟାବାଞ୍ଜି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଟାବାଞ୍ଜିରେ ଜୁଆଆଡ୍ଡାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାଯାଇଛି। ୧୧ ଜୁଆଡିଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଘଟଣାସ୍ଥଳରୁ ନଗଦ ୬୭ ହଜାର ଟଙ୍କା ଜବତ କରିଛି ପୋଲିସ।

ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି କେଭି କଲେଜ ପଛ ପଟେ ଥିବା କାଦୋଭସା ଗାଁ ନିକଟରୁ ସୋମବାର ରାତିରେ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରିଥିଲା। ଏଥିରେ ଥିବା ୧୧ ଜଣ ଜୁଆଡିଙ୍କୁ କାବୁ କରିଛି ପୋଲିସ। ପୋଲିସ ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିବା ବେଳେ ଜୁଆଡିମାନଙ୍କ ଠାରୁ ନଗଦ ୬୭ ହଜାର ଟଙ୍କା ମଧ୍ୟ ଜବତ ହୋଇଥିବା ଜଣାପଡିଛି।

ଏନେଇ ପୋଲିସର ପ୍ରତିକ୍ରିୟା ମିଳି ନାହିଁ। ସମସ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଜୁଆଡିମାନଙ୍କ ମଧ୍ୟ ସହରର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଓ ଦୋକାନୀ ସାମିଲ ଅଛନ୍ତି। ଏଣେ ସୋମବାର ଲଇକେରା ଥାନା ତିଲେଇମାଲ ପଞ୍ଚାୟତ କାଙ୍କକୁମର ଜଙ୍ଗଲରେ ତାସ୍ ପତି ମାଧ୍ୟମରେ ଜୁଆ ଖେଳୁଥିବା ବେଳେ ଲଇକେରା ପୋଲିସ ମାଡି ବସିଥିଲା। ଲଇକେରା ଥାନା ଅଧିକାରୀ ଦିଲୀପ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ କାଙ୍କକୁମର ଜଙ୍ଗଲରେ ଜୁଆ ଖେଳ ହେଉଥିବାର ସୂଚନା ପାଇ ଚଢ଼ାଉ କରିଥିଲେ।

ତାସ୍ ପତିରେ ଖେଳୁଥିବା ୩ ଜଣ ଜୁଆଡିଙ୍କୁ ମାଡିବସିବା ସହିତ ତାଙ୍କ ନିକଟରୁ ୬ ହଜାର ୬୩୦ ଟଙ୍କା ଓ ତିନୋଟି ସେଟ ତାସ୍ ପତି ସହ ୬ଟି ମୋଟର ସାଇକେଲ ଜବତ କରିଥିଲେ।

ଜୁଆଡିମାନେ ହେଲେ ସମ୍ବଲପୁର ଜିଲ୍ଲା ବାମରା ଥାନା ଗୋବିନ୍ଦ ପୁର ଅଞ୍ଚଳର ରଞ୍ଜିତ ପୂର୍ତ୍ତି, ବିକାଶ ପ୍ରସାଦ, ବିପ୍ଳବ ସରକାର। ଅନ୍ୟ ଜୁଆଡିମାନେ ପୋଲିସକୁ ଦେଖି ଜଙ୍ଗଲ ମଧ୍ୟକୁ ଦଉଡ଼ି ଖସି ଯାଇଥିଲେ।

ଏନେଇ ଲଇକେରା ଥାନାରେ ଏକ ମାମଲା ରୁଜୁ କରି ଗିରଫ ତିନି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଥାନା ଅଧିକାରୀଙ୍କ ସହିତ ଲଇକେରା ଥାନାର ରାତ୍ରି କାଳୀନ ପୋଲିସ ପେଟ୍ରୋଲିଂ ଟିମ୍ ସହଯୋଗ କରିଥିଲେ ।

## କୁଖ୍ୟାତ ଅପରାଧୀ ସୁନିଲ ମାଝୀ ଗିରଫ

**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ରାଉରକେଲା ପୋଲିସ ଜିଲ୍ଲା ଅଧିନ ବ୍ରାହ୍ମଣୀତରଙ୍ଗ ଥାନା ଅଂଚଳରୁ ଜଣେ ଡକାୟତକୁ ଗିରଫ କରିଛି ପୋଲିସ । ତା' ନିକଟରୁ ୩୫ଟି ଖଣ୍ଡା, ବିଭିନ୍ନ ପ୍ରକାରର ୫ଟି ବନ୍ଧୁକ ଏବଂ ୩ଟି ଅଫୁଟା ଗୁଳି ଜବତ ହୋଇଛି। ରାଉରକେଲା ଠାରେ କୌଣସି ଅପରାଧିକ କାର୍ଯ୍ୟ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ତାକୁ ଶଙ୍ଖ ପୋଲ ନିକଟରୁ ଧରିଥିଲା। ଅଭିଯୁକ୍ତ ଜଣକ ହେଲା କୁଆଁରମୁଣ୍ଡା ଥାନା ଅନ୍ତର୍ଗତ ଚୁଟିଆଟୋଲା ଅଂଚଳର। ତା'ର ନାମ ସୁନିଲ ମାଝି। ସେ ଅନ୍ୟ ରାଜ୍ୟରୁ ବନ୍ଧୁକ ଆଣି ଏଠାରେ ଅପରାଧୀମାନଙ୍କୁ ବିକ୍ରି କରୁଥିଲା ବୋଲି ମଙ୍ଗଳବାର ରାଉରକେଲା ଏସପି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତ ସୁନିଲ ବିରୋଧରେ ଲାଠିକଟା ଥାନାରେ ୨ଟି ମାମଲା ରହିଥିବା ବେଳେ ବ୍ରାହ୍ମଣୀତରଙ୍ଗ ଥାନାରେ ୫ଟି ଅପରାଧିକ ମାମଲା ରହିଛି। ସେହିପରି ବୀରମିତ୍ରପୁର ଥାନାରେ ୨ଟି ମାମଲା ରହିଥିବା ବେଳେ ବାରକୋଟ, ଗୁରୁଣ୍ଡିଆ, ବିଶ୍ରା, ବଣେଇ, ଚାନ୍ଦିପୋଷ ଆଦି ଥାନାରେ ଅଭିଯୁକ୍ତ ନାମରେ ଏକାଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

### ବାଣିଜ୍ୟ

## ଟଙ୍କା ରେକର୍ଡ ସର୍ବନିମ୍ନସ୍ତରରେ: ୯୦ ଆମେରିକୀୟ ଡଲାର ଛୁଇଁଲା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ମଙ୍ଗଳବାର ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ୯୦.୦୨କୁ ଖସିଆସିଛି। ବିଭିନ୍ନ କାରଣ ଯୋଗୁଁ ସ୍ଥାନୀୟ ୟୁନିଟ୍ ବହୁତ ଦିନ ଧରି ମୁଲ୍ୟ ହ୍ରାସର ସମ୍ମୁଖୀନ ହେଉଛି। ବାଣିଜ୍ୟ ନିଅଣ୍ଟ ବୃଦ୍ଧି, ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ବିଦେଶୀ ପ୍ରବାହ ହେଉଛି ଟଙ୍କାର ସର୍ବକାଳୀନ ସର୍ବନିମ୍ନସ୍ତରକୁ ଖସିବା ପଛରେ କିଛି ପ୍ରମୁଖ କାରଣ।

ଚଳିତ ବର୍ଷ ଏପର୍ଯ୍ୟନ୍ତ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୫% ପର୍ଯ୍ୟନ୍ତ ହ୍ରାସ ପାଇଛି ଏବଂ ଏହା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନ କରୁଥିବା ମୁଦ୍ରା ମଧ୍ୟରୁ ଗୋଟିଏ।

ଭାରତର ପଣ୍ୟ ବାଣିଜ୍ୟ ନିଅଣ୍ଟ, କିମ୍ବା ଏକ ଦେଶ କେତେ ରପ୍ତାନି କରେ ଏବଂ କେତେ ଆମଦାନି କରେ ସେହି ମଧ୍ୟରେ ପାର୍ଥକ୍ୟ, ଅକ୍ଟୋବରରେ ରେକର୍ଡ ସର୍ବାଧିକ ୪୧.୬୮ ବିଲିୟନରେ ପହଞ୍ଚିଥିଲା, ଯାହା ଫଳରେ ଡଲାର ଚାହିଦା ବୃଦ୍ଧି ପାଇଥିଲା ଏବଂ ଏହାଦ୍ୱାରା ଘରୋଇ ମୁଦ୍ରା ଚାପରେ ପଡ଼ିଥିଲା।

ସରକାରୀ ତଥ୍ୟ ଦର୍ଶାଉଛି ଯେ ସୁନା ଏବଂ ରୂପା ଆମଦାନି ବୃଦ୍ଧି ଯୋଗୁଁ ଅକ୍ଟୋବରରେ ପଣ୍ୟ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନରେ ପହଞ୍ଚିଥିଲା, ଯାହା ସେପ୍ଟେମ୍ବରରେ ୩୨.୧୫ ବିଲିୟନ ଥିଲା।

ଅକ୍ଟୋବରରେ ଭାରତର ରପ୍ତାନି ପ୍ରାୟ ୧୨% ହ୍ରାସ ପାଇ ୩୪.୩୮ ବିଲିୟନରେ ପହଞ୍ଚିଥିଲା, ଯେତେବେଳେ ଆମଦାନି ପ୍ରାୟ ୧୭% ବୃଦ୍ଧି ପାଇ ୭୬.୦୬ ବିଲିୟନରେ ପହଞ୍ଚିଥିଲା।

ବିଶ୍ଳେଷକମାନେ କହିଛନ୍ତି ଯେ ଭାରତ ବିଳମ୍ବ ହେବା ଏବଂ ଆମେରିକା ଆମେରିକା ଦ୍ୱାରା ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କକୁ ମୁକାବିଲା କରିବା ପାଇଁ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ହେତୁ ମଧ୍ୟ ଟଙ୍କା ଚାପରେ ରହିଛି।

ମୌନ ବାଣିଜ୍ୟ କାର୍ଯ୍ୟକଳାପ ଏବଂ ଦୁର୍ବଳ ପୋର୍ଟଫୋଲିଓ ପ୍ରବାହ, ଆମେରିକା-ଭାରତ ଚୁକ୍ତିନାମାର ଅନୁପସ୍ଥିତି ସହିତ, ଦ୍ୱିତୀୟ ତ୍ରୈମାସରେ ଭାରତର ଦୃଢ଼ ଅର୍ଥନୈତିକ ପ୍ରଦର୍ଶନର ସକାରାତ୍ମକ ପ୍ରଭାବକୁ ଢାଙ୍କି ଦେଇଛି।

ସୋମବାର ପ୍ରକାଶିତ ଏଚଏସବିସି ସର୍ଭେ ଅନୁଯାୟୀ, ଭାରତର ଉତ୍ପାଦନ କ୍ଷେତ୍ର ମଧ୍ୟ ନଭେମ୍ବରରେ କିଛି ଗତି ହରାଇଥିଲା, ଅଭିବୃଦ୍ଧି ନଅ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା କାରଣ କଠୋର ଆମେରିକାର ଟିକସ ଚାହିଦା ଉପରେ ଭାରୀ ପଡ଼ିଥିଲା।

ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଉତ୍ପାଦନ କ୍ଷେତ୍ରରେ ଦୃଢ଼ ପ୍ରସାର ରେକର୍ଡ କରାଯାଇଥିଲା, ଟ୍ରମ୍ପ ପ୍ରଶାସନର ଉଚ୍ଚଶୁଳ୍କ ଲାଗୁ ହେବା ସହିତ ଚଳିତ ତ୍ରୈମାସରେ ଏହା ଥଣ୍ଡା ହେବାର ଆଶା କରାଯାଉଛି।

ସାମ୍ପ୍ରତିକ ସରକାରୀ ତଥ୍ୟ ଦର୍ଶାଉଛି ଯେ ବାଣିଜ୍ୟ ନିଅଣ୍ଟ ରେକର୍ଡ ଉଚ୍ଚତାରେ ପହଞ୍ଚିଛି, ଭାରତୀୟ ସାମଗ୍ରୀ ଉପରେ ୫୦% ଦଣ୍ଡାତ୍ମକ ଶୁଳ୍କ ଯୋଗୁଁ ଆମେରିକାକୁ ରପ୍ତାନି ପ୍ରାୟ ୯% ହ୍ରାସ ପାଇଛି।

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇଲେ ମଣ୍ଡଳ ସଭାପତି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଟାପଡା ପରେ ନିଆଳି ବିଜେପିରେ ଦେଖାଦେଇଛି ଗୋଷ୍ଠୀ କନ୍ଦଳ। ନିଆଳି ବ୍ଲକର ସମସ୍ତ ମଣ୍ଡଳ ସଭାପତି ଓ ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ବିଜେପିର ଆଗଧାଡିର କର୍ମୀ ଏକତ୍ରିତ ହୋଇ ହଠାତ ସୋମବାର ନିଆଳି ବ୍ଲକରେ ପହଞ୍ଚି ଥିଲେ। ବ୍ଲକ ବିଡ଼ିଓ ଧର୍ମ ରଂଜନ ପଣ୍ଡାଙ୍କୁ ବ୍ଲକରେ ହେଉଥିବା ଦୁର୍ନୀତି ବିଧାୟକଙ୍କ ଚାପରେ ଅନିୟମିତତା କାର୍ଯ୍ୟ ନ କରିବା ଚେତାବନୀ ଦେଇଥିଲେ। ଆଗକୁ ଯଦି ବ୍ଲକ ପ୍ରଶାସନ ଓ ବିଡିଓ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ଏହା ଉପରେ ବିଜେପି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଉଦ୍ୟାନ ବିଭାଗରେ ପହଞ୍ଚି ଚାଷୀମାନଙ୍କୁ କାହିଁକି ଆଳୁ ମଞ୍ଜି ଦିଆଯାଉନାହିଁ ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ଆସୁଥିବା ସରକାରୀ ସହାୟତା ବିଷୟରେ ଅବଗତ କରାଯାଉନାହିଁ, ବିଗତ ବର୍ଷମାନଙ୍କ ମଧ୍ୟରେ ଆଳୁ ମଞ୍ଜିର ସରକାରୀ ରିହାତି ଚାଷୀମାନଙ୍କୁ କାହିଁକି ଦିଆଯାଇନାହିଁ। ଉଦ୍ୟାନ ବିଭାଗ ଅଧିକାରୀ ସହ ଏ ବିଷୟରେ ଆଲୋଚନା କରିଥିଲେ। ପରେ କୃଷି ଓ ଆତ୍ମା କାର୍ଯ୍ୟାଳୟରେ ପହଞ୍ଚି ବିଳମ୍ବରେ ଆସିଥିବା କର୍ମଚାରୀମାନଙ୍କୁ ତାଗିଦ କରିବା ସହିତ ଆତ୍ମା କାର୍ଯ୍ୟାଳୟ ଯେପରି ବିଧାୟକଙ୍କ ଚାପରେ ଏକ ଛତ୍ରବାଦୀ କାମ ନ କରିବାକୁ ତାଗିଦ କରିଥିଲେ।



ବିଜେପିର ଗୋଷ୍ଠୀ କନ୍ଦଳ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀକୁ ବିରୋଧ କରିବା, ବିଧାୟକଙ୍କ ଚାପରେ ସରକାରୀ କର୍ମଚାରୀ କାମ କରୁଥିବା ଅଫିସରଙ୍କୁ ବିରୋଧ କରିବା, ମଣ୍ଡଳ ସଭାପତି ସହିତ ବିଧାୟକଙ୍କ ପ୍ରତିନିଧି ଓ ସାଂସଦଙ୍କ ସହିତ ଜଡିତ ଥିବା ବିଜେପିର ଆଗ ଧାଡିର ନେତା ଓ କର୍ମୀ ଦୁର୍ନୀତି ଆଳରେ ବିଭିନ୍ନ ସରକାରୀ କର୍ମଚାରୀଙ୍କ ଉପରେ ଚାପ ପକାଇବା ଦଳ ବିରୋଧୀର ସଂକେତ ବୋଲି ନିଆଳୀରେ ଆଲୋଚନା ହେଉଛି। ଏଥିରେ ନିଆଳି ମଣ୍ଡଳ ସଭାପତି ନବଘନ ସ୍ୱାଇଁ, ସିଠାଳ ମଣ୍ଡଳ ସଭାପତି ବୃଷକେତୁ ସାମଲ, କସର୍ଦା ମଣ୍ଡଳ ସଭାପତି ରାଜେଶ ମହାରଣା, ମାଧବ ମଣ୍ଡଳ ସଭାପତି ଶାନ୍ତନୁ ଦାସ, ମଣ୍ଡଳ ଉପସଭାପତି ଦିଲ୍ଲୀପ ସିଂହ, ବିଧାୟକଙ୍କ ପ୍ରତିନିଧି ଯୁବ କାର୍ଯ୍ୟକର୍ତ୍ତା ସନ୍ତୋଷ ବିଶ୍ୱାଳ, ଦିଲ୍ଲୀପ ନାୟକ, ରୋହିତ ମଲିକ, ସନ୍ତୋଷ ଓଝା, ବରିଷ୍ଠ କାର୍ଯ୍ୟକର୍ତ୍ତା ମିହିର ନାୟକଙ୍କ ସମେତ ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିବା ବେଳେ ଏମାନଙ୍କ ପ୍ରଚ୍ଛଦ ପଟରେ ନିଆଳି ବ୍ଲକର ଜଣେ ଆଗ ଧାଡ଼ିର ବିଜେପି ନେତା ତଥା ବିଧାୟକଙ୍କ ଖାସ ଅନୁଗତଙ୍କ ହାତ ଥିବା ନିଆଳିରେ ଆଲୋଚନା ହେଉଛି।

### ସିନେମାଫିନେମା ଟିଭିଫିବି

## ୧୧ ବର୍ଷରେ ଘର ଛାଡ଼ିଥିଲି: ଦିଲଜିତ୍‌ଦୋସାଞ୍ଜ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରସିଦ୍ଧ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ନିକଟରେ ତାଙ୍କ ପିତାମାତାଙ୍କ ସହ ଥିବା ତାଙ୍କର ଦୂରତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥିବାବେଳେ ପିତାମାତା ତାଙ୍କୁ ନ ପଚାରି ଲୁଧିଆନାରେ ତାଙ୍କ ମାମୁଁଙ୍କ ପାଖକୁ ପଠାଇ ଦେଇଥିଲେ।

ଦିଲଜିତ୍ ଏକ ସାକ୍ଷାତକାରରେ କହିଛନ୍ତି, ପିଲାଦିନେ 'ଖାଦ୍ୟ, ଆଶ୍ରୟ ଏବଂ ପାଠପଢ଼ା' ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ତାଙ୍କୁ ଗାଁ ଛାଡ଼ି ସହରକୁ ଯିବାକୁ ପଡ଼ିଥିଲା। ସେ କହିଛନ୍ତି, 'ମୋ ମାମୁଁ ମୋତେ ସହରକୁ ନେଇଯିବା ପାଇଁ କହିଲେ ଏବଂ ମୋ ବାପାମା' ସାଙ୍ଗେ ସାଙ୍ଗେ ହଁ କରିଦେଲେ। ସେମାନେ ମୋତେ ଥରୁଟିଏ ବି ପଚାରି ନଥିଲେ।'

ସେଠାରେ ସେ ଏକ ଛୋଟ ରୁମରେ ଏକୁଟିଆ ରହୁଥିଲେ ଏବଂ ତାଙ୍କ ପାଖରେ ଟିଭି କିମ୍ବା ମୋବାଇଲ୍ ଫୋନ୍ ନଥିଲା। ଘରକୁ ଫୋନ୍ କରିବାରେ ଖର୍ଚ୍ଚ ହେଉଥିବାରୁ ଧୀରେ ଧୀରେ ସେ ପରିବାରଠାରୁ ଦୂରେଇ ଯାଇଥିଲେ।

ଦିଲଜିତ୍ ସ୍ୱୀକାର କରିଛନ୍ତି ଯେ ସେ ତାଙ୍କ ମା'ଙ୍କୁ ବହୁତ ସମ୍ମାନ କରନ୍ତି ଏବଂ ତାଙ୍କ ବାପା ଜଣେ ଭଲ ଲୋକ। ତେବେ ଏହି ଘଟଣା ଯୋଗୁଁ ତାଙ୍କର କେବଳ ପିତାମାତାଙ୍କ ସହ ନୁହେଁ, ସମସ୍ତଙ୍କ ସହିତ ସମ୍ପର୍କରେ ତିକ୍ତତା ଆସିଯାଇଥିଲା।

ସୂଚନାଯୋଗ୍ୟ ଯେ, ୧୯୮୪ରେ ଦୋସାଞ୍ଜ କାଲାଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦିଲଜିତ୍ ଦୋସାଞ୍ଜ ଗତ ବର୍ଷ କୋଚେଲା ମ୍ୟୁଜିକ୍ ଫେଷ୍ଟିଭାଲରେ ତାଙ୍କର ଜବରଦସ୍ତ ପ୍ରଦର୍ଶନ ପରେ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି।



# ଦଦରା ଆଜବେଷ୍ଟସ୍ ଘରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ




**୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତର ଜଙ୍ଗିରା ଗ୍ରାମରେ ୧୯୫୪ରୁ ପ୍ରତିଷ୍ଠିତ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । ଏହାର ଛାତ୍ରଛାତ୍ରୀ ସଂଖ୍ୟା ୭୦ରୁ ଉର୍ଦ୍ଧ୍ୱ ହେବ । ଛାତ୍ରଛାତ୍ରୀ, ୩ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ପରିଚାଳନା କମିଟିର ଉଦ୍ୟମରେ ବିଦ୍ୟାଳୟର ପରିବେଶ ବେଶ୍ ସୌନ୍ଦର୍ଯ୍ୟମୟ ଏବଂ ପରିଷ୍କାର ପରିଚ୍ଛନ୍ନ ରହିଛି । ବିଦ୍ୟାଳୟର ଚତୁଃପାର୍ଶ୍ୱରେ ପ୍ରାଚୀର ରହିଛି । କିନ୍ତୁ ପଶ୍ଚିମପଟ ପ୍ରାଚୀରର ଉଚ୍ଚତା ଖୁବ୍ କମ୍ ରହିଛି ଏବଂ ସଂପୃକ୍ତ ପଥରକାନ୍ଥର ପଲସ୍ତରା କରାଯାଇନାହିଁ । ବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ଏକ ପ୍ରକୋଷ୍ଠ ନିର୍ମାଣ ହୋଇଛି । କିନ୍ତୁ ସଂପୃକ୍ତ ଠିକାଦାର ଏଥିପାଇଁ ଟଙ୍କା ପାଇନଥିବାରୁ ସେ ଏହାକୁ ତାଲା ପକାଇଦେବାକୁ ଚାହୁଁଛନ୍ତି । ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମଦେବ ବେହେରା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବର୍ଷାଧିକ କାଳ ହେବ ସଦର ବ୍ଲକ୍ ପକ୍ଷରୁ ଠିକାଦାରଙ୍କ ସପକ୍ଷରେ ଏଯାବତ ବିଲ୍ ପାସ୍ କରାଯାଇ ନାହିଁ । ଏହି ବିଦ୍ୟାଳୟ ପ୍ରତିଷ୍ଠା ଆରମ୍ଭରୁ ପଡିଥିବା ଆଜବେଷ୍ଟସ୍ ଛାତ ଘରେ ସଂପ୍ରତି ଶିଶୁବାଟିକା ଠାରୁ ଆରମ୍ଭ କରି ୫ମ ଶ୍ରେଣୀ ଯାଏଁ ୬ଟି ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଇଛି । ମଙ୍କଡଙ୍କ ଉପଦ୍ରବରେ ଆଜବେଷ୍ଟସ୍ ଭାଙ୍ଗିରୁଜି ଯାଇ ବର୍ଷାହେଲେ ପାଣି ଗଳୁଛି । ଗତ ୭୧ବର୍ଷ ହେବ ଆଜବେଷ୍ଟସ୍ ଛପର ବଦଳରେ ପକ୍କା ଛାତର ବ୍ୟବସ୍ଥା ଏଯାଏଁ ହୋଇପାରିନାହିଁ । ଜଣେ ପ୍ରଧାନଶିକ୍ଷୟିତ୍ରୀ ଓ ଦୁଇଜଣ ସହକାରୀ ଶିକ୍ଷୟିତ୍ରୀ ୬ଟି ଶ୍ରେଣୀର ପିଲାଙ୍କୁ ଦୁଇଟି ଆଜବେଷ୍ଟସ୍ ପ୍ରକୋଷ୍ଠରେ ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟ ପଛ ପାର୍ଶ୍ୱ ଅରମା ବଣରେ ପୁରି ରହିଛି । ପିଲାଙ୍କ ପ୍ରତି ବିଷଧର ସର୍ପଙ୍କ ଭୟ ରହୁଛି । ଢେଙ୍କାନାଳ ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୧୨ କି.ମି ଦୂର ଢେଙ୍କାନାଳ–କାଇମାଟି–ଯୋରନ୍ଦା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟାଳୟଟି ରହିଛି । ଅଥଚ ଗତ ୭୧ବର୍ଷ ମଧ୍ୟରେ ଆଜବେଷ୍ଟସ୍ ଛପରକୁ ହଟାଯାଇ ପାରୁନାହିଁ । ତୁରନ୍ତ ନିର୍ଭରଯୋଗ୍ୟ ପକ୍କା ଛାତର ବ୍ୟବସ୍ଥା କରାଯାଉ ବୋଲି ପଦ୍ମଭୂଷଣ ଡଃ. ରାଧାନାଥ ରଥ ଜୟନ୍ତୀ କମିଟିର ସଭାପତି ପ୍ରଦ୍ୟୁମ୍ନ ରଥ ଓ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବୀ କରାଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ବିହିତ ଦୃଷ୍ଟି ଦେବେ ବୋଲି ଆଶା କରାଯାଏ ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ତ୍ରୟୋଦଶୀ |
|---|---|
| ୩.୧୨.୨୦୨୫ | ନକ୍ଷତ୍ର– ଦ୍ୱିଜା, ମେଷଚନ୍ଦ୍ର |

| | |
|---|---|
| ମେଷ | : ଅର୍ଥଲାଭ ପରେ କର୍ମେ ବାଧା। |
| ବୃଷ | : ସ୍ୱାସ୍ଥ୍ୟହାନି ଓ ବକେୟା ଅର୍ଥ ଲାଭବ । |
| ମିଥୁନ | : ବନ୍ଧୁ ଦର୍ଶନ ହେବ, ବ୍ୟୟ ବୃଦ୍ଧି ହେବ । |
| କର୍କଟ | : ଅର୍ଥଲାଭରେ ଖୁସି ହେବେ । |
| ସିଂହ | : ମନସ୍ତାପରେ ରହିବେ । |
| କନ୍ୟା | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି । |
| ତୁଳା | : ବ୍ୟବସାୟରେ ଲାଭବାନ ହେବେ । |
| ବିଛା | : କର୍ମ ସଂସ୍ଥାରେ ଖୁସି ହେବେ । |
| ଧନୁ | : ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ମକର | : ଗୁରୁଜନଙ୍କ କଥାକୁ ନେଇ ମନସ୍ତାପ କରିବେ । |
| କୁମ୍ଭ | : ଅର୍ଥଲାଭ ଯୋଗ ରହିଛି । |
| ମୀନ | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |

## ଧାନ ଫସଲ ନଷ୍ଟ ହେବା ଆଶଙ୍କା

**ବୁଗଡ଼ା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବରୁ ପ୍ରକାଶିତ ପାଣିପାଗ ବିଭାଗର ସୂଚନା ମୁତାବକ ବୁଗୁଡ଼ା ଅଞ୍ଚଳରେ ସୋମବାର ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି । ରବିବାର ଦିନଠାରୁ ପାଗ ମେଘୁଆ ରହିଥିବା ବେଳେ ସୋମବାର ଦିନ ଝିଟିପିଟି ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଦିନ ସାରା ଲଗାଣ ଝିପିଝିପି ବର୍ଷା ଫଳରେ ଅନେକ ଚାଷ ଜମିରେ କଟା ଧାନ ସବୁ ଓଦା ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ଚଳିତ ବର୍ଷ ବର୍ଷାର ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା । ତଥାପି ବାଘୁଆ ଜଳଭଣ୍ଡାରରୁ ଜଳ ଯୋଗାଣ ସାଙ୍ଗକୁ ଆବଶ୍ୟକ ବେଳେ ବର୍ଷା ହୋଇଥିବାରୁ ଚଳିତ ବର୍ଷ ଭଲ ଫସଲ ହୋଇଥିଲା । ଏବେ କେତେକ ଚାଷୀ ଧାନ ଫସଲ କାଟି ଖଳାରେ ଜମାକରି ରଖିଛନ୍ତି ଏବଂ ଅନେକ ଚାଷୀ ଧାନକୁ କାଟି ଜମିରେ ରଖିଥିବା ବେଳେ ଏଇ ଝିପିଝିପି ବର୍ଷା ଯୋଗୁଁ ତାହା ଓଦା ହୋଇଯାଇଛି । ଏହି ବର୍ଷାର ପ୍ରଭାବରେ ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ହୋଇଥିବା ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଯୋଗୁଁ ଚାଷୀ ଚିନ୍ତାରେ ପଡିଥିବା ଜଣାଯାଇଛି ଛ ଅନ୍ୟପକ୍ଷରେ ଦିନସାରା ମେଘୁଆ ପାଗ ସହ ଝିପିଝିପି ବର୍ଷା ହେତୁ ସାଧାରଣ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି ।



## ଶତ୍ରୁସୋଲରେ ଭଙ୍ଗାଗଲା ବେଆଇନ ଇଟାଭାଟି

**ବୁଗୁଡ଼ା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ତହସିଲ ପକ୍ଷରୁ ଶତ୍ରୁସୋଲ ଗ୍ରାମରେ ବେଆଇନ ଭାବେ ପୋଡାଯାଇଥିବା ଏକ ଇଟା ଭାଟିକୁ ସୋମବାର ଦିନ ଜେସିବି ଲଗାଇ ଭଙ୍ଗାଯାଇଛି । ଶତ୍ରୁସୋଲ ଗ୍ରାମରେ ବେଆଇନ ଭାବେ ଇଟା ଭାଟି ପୋଡା ଯାଇଥିବା ଖବର ବୁଗୁଡା ତହସିଲଦାର ତାପସ ରାଉତ ଜାଣିବା ପରେ ସୁପ୍ରଭାଇଜର, ରାଜସ୍ୱ ନିରୀକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ସହ ଘଟଣାସ୍ଥଳକୁ ଯାଇ ବେଆଇନ ଭାବେ ପୋଡାଯାଇଥିବା ଇଟାଭାଟିକୁ ଜେସିବି ଦ୍ୱାରା ଭାଙ୍ଗି ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି ।

# ବଣୁଆ ମାଙ୍କଡ଼ ଓ ବୁଲା ଷଣ୍ଢ ଚାଷୀଙ୍କ ପାଇଁ କାଳ

**ମାହାଙ୍ଗା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଧୀରେ ଧୀରେ ଗ୍ରାମ୍ୟଜଙ୍ଗଲରେ ଜଙ୍ଗଲ ହ୍ରାସ ପାଇ ଆସୁଥିବାବେଳେ ବନ୍ୟପ୍ରାଣୀ ଏବେ ଗାଁ ମୁହାଁ ହେଲେଣି । ସରକାରଙ୍କ ଅଣଦେଖାରୁ ଗାଁ ଗହଳିରେ ଥିବା ଗୋଚର ଜମିରୁ ବଣବୁଦା ଧୀରେ ଧୀରେ ଲୋପ ପାଇଗଲାଣି । ଲୋକମାନେ ଗୋଚର ସରକାର ଜମିକୁ ଜବରଦଖଲକାରୀ କେଉଁଠାରେ ଚାଷ କଲେଣି ତ, କେଉଁଠି ଗୃହ ନିର୍ମାଣ କଲେଣି । ଯାହା ଫଳରେ ବନ୍ୟଜନ୍ତୁଙ୍କ ବାସସ୍ଥାନ ପାଇଁ ଆଉ ସ୍ଥାନ ନାହିଁ । ବଣବୁଦା ଲୋପ ପାଇବାରୁ ବଣୁଆ ମାଙ୍କଡମାନେ ଖାଦ୍ୟ ଅନୁଷଣରେ ଗାଁ ଗହଳିରେ ପଶି ପନିପରିବା ଖାଇ ଫସଲ ନଷ୍ଟ କରୁଛନ୍ତି । ଯେଉଁଥି ପାଇଁ ପରିବା ଚାଷୀ ଅର୍ଥ ଖର୍ଚ୍ଚ କରି ଚାଷ କଲେ ବି କ୍ଷତିରେ ପଡୁଛନ୍ତି । ବର୍ତ୍ତମାନ ଚାଷୀ ପାଣି ମଡାଇ ମୁଗ,ବିରି ଫସଲ କରିଥିଲେ ମଧ୍ୟ ଗଛ ଦୁଇପତ୍ର ହେବା ବେଳକୁ ମାଙ୍କଡ ମାନେ ଦଳ ବାନ୍ଧି ମୁଗ ଓ ବିରି ଗଛକୁ ଉପାଡି ଖାଇବା ସହ ନଷ୍ଟ କରିଦେଉଛନ୍ତି । ମାହାଙ୍ଗ ଏକ କୃଷି ପ୍ରଦାନ ଅଂଚଳ ଭାବେ ବେଶ ପରିଚିତ ଥିବାବେଳେ ପରିବା ଚାଷ କଖାରୁ, ବାଇଗଣ, ବିଲାତି, ଭେଣ୍ଡି, ବିମ, ଝୁଡଙ୍ଗ ଆଦି ବିଭିନ୍ନ ଫସଲ ଗୁଡିକୁ ଖାଇ ନଷ୍ଟ କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଜଙ୍ଗଲ ବିଭାଗ ଏହି ବଣୁଆ ମାଙ୍ଗଡଙ୍କ ଉତ୍ପାତ କମାଇବା ପାଇଁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଏବେ ଏପରି ଏହି ବଣୁଆ ମାଙ୍ଗଡମାନଙ୍କ ଉତ୍ପାତ ବଢିଯାଇଛି ଯେ ସେମାନେ ଦଳ ଦଳ ହୋଇ ରାସ୍ତଘାଟରେ ନିର୍ଭୟରେ ବୁଲିବା ସହ ପଥଚାରୀମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଥିବା ଦେଖିବାକୁ ମିଳିଛି । ପ୍ରତିଦିନ ଗାଁ ଗହଳିରେ କେଉଁଠି ନା କେଉଁଠି ସାଧରଣ ଲୋକଙ୍କୁ ଏହି ବଣୁଆମାଙ୍କଡ କାମୁଡିଛନ୍ତି । ବେଳ ଥାଉ ଥାଉ ଯଦି ବଣୁଆ ମାଙ୍କଡମାନଙ୍କୁ ଗାଁ ଗହଳିରୁ ଘଉଡା ନ ଯାଏ ତେବେ ଆଗାମୀ ଦିନରେ ଏମାନେ ଉଭୟ ମଣିଷ ଓ ଚାଷୀଙ୍କ ମହଙ୍ଗା ସାବ୍ୟସ୍ତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସେହିପରି ବୁଲା ଷଣ୍ଢ ଗୁଡିକ ପନିପରିବା ସହ ଧାନ କ୍ଷେତ ନଷ୍ଟ କରୁଥିବା ଦେଖିବାକୁ ମିଳିଛୁ । ଯାହା ଫଳରେ ଉଭୟ ବଣୁଆ ମାଙ୍କଡ ଓ ବୁଲା ଷଣ୍ଢ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏବେ ଟ୍ରାକ୍ଟର ଓ ପାୱାର ଟିଲରରେ ଚାଷୀମାନେ ଚାଷ କାର୍ଯ୍ୟ କରୁଥିବାରୁ ଗୋପାଳକ ମାନେ ନିଜ ନିଜର ଅଣ୍ଡିରା ବାଛୁରୀକୁ ଷଣ୍ଢ କରି ଛାଡି ଦେଉଥିବାରୁ ଏବେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଷଣ୍ଢ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ଚାଷୀଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଫସଲ ଯଥା–ଧାନ, ମୁଗ, ବିରି, କୋଳଥ ଆଦି ପନିପରିବାକୁ ଖାଇବା ସହ ଚଢି ଦଳି ଚକଟି ନଷ୍ଟ କରୁଛନ୍ତି । ଯାହା ଦ୍ୱାରା ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ଋଣ କରି କ୍ଷତିରେ ପଡୁଛନ୍ତି । ତେଣୁ ତୁରନ୍ତ ସରକାର ଏହି ବଣୁଆ ମାଙ୍କଡମାନଙ୍କ ବଂଶ ବୃଦ୍ଧି ଉପରେ ପଦକ୍ଷେପ ନେବା ସହ ଷଣ୍ଢମାନଙ୍କ ପାଇଁ ଗୋଶାଳାରେ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି ।



## ଡିଭାଇଡରରେ ପିଟି ହୋଇ ଜଣେ ମୃତ

**ଛତ୍ରପୁର, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ଜାତୀୟ ରାଜପଥ କଲେଜ ଛକ ନିକଟରେ ବାଇକ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ଅନ୍ୟ ଜଣେ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳର ଧର୍ମେନ୍ଦ୍ର କର । ଆହତ ଜଣକ ହେଲେ ସନ୍ଦୀପ ଦାସ । ଏହି ଦୁଇ ଜଣ ଏକ ବାଇକ ଯୋଗେ ବେଙ୍ଗାଲୋରରୁ ନିଜ ଘରକୁ ଫେରୁଥିବା ବେଳେ ଛତ୍ରପୁର ଜାତୀୟ ରାଜପଥ କଲେଜ ଛକ ନିକଟରେ ଏକ ଡିଭାଇଡରକୁ ପିଟି ଦେଇଥିଲେ । ତୁରନ୍ତ ସ୍ଥାନୀୟ ଲୋକ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଉଭୟଙ୍କୁ ନେଇଥିଲେ । ସେଠାରେ ଧର୍ମେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଓ ଆହତଙ୍କ ଅବସ୍ଥା ଗୁରୁତର ରହିଥିବା କହିଛନ୍ତି । ଘଟଣାସ୍ଥଳରେ ଛତ୍ରପୁର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଶବଦାହକୁ ନେଇ ଚିନ୍ତାରେ ପୁରୁଷୋତ୍ତମପୁରବାସୀ

**ପୁରୁଷୋତ୍ତମପୁର, ୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସହରରେ ଶବଦାହ କରିବା ସମସ୍ୟା ଲୋକଙ୍କ ଲାଗି ଚିନ୍ତାର ବଡ କାରଣ ପାଲଟିଛି । ଏଥିଲାଗି ଏନଏସି ପ୍ରଶାସନ, ଅଧ୍ୟକ୍ଷ କି ସାଂସଦ, ବିଧାୟକ ଓ ଜନପ୍ରତିନିଧିମାନେ କେହି ମଧ୍ୟ ଗୁରୁତ୍ୱ ଦେଉ ନାହାନ୍ତି । ଏହା ସ୍ଥାନୀୟ ଅଞ୍ଚଳରେ ଉଦବେଗର ବିଷୟ ପାଲଟିଛି ।

୧୪ଟି ୱାର୍ଡ ବିଶିଷ୍ଟ ଏହି ଏନଏସିର ଆରମ୍ଭ ଓ ଶେଷ କନକା ଓ କୁମାରୀ ମୌଜାରେ ଶବଦାହ ଗୃହ ରହିଥିବାବେଳେ ପୁରଷୋତ୍ତମପୁର ମୌଜାର ସହର ମଧ୍ୟଭାଗରେ ରହିଥିବା ୱାର୍ଡ ନଂ ୭, ୮, ୯, ୧୦, ୧୧ର ବାସିନ୍ଦାଙ୍କ ଲାଗି ଶବଦାହ ଓ ମୃତ ବ୍ୟକ୍ତିଙ୍କ ଶୁଦ୍ଧିକାର୍ଯ୍ୟ ଲାଗି କ୍ରିୟା ଘୁଠିଟିଏ ମଧ୍ୟ ନାହିଁ । ଏହି ୪ଟି ୱାର୍ଡର ଲୋକେ ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି । ଶବକୁ କାନ୍ଧେଇ କାନ୍ଧେଇ ବହୁଦୂରତା ବିଶିଷ୍ଟ କନକା ଓ କୁମାରୀ ମୌଜା ଶ୍ମଶାନଘାଟକୁ ନେବାରେ ଦହଗଞ୍ଜ ହୋଇପଡୁଛନ୍ତି । କପିଳେଶ୍ୱର ମନ୍ଦିର ସାମ୍ନା ତୋରାବଣ ପାଶର୍ବ ଋଷିକୁଲ୍ୟା ନଦୀପଠାରେ ଗତ କିଛିବର୍ଷ ତଳେ ନିର୍ମାଣ କରାଯାଇଥିବା ଶବଦାହ ଗୃହକୁ କିଛି ବ୍ୟକ୍ତି ବେଆଇନ ଭାବରେ କବଜା କରିନେଇ ତାହା ନିକଟରେ ଗୃହ ନିର୍ମାଣ କରିଥିବା ହେତୁ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିଛି । ଏଥିପ୍ରତି ମୁଖ୍ୟ ଏନଏସି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ପ୍ରଶାସନ ସମ୍ପୂର୍ଣ୍ଣ ଉଦାସୀନତା ସାଜି ବସି ରହିଛି । ଶବଦାହ ଲାଗି କେବଳ ଋଷିକୁଲ୍ୟା ନଦୀ ହିଁ ଲୋକଙ୍କ ଭରସା ପାଲଟିଥିବା ବେଳେ ବର୍ଷା ହେବା ଓ ନଦୀରେ ପାଣିଆସିଲେ ଶବଟିଏ ଦାହ କରିବା, ଶୁଦ୍ଧିକାର୍ଯ୍ୟ କରିବା ଓ ମୃତବ୍ୟକ୍ତିଙ୍କ ଅସ୍ଥିମାନ ରଖିବାରେ ଅସୁବିଧା ହେଉଛି। ଏଣୁ ଏଥିପ୍ରତି ସରକାର ଓ ଗଞ୍ଜାମ ଜିଲାପାଳ ଦୃଷ୍ଟି ଦେଇ ଶ୍ମଶାନ ଗୃହ ଓ କ୍ରିୟାଘୁଠ ଗୃହ ନିର୍ମାଣ ଲାଗି ଜନସାଧାରଣ ଦାବି କରିଛନ୍ତି ।




## ଡାକ୍ତରଖାନାରେ ଅଜବ ଘଟଣା
## ପାର୍ବତୀ ସିଂ ଜାଗାରେ ରକ୍ତ ନେଲେ ପାର୍ବତୀ ବିନ୍ଧାଣୀ

**ଉଦଳା, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳା ଉପଖଣ୍ଡ ଡାକ୍ତରଖାନାରେ ଆଜି ଚିକିତ୍ସାରେ ଚରମ ବିଭ୍ରାଟ ହୋଇଥିବା ଅଭିଯୋଗ ହୋଇଛି । ରକ୍ତ ଆବଶ୍ୟକ ଥିବା ରୋଗୀ ବଦଳରେ ଅନ୍ୟ ଜଣଙ୍କୁ ରକ୍ତ ଦିଆଯିବା ଘଟଣାରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ମିଳିଥିବା ଖବର ଅନୁସାରେ ଉଦଳା ୱାର୍ଡର ୧ ନମ୍ବର ବେଡରେ ପାର୍ବତୀ ସିଂ ନାମ୍ନୀ ମହିଳାଙ୍କ ରକ୍ତ ଆବଶ୍ୟକ ଥିବାବେଳେ ସ୍ୱାସ୍ଥ୍ୟକର୍ମୀ ୨୧ ନମ୍ବର ବେଡରେ ଥିବା କୋଚିଲା ଡିହା ଗ୍ରାମର ପାର୍ବତୀ ବିନ୍ଧାଣୀ ନାମ୍ନୀ ମହିଳା ରୋଗୀଙ୍କୁ ରକ୍ତ ଲଗାଇ ଦେଇଥିଲେ । ତେବେ ୨୬ ବର୍ଷୀୟା ପାର୍ବତୀ ହଠାତ ବୁଝିପାରି ନ ଥିଲେ । ତାଙ୍କ ରକ୍ତ ପାଇଁ କୌଣସି ଡାକ୍ତର ପରାମର୍ଶ କରି ନ ଥିଲେ । ୧୦ ମିନିଟ ପରେ ସେ ଅଣନିଃଶ୍ୱାସୀ ହୋଇପଡ଼ିବାରୁ ତାଙ୍କର ମାଆ ସ୍ୱାସ୍ଥ୍ୟକର୍ମୀଙ୍କୁ ଡାକିଥିଲେ । ସେତେବେଳେ ଜଣା ପଡ଼ିଥିଲା ଭୁଲ୍‌ରେ ରକ୍ତ ଦିଆଯାଇଛି । ତେବେ ଘଟଣା ଜାଣିବା ପରେ ଡାକ୍ତରୀଦଳ ଆସି ରୋଗୀର ଅବସ୍ଥା ଯାଞ୍ଚ କରି ସ୍ୱାଭାବିକ କରିଥିଲେ । ତେବେ ଏଭଳି ଭୁଲ୍ ନେଇ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ ।

# ପଞ୍ଚାୟତ ପ୍ରତିନିଧିଙ୍କ ଅହୋରାତ୍ର ଧାରଣା

**ନିଆଳି, ୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ପ୍ରଶାସନର ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପେକ୍ଷା ଓ ଉନ୍ନୟନମୂଳକ କାର୍ଯ୍ୟରେ ଶୀତଳତା ଆଦି ବିରୋଧରେ ୬ ଦଫା ଦାବି ନେଇ ଜନ ପ୍ରତିନିଧିମାନଙ୍କର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆହୋରାତ୍ର ଧାରଣା ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗାନ୍ଧିଜୀଙ୍କ ଫୋଟୋ ରଖି ସୋମବାର ସକାଳ ୧୦ ଘଟିକା ସମୟରୁ ଧାରଣା ଆରମ୍ଭ ହୋଇଛି । ନିଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜନପ୍ରତିନିଧି ମାନେ ଧାରଣାରେ ସାମିଲ ହୋଇଛନ୍ତି । ବ୍ଲକ ପ୍ରଶାସନ ଜିପିଡିପିରେ ଥିବା ପ୍ରକଳ୍ପଗୁଡିକୁ କାର୍ଯ୍ୟ କରିବାରେ ଅସହଯୋଗ କରିବା ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡିକ ସଭ୍ୟ ସଭ୍ୟାମାନଙ୍କ ତଦାରଖରେ କରାଯିବାକୁ ସମିତି ବୈଠକରେ ନିଷ୍ପତି ନିଆଯାଇ ଥିଲେ ସୁଧା ବିଭାଗୀୟ ଯନ୍ତ୍ରୀମାନେ ଅଟକଳ ଫର୍ଦ୍ଦ ଦେଉନାହାନ୍ତି । ଯାହାଫଳରେ କାର୍ଯ୍ୟାଦେଶ କରିବା ସମ୍ଭବ ହେଉନାହିଁ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ କାର୍ଡ ଧାରୀମାନଙ୍କୁ କାର୍ଯ୍ୟ ଯୋଗାଇଦେବା ପାଇଁ ସରକାରଙ୍କ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ମନ ମୁଖୀ କାର୍ଯ୍ୟନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରତି ଆଶାଳିନ ବ୍ୟବହାର ସହିତ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତାରେ ଅସହଯୋଗ ପଞ୍ଚାୟତ ସମିତିର ମୁଖ୍ୟ ଅଧ୍ୟକ୍ଷ ହୋଇଥିଲେ ମଧ୍ୟ ତାହାର ସୂଚନା ପ୍ରଦାନ କରାଯାଉନାହିଁ । ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ସମ୍ବନ୍ଧରେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅବଗତ କରାଯାଉନାହିଁ । ନିଆଳି ବ୍ଲକରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବଦଳି ଦାବିରେ ଧାରଣା ଚାଲୁ ରହିଛି । ଏହି ଧାରଣାରେ ଉପାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ଏକ ବରୁଆ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ରାଣୀଓଳା ସରପଞ୍ଚ ତ୍ରିନାଥ ମହନ୍ତି, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ତିହୁଡି ସରପଞ୍ଚ ଅଶ୍ୱିନୀ କୁମାର ମହାନ୍ତି, ବାହାରଣା ସରପଞ୍ଚ ବିଜୟ ରାମ ପଣ୍ଡା, ଏରଞ୍ଚ ସରପଞ୍ଚ ନିରଞ୍ଜନ ବେହେରା, ବିଳାଶୁଣି ସରପଞ୍ଚ ସବିତା ନନ୍ଦ, ପହଂଗା ସରପଞ୍ଚ ନମିତା ବାରିକ, ନିଆଳି ସରପଞ୍ଚ ବବିତା ରାଣୀ ବେହେରା, କସର୍ଦା ସରପଞ୍ଚ ସୁରେଶ ପଟନାୟକ, ସମିତି ସଭ୍ୟ ଅବିନାଶ ପ୍ରଧାନ, କଲ୍ୟାଣୀ ବଡୁ, ସମ୍ପଦ ମହାନ୍ତି, ସମିତି ସଭ୍ୟା ଗାୟତ୍ରୀ ବେହେରା, ମିତାରାଣୀ ବାରିକ, ଏଲିନା ବେଥ ସାହୁ, ଶଗଡ଼ାଇଲୋ ସରପଞ୍ଚ ଉପସ୍ଥିତ ରହିଥିଲେ । ଧାରଣା ସ୍ଥଳରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଶିକ୍ଷକ ପ୍ରଦୀପ୍ ଦାସ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ।



## ହତ୍ୟା ଅଭିଯୁକ୍ତକୁ ୫ବର୍ଷ ଜେଲ୍

**ଢେଙ୍କାନାଳ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଥାନା ଷଡ଼ଙ୍ଗୀ ଅଞ୍ଚଳରେ ଗତ ୯.୨.୨୦୨୨ ରିଖରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାଟିକୁ ବିଚାରକରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଜଜ ତଥା ଭିଜିଲାନ୍ସ ସ୍ପେଶାଲ ଜଜ ଶ୍ରୀମତୀ ପ୍ରଣତି ସାହା ଆସାମୀ ଦାଶରଥି ବେହେରାଙ୍କୁ ୩୦୪ଦଫାରେ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ପାଞ୍ଚ ହଜାର ଜରିମାନା ପାଇଁ ରାୟରେ ଉଲେଖ କରିଛନ୍ତି ।

ସୂଚନା ଅନୁଯାୟୀ ଗନ୍ଦିଆ ଥାନା ଅଞ୍ଚଳର ଉଦ୍ଧବ ପାତ୍ର ଗାଁକୁ ଗାଁ ବୁଲି ବ୍ୟବସାୟ କରେ. ୯.୧୨.୨୨ତାରିଖରେ ଉଦ୍ଧବ ବ୍ୟବସାୟ ନିମନ୍ତେ ଷଡ଼ଙ୍ଗୀ ଅଞ୍ଚଳକୁ ଯାଇଥିବା ବେଳେ ମନ୍ଦାର ଚୈତନ୍ୟ ମଠର ବାବା ଦାଶରଥି ବେହେରା କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ଉଦ୍ଧବକୁ ନିଜର କମଣ୍ଡଲୁ ସାହାଯ୍ୟରେ ଆକ୍ରମଣ କରିଥିଲେ ପରେ ଏକ ଫୁଙ୍କନଳା ସାହାଯ୍ୟରେ ଉଦ୍ଧବକୁ ପିଟିପିଟି ହତ୍ୟା କରିଥିଲେ । ଏ ନେଇ ମୃତକଙ୍କ ପିତା ଗନ୍ଦିଆ ଥାନାରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ୪୦/୨୦୨୨ରେ ଦଫା ୩୦୨ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାଟିକୁ ବିଚାର ପତି ଶ୍ରୀମତୀ ସାହା ସିଟିନଂ ୪୦ ଦଫା ୩୦୨ରେ ଶୁଣାଣି କରି ୨୦ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଏହି ରାୟ ପ୍ରକାଶ କରିଛନ୍ତି । ଏହି ମାମଲାଟିକୁ ଢେଙ୍କାନାଳ ଡେପୁଟି ଡ଼ାଇରେକ୍ଟର ପ୍ରଶିକ୍ୟୁସନ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରଶିକ୍ୟୁଟର ବିମଳେନ୍ଦୁ ମହାପାତ୍ର, ଅକ୍ଷୟ କୁମାର ଭୋଇ, ଗଣେଶ୍ୱର ସାହୁ ପରିଚାଳନା କରିଥିଲେ ।

## ଯୁବକଙ୍କୁ ଦଳିଦେଲା ହାତୀ

**ତେଲକୋଇ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ତେଲକୋଇ ବନାଞ୍ଚଳ ରୁଗୁଡିମୁଣ୍ଡା ସାହିରେ ହାତୀ ଆକ୍ରମଣ ହୋଇଛି । ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଚାଷ ଜମିରେ ହାତୀପଲଙ୍କୁ ଘଉଡାଇବା ବେଳେ ଆକ୍ରମଣର ଶିକାର ହୋଇଥିଲେ ଯୁବକ । ଅନ୍ୟ ଜଣେ ଗୁରୁତର ଯୁବକ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି । ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ବିଷ ପିଇ ଯୁବତୀଙ୍କ ମୃତ୍ୟୁ

**ଗଞ୍ଜାମ, ୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ଚଢେୟାପଲ୍ଲୀ ଗାଁର ଜନୈକା ଯୁବତୀ ବିଷ ପିଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତା ଯୁବତୀ ଜଣକ ହେଲେ କାଳିଆ ପ୍ରଧାନଙ୍କ ଝିଅ ମାମି ପ୍ରଧାନ (୨୬) । ଏ ନେଇ କେସ୍ ନଂ ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ପାରିବାରିକ ଅଶାନ୍ତି କାରଣରୁ ଗତ ରବିବାର ରାତିରେ ମାମି ଚାଉଳ ପୋକ ମାରିବା ପାଇଁ ବ୍ୟବହୃତ ବିଷ ଖାଇ ଦେଇଥିଲେ । ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ପାଲଟିଛି ମରଣଯନ୍ତା

**ବୈଶିଙ୍ଗା, ୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ । ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି । ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନଂ ଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନବାହାନ ଚଳାଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦ କିମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇ ତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଂ ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବାର ଚୁକ୍ତି ରହିଛି । ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧାସଳଖ ବିଭାଗର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ । ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣାବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି । ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳାଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ । ଏତଦ ବ୍ୟତିତ ଏହି ରାସ୍ତା ଜାରକାରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରିକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନାହିଁ କି ରାଜନେତାଙ୍କ ଦୃଷ୍ଟି ମଧ୍ୟ ନପଡିବାରୁ ୫ଟି ପଞ୍ଚାୟତର ୫୦୦୦ ହଜାରରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି ।









ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତନ୍ତ୍ରର ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ 'ଲୋକଭବନ' ନାମରେ ନାମିତ କରାଯିବା ଏକ ଉତ୍ତମ ନିଷ୍ପତ୍ତି ନିଶ୍ଚିତ ଭାବରେ । ହେଲେ ଉପନିବେଶ ଯୁଗର ଅନେକ ଢାଞ୍ଚାକୁ ଆମେ ଆଜିବି ବଜାୟ ରଖିଛେ । କ୍ରିକେଟ୍ ଖେଳ ପାଇଁ ତ ଆମେ ପାଗଳ । ବ୍ରିଟିଶ ଲୋକେ ବ୍ୟାଟିଂ କରୁଥିଲେ ଏବଂ ଆମ ଲୋକେ ବାଉଣ୍ଡାରୀରେ ରହି ବଲ୍ ଗୋଟାଉଥିଲେ । ବ୍ୟାଟିଂର ସୁଯୋଗ ମିଳୁନଥିଲା ଭାରତୀୟମାନଙ୍କୁ । ଏଭଳି ଏକ ସ୍ମୃତିକୁ ଆମେ ଭୁଲିଯିବା ଦରକାର ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୩ ଡିସେମ୍ବର, ୨୦୨୫ | ବୁଧବାର



## ଓଡ଼ିଶା ଏକ୍ସପ୍ରେସ୍


## ମାନସିକତାର ପରିବର୍ତ୍ତନ ଦରକାର

ବଦଳିଲା ରାଜଭବନର ନାଁ। ରାଜଭବନର ନୂଆ ନାଁ ହେଲା 'ଲୋକଭବନ'। ଏଇ ପରିବର୍ତ୍ତନ ସମ୍ପର୍କରେ ରାଜଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି । ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ରାଜ୍ୟପାଳ ଏ ନାମକରଣକୁ ଅନୁମୋଦନ କରିଛନ୍ତି ।

୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନର ନାମକୁ 'ଲୋକଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା।

ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ଏ ନାମ। 'ଲୋକଭବନ' ସ୍ୱଚ୍ଛତା, ସୁଗମତା ଓ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ ହେବ । 'ଲୋକଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ ।

ପ୍ରଶ୍ନ ଉଠୁଛି ଯେ, ନାମ ପରିବର୍ତ୍ତନର କ'ଣ କିଛି ପ୍ରଭାବ ରହିଛି? ଯେତେବେଳେ ବି ନୂଆ ପୋଲିସ ଡିଜି ଦାୟିତ୍ୱ ଗ୍ରହଣ କରନ୍ତି ସେ ପୋଲିସ ଭାଇମାନଙ୍କୁ ଲୋକଙ୍କ ସହ ଉତ୍ତମ ବ୍ୟବହାର କରିବାର ପରାମର୍ଶ ଦେଇଥାନ୍ତି । 'ପିପୁଲ୍ସ ପୋଲିସ' ବା ଲୋକଙ୍କ ପୋଲିସ ଭାବରେ କାମ କରିବାକୁ କହିଥାନ୍ତି । ସେ ପରାମର୍ଶର ପ୍ରଭାବ ପୋଲିସ ଭାଇମାନଙ୍କ ଉପରେ କେତେ ପଡ଼େ ସେକଥା କହିବାର ଆବଶ୍ୟକତା ନାହିଁ । ପୋଲିସ ବଦଳରେ 'ଲୋକଙ୍କ ପୋଲିସ' ନାମ ଦିଆଗଲେ ଯେ ପୋଲିସ କର୍ମଚାରୀମାନଙ୍କ ମାନସିକତା ବଦଳିଯିବ ଏକଥା ନ କହିବା ଭଲ ।

ସରକାରୀ କର୍ମଚାରୀମାନଙ୍କୁ ଇଂରାଜୀରେ 'ଗଭର୍ଣ୍ଣମେଣ୍ଟ ସରଭ୍ୟାଣ୍ଟ' ବା ଓଡ଼ିଆରେ କହିଲେ 'ସରକାରୀ ସେବକ' କୁହାଯାଏ । ସେମାନେ କେତେ ନିଷ୍ଠାର ସହ ଲୋକଙ୍କୁ ସେବା ଯୋଗାନ୍ତି ସେକଥା ସମସ୍ତେ ଜାଣନ୍ତି । ଯଦି ସରକାରୀ କର୍ମଚାରୀଙ୍କ ନାଁ ପୂର୍ବରୁ ସଚ୍ଚୋଟ ଶବ୍ଦଟେ ଯୋଡ଼ାଯାଏ ସେମାନେ ସଚ୍ଚୋଟ ହୋଇଯିବେ କି? ପ୍ରତିବର୍ଷ ତ ଦୁର୍ନୀତି ନ କରିବା ପାଇଁ ଶପଥ ନେଇଥାନ୍ତି ସରକାରୀ କର୍ମଚାରୀମାନେ । ତା'ହେଲେ ଦେଶରେ ଏତେ ଦୁର୍ନୀତି ରହିଛି କାହିଁକି? ପ୍ରତିଦିନ ଖବରକାଗଜ ଓଲଟାଇଲେ ସରକାରୀ ସେବକମାନଙ୍କର ଦୁର୍ନୀତିର କାରନାମା ଆଖିରେ ପଡ଼େ । ଆମ ଦେଶରେ ତ ପ୍ରତିଟି ନକଲି ଜିନିଷ ଉପରେ 'ଶତ ପ୍ରତିଶତ ଅସଲି'ର ମୋହର ଲାଗିଥିବାର ଦେଖାଯାଏ । ତେଣୁ ନାମ ପରିବର୍ତ୍ତନ ସହ ମାନସିକତାର ପରିବର୍ତ୍ତନ ମଧ୍ୟ ଜରୁରୀ ।

ରାମଚନ୍ଦ୍ର ନାମଧାରୀ ପ୍ରତିଟି ଲୋକଙ୍କ ଆଚରଣ ଯେ ରାମଚନ୍ଦ୍ରଙ୍କ ଭଳି ଏକଥା କହିବା ଭୁଲ୍ ହେବ । ସମ୍ପୂର୍ଣ୍ଣ କୃପଣ ଲୋକର ନାଁ ମଧ୍ୟ ହରିଶ୍ଚନ୍ଦ୍ର ହୋଇପାରେ । ତେଣୁ ନାମ ଯେ ମଣିଷର ମାନସିକତାକୁ ପରିବର୍ତ୍ତନ କରିଦେଇପାରିବ ଏହାକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିହେଉନି । ବିବେକାନନ୍ଦ, ଗୋପବନ୍ଧୁ ଏବଂ ଅରବିନ୍ଦ ନାମଧାରୀ ଲୋକଙ୍କର ଅଭାବ ନାହିଁ ଆମ ଦେଶରେ । ସେମାନଙ୍କ ପାଖରେ ଯେ ଗାନ୍ଧୀ, ଗୋପବନ୍ଧୁ ଏବଂ ଅରବିନ୍ଦଙ୍କ ଭଳି ନୀତି ଏବଂ ନୈତିକତା ରହିଛି ଏକଥା କହିହେବନି ।

ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତନ୍ତ୍ରର ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ 'ଲୋକଭବନ' ନାମରେ ନାମିତ କରାଯିବା ଏକ ଉତ୍ତମ ନିଷ୍ପତ୍ତି ନିଶ୍ଚିତ ଭାବରେ । ହେଲେ ଉପନିବେଶ ଯୁଗର ଅନେକ ଢାଞ୍ଚାକୁ ଆମେ ଆଜିବି ବଜାୟ ରଖିଛେ । କ୍ରିକେଟ୍ ଖେଳ ପାଇଁ ତ ଆମେ ପାଗଳ । ବ୍ରିଟିଶ ଲୋକେ ବ୍ୟାଟିଂ କରୁଥିଲେ ଏବଂ ଆମ ଲୋକେ ବାଉଣ୍ଡାରୀରେ ରହି ବଲ୍ ଗୋଟାଉଥିଲେ । ବ୍ୟାଟିଂର ସୁଯୋଗ ମିଳୁନଥିଲା ଭାରତୀୟମାନଙ୍କୁ । ଏଭଳି ଏକ ସ୍ମୃତିକୁ ଆମେ ଭୁଲିଯିବା ଦରକାର । କିନ୍ତୁ ସେ ଖେଳକୁ ଆମେ ବେଶ୍ ଆଦରି ନେଇଛେ । ବେଶ୍ ପୋଷାକଠାରୁ ଆରମ୍ଭ କରି ଉପନିବେଶବାଦ ସମୟର ଭାଷାକୁ ଆମେ ଆଜିଯାଏଁ ଛାଡ଼ିପାରିନେ । ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପିଲାଙ୍କୁ ପଠାଇବା ପାଇଁ ବାପା ମା'ଙ୍କ ଆଗ୍ରହ ଦିନକୁ ଦିନ ବଢୁଛି, ବାପା ମା'ଙ୍କ ପାଇଁ ଏହା ଏକ ଗର୍ବର କଥା । ଅନ୍ୟପଟେ ସରକାରୀ ସ୍କୁଲ୍‌ରେ ଛାତ୍ରଛାତ୍ରୀ ଅଭାବରୁ ସ୍କୁଲ୍‌ରେ ତାଲା ପଡୁଛି । ଭାଷା ଆନ୍ଦୋଳନ ଆଜି ବି ଚାଲିଛି । ତେଣୁ ନାମ ପରିବର୍ତ୍ତନ ସହିତ ମାନସିକତାର ପରିବର୍ତ୍ତନ ମଧ୍ୟ ଜରୁରୀ । ଦସ୍ୟୁ ରତ୍ନାକରରୁ ବାଲ୍ମିକୀ ହେବା ପାଇଁ କଠୋର ସାଧନାର ଆବଶ୍ୟକତା ରହିଛି ।



ପ୍ରହ୍ଲାଦ କୁମାର ସିଂହ

# ରମା ସୁନ୍ଦରୀରୁ ମା' ରମାଦେବୀ

ରମା ସୁନ୍ଦରୀରୁ ମା' ରମାଦେବୀ ପର୍ଯ୍ୟନ୍ତ ତାଙ୍କ ସୁଦୀର୍ଘ ଜୀବନଯାତ୍ରା ଥିଲା ବେଶ ରୋମାଞ୍ଚକର । ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ସହରରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ବାପା ଗୋପାଳ ବଲ୍ଲଭ ଦାସ ଥିଲେ ଡେପୁଟି କଲେକ୍ଟର ଓ ସ୍ୱାଧୀନଚେତା ଲେଖକ । ତାଙ୍କ ବଡ଼ବାପା ଥିଲେ ଉତ୍କଳ ଗୌରବ ମଧୁସୂଦନ । ଅଜା ଜମିଦାର ନନ୍ଦକିଶୋର ଦାସ ଓ ମାମୁ ରାଜକିଶୋର ଦାସ ଥିଲେ ଉଚ୍ଚ ପାହ୍ୟାର ସରକାରୀ ଅଧିକାରୀ । ମାତ୍ର ୧୫ବର୍ଷ ବୟସରେ ରମା ସୁନ୍ଦରୀଙ୍କର ବିବାହ ହୋଇଥିଲା ଖେରସର ଜମିଦାର ତଥା ବିଶିଷ୍ଟ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କ ସହ । ତାଙ୍କ ମା' ବସନ୍ତ କୁମାରୀ ଥିଲେ ଓଡ଼ିଆ ଭାଷାର ପ୍ରଥମ ମହିଳା ପତ୍ରିକା 'ପରିଚାରିକା'ର ସଂପାଦିକା । ପିଲାଦିନୁ ପରିବାରର ସଂସ୍କାର ବିଶେଷକରି ବଡ଼ବାପା ମଧୁସୂଦନଙ୍କ ବ୍ୟକ୍ତିତ୍ୱ ତାଙ୍କୁ ଏକ ନିଆରା ମଣିଷରେ ଗଢ଼ିତୋଳିବା ସହ ଦେଶ ସେବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ୧୯୦୮ ମସିହାରେ ତାଙ୍କୁ ଯେତେବେଳେ ମାତ୍ର ୯ବର୍ଷ ସେହି ସମୟରେ ତରୁଣ ବିପ୍ଳବୀ ଖୁଦିରାମଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ସେଦିନ ୯ବର୍ଷ ଝିଅ ରମା ସପରିବାର ଉପବାସ ବ୍ରତ ରଖି ଶହୀଦଙ୍କ ସମ୍ମାନରେ କଟାଇଥିଲେ । ତାଙ୍କ ନାମରେ ଏବେ ଭୁବନେଶ୍ୱରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରହିଛି । କିନ୍ତୁ ରମାଦେବୀଙ୍କର କୌଣସି ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ବି ନଥିଲା । ସ୍ୱାଧ୍ୟାୟ ଓ ସାଧନା ବଳରେ ସେ ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଦକ୍ଷତା ଲାଭ କରିଥିଲେ । ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ, ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବାସକବି ଫକୀରମୋହନଙ୍କ ଭଳି ମହାପୁରୁଷମାନଙ୍କୁ ବତିଘର କରି ସେ ଆଗେଇଥିଲେ ।

ବିବାହ ପରେ ଗୋପବନ୍ଧୁ ଚୌଧୁରୀ ତାଙ୍କୁ ପ୍ରଥମ ପ୍ରଶ୍ନ କରିଥିଲେ, ଆମ ଜୀବନରେ ଆମେ କ'ଣ କରିବା? ନବବଧୂଙ୍କର ସଂକ୍ଷିପ୍ତ ଉତ୍ତର ଥିଲା, ପରୋପକାର । ବିବାହର ଅଳ୍ପଦିନ ମଧ୍ୟରେ ସେ ତାଙ୍କର ବାପା ଓ ଶ୍ୱଶୁରଙ୍କୁ ହରାଇଥିଲେ । ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥାଇ ବରୀ ବନାଞ୍ଚଳର ଦୁର୍ଦ୍ଦଶା ସମ୍ପର୍କରେ ସରକାରଙ୍କୁ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ବଦଳାଇବା ଲାଗି ଚାପ ହେବାରୁ ସ୍ୱାଧୀନଚେତା ଗୋପବନ୍ଧୁ ଚାକିରି ଛାଡ଼ିବା ପାଇଁ ମନସ୍ଥ କରି ସହଧର୍ମିଣୀ ରମାଦେବୀଙ୍କ ପରାମର୍ଶ ଲୋଡ଼ିଥିଲେ । ସେତେବେଳେ ରମାଦେବୀଙ୍କ ଠାରୁ ସବୁଜ ସଂକେତ ପାଇ ତାଙ୍କ ଇସ୍ତଫା ପତ୍ରରେ ଲେଖିଥିଲେ ଯେ ସରକାରୀ ଚାକିରିରେ ମଣିଷ ଜୀବନର ବିକାଶର ସ୍ଥାନ ନାହିଁ । ଚାକିରି ଛାଡ଼ି ଗୋପବନ୍ଧୁ ଚୌଧୁରୀ ସପରିବାର ସିଧା ଭେଟିଲେ ଉତ୍କଳମଣି ଗୋପବନ୍ଧୁଙ୍କୁ । ଉତ୍କଳମଣି ଓକିଲାତି କରିବା ବେଳେ କିଛିଦିନ ପାଇଁ ଗୋକୁଳାନନ୍ଦ ଚୌଧୁରୀଙ୍କ ଜୁନିଅର ଭାବେ ତାଲିମ ନେଇଥିଲେ । ବସ୍ତୁତଃ ବନ୍ୟା ବିପତ୍ତିରୁ ଓଡ଼ିଶା ପାଇଛି ଦୁଇଟି ରତ୍ନ-ଜଣେ ହେଲେ ଗୋପବନ୍ଧୁ ଦାସ ଓ ଅନ୍ୟଜଣେ ଗୋପବନ୍ଧୁ ଚୌଧୁରୀ ।

ଗୋପବନ୍ଧୁ ଚୌଧୁରୀ କଟକରେ ଭାରତୀ ମନ୍ଦିର ନାମରେ ଯେଉଁ ଛୋଟ ପାଠାଗାରଟିଏ ଗଢ଼ିଥିଲେ ସେଥିରେ ସାମିଲ ଥିଲେ ରେଭେନ୍ସା କଲେଜରେ ପଢୁଥିବା ତାଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନଗୋ, ଯଦୁମଣି ମଙ୍ଗରାଜ, ବଂଶୀଧର ମିଶ୍ର ପ୍ରମୁଖ । ଗୋପବନ୍ଧୁ ଚାକିରି ଛାଡ଼ିବା ପୂର୍ବରୁ ଏହି ଯୁବଗୋଷ୍ଠୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ପାଠପଢ଼ା ଛାଡ଼ି ଦେଇଥିଲେ । ୧୯୨୧ ମାର୍ଚ୍ଚ ୨୩ରୁ ମହାତ୍ମା ଗାନ୍ଧୀଙ୍କ ସପ୍ତାହ ବ୍ୟାପି ଓଡ଼ିଶା ଗସ୍ତ ଅବସରରେ କଟକରେ ଯେଉଁ ମହିଳା ସଭାଟିଏ ହୋଇଥିଲା ସେଥିରେ ରମାଦେବୀ, ସରଳାଦେବୀ, ସରୋଜିନୀ ଚୌଧୁରୀଙ୍କ ସମେତ ଅତିବେଶୀରେ ୪୦ଜଣ ମହିଳା ଯୋଗ ଦେଇଥିଲେ । ଅନ୍ୟମାନେ ସ୍ୱରାଜ ପାଣ୍ଠି ପାଇଁ ସେମାନଙ୍କ ଗହଣା ଦାନ କରିଥିବା ବେଳେ ରମାଦେବୀ କିନ୍ତୁ ଶାଶୁ ପଦ୍ମାବତୀଙ୍କ କଥା ମାନି ଗହଣା ଦେଇନଥିଲେ । ଗାନ୍ଧୀଙ୍କୁ ସେ ଭେଟି ଦେଇଥିଲେ ତାଙ୍କ ହାତକଟା ସୂତାମୋଡ଼ାଟିଏ । ବସ୍ତୁତଃ ଏହା ତାଙ୍କର ଜୀବନର ମୋଡ଼କୁ ବଦଳାଇ ଦେଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ସହ ଯୋଡ଼ିହେଲେ ଶାନ୍ତିନିକେତନର ପ୍ରଥମ ଛାତ୍ରୀ ମାଳତୀ ଦେବୀ ସାନ ଯା' ତଥା ସହକର୍ମିଣୀ ଭାବେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଆଦିରେ ରମାଦେବୀ ସପରିବାର ଓ ସବାନ୍ଧବେ ଯୋଗଦେଇ ବାରମ୍ବାର କାରାବରଣ କରିଛନ୍ତି । ଜଗତସିଂହପୁର ଅଳକା ଆଶ୍ରମ ଓ ବରୀର ସେବାଘର ଥିଲା ସେବା, ସଂଗ୍ରାମ ପାଇଁ ତାଙ୍କର ପ୍ରୟୋଗଶାଳା ।

ଯେଉଁ ସମୟରେ ମହିଳାମାନଙ୍କୁ ଓଢ଼ଣା ଆଢୁଆଳରେ ଘରଭିତରେ ରହିବାକୁ ବାଧ୍ୟ କରାଯାଉଥିଲା ସେତେବେଳେ ରମାଦେବୀ ଗାଁ ଗାଁ ବୁଲି ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା ସହ ନାରୀ କର୍ମୀ ସୃଷ୍ଟି କରୁଥିଲେ । ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା ଲବଣ ସତ୍ୟାଗ୍ରହ ସମୟରେ । ବାଲେଶ୍ୱରର ଶ୍ରୀଜଙ୍ଗଠାରୁ ଜଗତସିଂହପୁରର କୁଜଙ୍ଗ, ଅସ୍ତରଙ୍ଗର କୁହୁଡ଼ି, ଗଞ୍ଜାମର ରମ୍ଭା, ହୁମା ଆଦି ସ୍ଥାନରେ ଶହଶହ ମହିଳା ସତ୍ୟାଗ୍ରହୀ ଯେଭଳି ସାହସର ସହ ଲବଣ ଆଇନ ଭଙ୍ଗ କଲେ, ମଦ ଦୋକାନ ଆଗରେ ପିକେଟିଂ ସହ ବିଦେଶୀ ବସ୍ତ୍ର ଜାଳିଲେ ତାହା ଇତିହାସର ଗୌରବାବହ ଅଧ୍ୟାୟ। କେବଳ ରମାଦେବୀ ନୁହନ୍ତି- ସ୍ୱାମୀ ଗୋପବନ୍ଧୁ, ଦିଅର ନବକୃଷ୍ଣ, ଯାଆ ମାଳତୀଦେବୀ, ପୁଅ ମନମୋହନ, ଝିଅ ଅନ୍ନପୂର୍ଣ୍ଣା, ଜ୍ୱାଇଁ ଶରତଚନ୍ଦ୍ର, ଝିଆରୀ ଉତ୍ତରା ପ୍ରମୁଖ ବାରମ୍ବାର ସ୍ୱରାଜ ଆନ୍ଦୋଳନରେ କାରବରଣ କରିଥିଲେ ବି କେବେ ମୁଣ୍ଡ ନୁଆଁଇ ନାହାନ୍ତି । ତାଙ୍କ ଆକର୍ଷଣରେ ଅନେକ ଛୋଟଛୋଟ ପୁଅଝିଅ ଟାଣି ହୋଇ ଆସି ବାନର ସେନାରେ ଯୋଗ ଦେଇ ପାଠପଢ଼ା ଛାଡ଼ିଛନ୍ତି, ଲାଠିମାଡ଼ ଖାଇଛନ୍ତି, ଏମିତିକି ଜେଲ ବି ଯାଇଛନ୍ତି । ଏହି ବାନର ସେନାମାନେ ତାଙ୍କୁ ଆଦରରେ ମା' ବୋଲି ଡାକିବାରୁ ପରବର୍ତ୍ତୀ ସମୟରେ କେବଳ ଓଡ଼ିଶା ଭିତରେ କାହିଁକି ସାରା ଦେଶରେ ଗାନ୍ଧୀ ପ୍ରେମୀମାନେ ତାଙ୍କୁ ସମ୍ମାନର ସହ ମା' ବୋଲି ସମ୍ବୋଧନ କଲେ । ଗାନ୍ଧୀଜୀ ରମାଦେବୀଙ୍କୁ ହରିଜନ ସେବକ ସଂଘର ପ୍ରାଦେଶିକ ସମ୍ପାଦକ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ନିଧିର ପ୍ରତିନିଧି, ମହିଳା ସେବା ମଣ୍ଡଳ ଏବଂ ଅଖିଳ ଭାରତ ଚରଖା ସଂଘର ଟ୍ରଷ୍ଟି, ହିନ୍ଦୁସ୍ଥାନୀ ତାଲିମ ସଂଘର ସଦସ୍ୟ, ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ, ସର୍ବଭାରତୀୟ ମହିଳା ସମ୍ମିଳନୀର ସଦସ୍ୟ, ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଆଦି ବିଭିନ୍ନ ସଂଗଠନର ଗୁରୁଦାୟିତ୍ୱ ଦେଇଥିଲେ ଏବଂ ସେ ସବୁକୁ ସେ ନିଷ୍ଠାର ସହ ବି ତୁଲାଇଥିଲେ ।

୧୯୨୧ରୁ ୧୯୪୬ ପର୍ଯ୍ୟନ୍ତ ଗାନ୍ଧୀଜୀଙ୍କ ପ୍ରତିଟି ଓଡ଼ିଶା ଗସ୍ତରେ ସେ ଯୋଡ଼ି ହୋଇଥିଲେ । ୧୯୨୨ରୁ ବିଭିନ୍ନ ସମୟରେ କଂଗ୍ରେସ ଅଧିବେଶନରେ ସେ ଓଡ଼ିଶାର ପ୍ରତିନିଧି ଭାବେ ଯୋଗ ଦେଉଥିଲେ । ଓଡ଼ିଶା ଭିତରେ ଏବଂ ଓଡ଼ିଶା ବାହାରେ ହଜାରିବାଗ, ଭାଗଲପୁର ଭଳି ବିଭିନ୍ନ ଜେଲରେ ସେ ବନ୍ଦୀ ଜୀବନ କାଟିଛନ୍ତି । ତାଙ୍କ ବିରୋଧରେ ବ୍ରିଟିଶ ସରକାର ବହୁ ମିଛ ମାମଲା ରୁଜୁ କରିଥିଲେ । ଏପରିକି ଝିଅ ଅପହରଣ ଭଳି ସାଙ୍ଘାତିକ ଦଫା ଲଗାଇ ତାଙ୍କୁ ମଧ୍ୟ ଜେଲଦଣ୍ଡ ଦିଆଇଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ବିଭିନ୍ନ କାମରେ ବି ସେ ଜଣେ ସ୍ୱେଚ୍ଛାସେବିକା ଭାବରେ ସହାୟତା କରୁଥିଲେ । ଏକ ଜମିଦାର ପରିବାରର ବୋହୂ ଓ ଉତ୍କଳ ଗୌରବଙ୍କ ଭଳି ଏକ ଆଭିଜାତ ସମ୍ପନ୍ନ ପରିବାରର କନ୍ୟା ହୋଇ ବି ସେ ସ୍ୱେଚ୍ଛାକୃତ ସପରିବାର ଦାରିଦ୍ର୍ୟବରଣ କରିବା ସଂଗେ ସଂଗେ ଦେଶ କାମ ପାଇଁ ତାଙ୍କର ସମସ୍ତ ଗହଣା ଓ ଭୂସଂପତ୍ତି ଦାନ କରିଦେଇଥିଲେ । ୧୯୩୪ ମସିହାରେ ଗାନ୍ଧୀଜୀଙ୍କ ପ୍ରାୟ ମାସେ ବ୍ୟାପି ଓଡ଼ିଶାରେ ହରିଜନ ପଦଯାତ୍ରାର ସେ ଥିଲେ ଅନ୍ୟତମ ସଂଚାଳିକା । ୧୯୩୮ରେ ବେରବୋଇ ଠାରେ ଗାନ୍ଧୀ-ପଟେଲ ଆଦିଙ୍କ ଉପସ୍ଥିତିରେ ଅନୁଷ୍ଠିତ ସପ୍ତାହ ବ୍ୟାପି ସେବା ସଂଘ ବୈଠକରେ ବି ସେ ଥିଲେ ସଂଯୋଜିକା । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଚାହିଁଥିଲେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ବସିପାରିଥାନ୍ତେ । କିନ୍ତୁ ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ନିଜ ଜୀବନକୁ ବାଜି ଲଗାଇ ଦେବା ସହ ନିଜର ଦୁଇ ପୁଅଝିଅଙ୍କୁ ବି ସରକାରୀ ସ୍କୁଲକୁ ପାଠ ପଢ଼ାଇବାକୁ ଛାଡ଼ିନଥିଲେ । ଅବଶ୍ୟ ପୁଅ ମନମୋହନ ଓ ଝିଅ ଅନ୍ନପୂର୍ଣ୍ଣା ତାଙ୍କ ଭଳି ସ୍ୱାଧ୍ୟାୟ ଓ ସାଧନା କରି ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଯାଇଛନ୍ତି ।

ଗାନ୍ଧୀଜୀଙ୍କ ଅବର୍ତ୍ତମାନରେ ବିନୋବା ଭାବେଙ୍କ ସହ ମିଶି ଭୂଦାନ ଯଜ୍ଞକୁ ସଫଳ କରାଇବାରେ ଚୌଧୁରୀ ପରିବାରର ଥିଲା ଅନବଦ୍ୟ ଅବଦାନ । ଯେତେବେଳେ ଯେଉଁଠି ବି କିଛି ପ୍ରାକୃତିକ ବିପଦ, ଛାତ୍ର ଅଶାନ୍ତି, ସାମ୍ପ୍ରଦାୟିକ ଦଙ୍ଗା ଆଦି ଘଟିଛି ସେଠି ରମାଦେବୀ ସାହସର ସହ ଆଗକୁ ଯାଇ ସମାଧାନର ବାଟ କାଢ଼ିଛନ୍ତି । ଏମିତିକି ଚୀନ ଯୁଦ୍ଧ ସମୟରେ ଆସାମ ସୀମାନ୍ତରେ ଏବଂ ବାଂଲାଦେଶ ମୁକ୍ତି ସଂଗ୍ରାମ ବେଳେ ଦିନାଜପୁରର ହିଲି ଅଞ୍ଚଳରେ ସେ ଲୋକଙ୍କ ମନୋବଳ ବଢ଼ାଇବା ସହ ଗୁଳିଗୋଳାକୁ ଖାତିର ନକରି ସେବାର ପତାକା ଉଡ଼ାଇଛନ୍ତି । ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ସେ ଥିଲେ ଅନ୍ୟତମ ମାର୍ଗଦର୍ଶିକା । ଜରୁରୀ ପରିସ୍ଥିତି ବେଳେ ତାଙ୍କ ପରିବାରର ଅନେକଙ୍କୁ ଗିରଫ କରାଯାଇଥିଲା । ରାଜ୍ୟ ଭିତରେ ଓ ବାହାରେ ଏବେ ବି ତାଙ୍କ ସେବାର ସନ୍ତକ ଦେଖାଯାଏ । ଦେଶ ବିଦେଶର ବହୁ ସଂସ୍ଥା ତାଙ୍କୁ ସମ୍ମାନ ପ୍ରଦାନ କରି ନିଜେ ସମ୍ମାନିତ ହୋଇଛନ୍ତି । ତାଙ୍କ ଉପରେ ଯମୁନାଲାଲ ବଜାଜ ପୁରସ୍କାର ଠାରୁ ଶାରଳା ପୁରସ୍କାର ପର୍ଯ୍ୟନ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ବିଧି ପରମ ଭୂଷଣ' ଆଦି ଅଜାଡ଼ି ହୋଇପଡିଛି । ପଦ୍ମ ସମ୍ମାନକୁ ସେ ଏଡ଼ାଇ ଯାଇଛନ୍ତି । ତାଙ୍କ ନାମରେ ନୌସେନା ଏକ ତଟବର୍ତ୍ତୀ ଜାହାଜକୁ ନାମିତ କରିଛି । ଭାରତ ସରକାର ମଧ୍ୟ ସ୍ମାରକୀ ଡାକ ଟିକେଟ ପ୍ରଚଳନ କରିଛନ୍ତି । ଏମିତି ତାଲିକା ଢେର ଲମ୍ବା ।

ମା' ରମାଦେବୀଙ୍କର ମହାପ୍ରୟାଣ ଘଟିଲା ୧୯୮୫ ଜୁଲାଇ ୨୨ ରାତିରେ । କଟକ ଖାନନଗର ଶ୍ମଶାନରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ତାଙ୍କ ଶବାଧାରରେ ଯେତେବେଳେ ଆମେ କେତେଜଣ ଜୁଇ ଚାରିପଟେ ପରିକ୍ରମା କରାଉଥିଲୁ ସେ ସମୟରେ ଶରୀର ରୋମାଞ୍ଚିତ ହୋଇ ଉଠୁଥିଲା । ଶତାଧିକ ସ୍ୱାଧୀନତା ସଂଗ୍ରାମୀ, ରଚନାତ୍ମକ କର୍ମୀ, ଛାତ୍ର, ଯୁବକ, ମହିଳା, ଶ୍ରମିକ, ରାଜନେତା ଆଦି ବିଭିନ୍ନ ବର୍ଗର ଲୋକେ ସେଠି ସମବେତ ହୋଇଥିଲେ ମା'ଙ୍କୁ ବିଦାୟ ଦେବା ପାଇଁ । ସେ କୌଣସି ସାମ୍ବିଧାନିକ ପଦପଦବୀକୁ ନିର୍ବାଚିତ ହୋଇନଥିଲେ ମଧ୍ୟ କୃତଜ୍ଞ ରାଷ୍ଟ୍ର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତିମ ସଂସ୍କାର କରାଇଥିଲା । ଯେଉଁ ସ୍ୱରାଜ ହାସଲ ସହିତ ଗାନ୍ଧୀ-ଗୋପବନ୍ଧୁଙ୍କ କଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ପାଇଁ ରମାଦେବୀଙ୍କ ଭଳି ସଂଗ୍ରାମୀମାନେ ସେମାନଙ୍କ ଜୀବନକୁ ବାଜି ଲଗାଇ ଦେଇଛନ୍ତି ତାହା ଏବେ ବି ଅଧୁରା ରହିଛି । ଏହାକୁ ଫଳପ୍ରସୂ କରିବା ଲାଗି ସତେ ଯେମିତି ମା' ରମାଦେବୀଙ୍କ ପବିତ୍ର ଆତ୍ମା ପୁଣ୍ୟଭୂମି ଭାରତର ପୁଅଝିଅମାନଙ୍କୁ ନମ୍ର ନିବେଦନ କରୁଛନ୍ତି । ମା' ରମାଦେବୀଙ୍କ ଭଳି ସ୍ୱରାଜ ସାଧିକାଙ୍କ ନିକଟ ବଳୟରେ କିଛିବର୍ଷ କାମ କରିବାର ଅମୃତ ସୁଯୋଗ ପାଇଥିବାରୁ ନିଶ୍ଚିତ ଭାବେ ଆମଭଳି କର୍ମୀମାନେ ନିଜକୁ ଧନ୍ୟ ମନେକରିବେ ।

*ମୋ. ୯୪୩୭୦୧୭୩୯୫*

# ବଣୁଆ ଶାସନର ଭିତିରି କଥା- (୨)



ଇତିହାସର ଇତି କଥା

ସତ୍ୟବାଦୀ ବଳିଆରସିଂହ

ରଣପୁରର 'ତଣ୍ଟିକଟା' ବା 'ମାଘମାସିଆ'ମାନଙ୍କୁ ଉତ୍ତର ଭାରତର ଠଗମାନଙ୍କ ସଙ୍ଗେ ତୁଳନା କରାଯାଇପାରେ । ରଣପୁରରେ ତଣ୍ଟିକଟାମାନେ ଠଗମାନଙ୍କ ଅପେକ୍ଷା ଅଧିକ ସାଂଘାତିକ ଥିଲେ। ସେମାନେ ରକ୍ତପାଇଁ ନରସଂହାର କରୁଥିଲେ। ଠଗମାନଙ୍କୁ ସେଠାରେ ଶାସକ ଦମନ କରିଥିଲେ। କିନ୍ତୁ ରଣପୁରରେ ତଣ୍ଟିକଟାମାନଙ୍କୁ ରାଜା ଉତ୍ସାହିତ କରିଥିଲେ ଓ ସେମାନଙ୍କ ଭରଣପୋଷଣପାଇଁ ଜମିବାଡ଼ି ଖଞ୍ଜିଥିଲେ । ରାଜାଙ୍କର ଦୃଢବିଶ୍ୱାସ ଥିଲା, ନରବଳି ନ ଦେଲେ ରାଜ୍ୟର ରକ୍ଷାକର୍ତ୍ତୀ ତଥା ଅଧିଶ୍ୱରୀ ଦେବୀ ମଣିନାଗ ଦୁର୍ଗା କୋପାନ୍ୱିତା ହେବେ ଓ ରାଜ୍ୟର ଅମଙ୍ଗଳ ହେବ । ଏହି ଅନ୍ଧବିଶ୍ୱାସ ହିଁ ନରବଳି ଭଳି ଘୃଣ୍ୟ ତଥା ଜଘନ୍ୟ ପ୍ରଥାର କାରଣ ଥିଲା। ଜଗନ୍ନାଥ ମଣିନାଗ ଦୁର୍ଗାଙ୍କ ଚରଣାରବିନ୍ଦରେ ନରରକ୍ତ ଅର୍ପଣ କରାଯାଉଥିବାରୁ କବିବର ରାଧାନାଥ ଚନ୍ଦ୍ରଭାଗା କାବ୍ୟରେ ଲେଖିଛନ୍ତି-

ନରେନ୍ଦ୍ର ମଉଳି କୁସୁମ<br>
ରେଣୁ ରକ୍ତ ଚରଣା<br>
ମୈନାକ ଶିଖରବାସିନୀ<br>
ରଣପୁର ମଣ୍ଡନା।

ରଣପୁର ଅଞ୍ଚଳର ବୟୋବୃଦ୍ଧ ବ୍ୟକ୍ତିମାନଙ୍କ ଠାରୁ ମାଘମାସିଆ ବା ତଂଟିକଟାମାନଙ୍କ ସମ୍ବନ୍ଧରେ ବିଭିନ୍ନ ଲୋମହର୍ଷଣକାରୀ ସମ୍ବାଦମାନ ଶୁଣିବାକୁ ମିଳିଥାଏ। ବାସୁଦିଆ ଗ୍ରାମର ଅନନ୍ତ ପ୍ରଧାନ ତାଙ୍କ ପିଲାଦିନେ କିଭଳି ମାଘମାସିଆ କବଳରୁ ରକ୍ଷାପାଇଥିଲେ, ତାହା ନିମ୍ନମତେ ବର୍ଣ୍ଣିତ: ସେଦିନ ଥାଏ ରବିବାର ଓ ରଣପୁର ହାଟ। ହାଟସଉଦା କରିବାକୁ ସେ ଏକାକୀ ବାସୁଦିଆ ଗ୍ରାମରୁ ରଣପୁର ଅଭିମୁଖେ ଯାଇଥାନ୍ତି। ତତ୍କାଳୀନ ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ସେ ରାସ୍ତାରେ କିଛି ଦୂର ଅତିକ୍ରମ କଲାପରେ ଲକ୍ଷ୍ୟକଲେ, ଦଳେ ଲୋକ ରାସ୍ତାର ଅଳ୍ପ କେତେ ଗଜ ଦୂରରେ ଲୁଚିଛପି ବସିଛନ୍ତି। ସେ ସେମାନଙ୍କୁ ଦେଖି ମାଘାମାସିଆ ବୋଲି ଚିନ୍ତା କରି ତତ୍‌କ୍ଷଣାତ୍ ବୁଲିପଡ଼ି ନିଜ ଗ୍ରାମ ଅଭିମୁଖେ ଦୌଡ଼ିବାକୁ ଲାଗିଲେ। ମାଘାମାସିଆମାନଙ୍କ ଭିତରୁ ୨/୩ ଜଣ ଶ୍ରୀ ପ୍ରଧାନଙ୍କ ପଛେ ପଛେ ମଧ୍ୟ ଦୌଡ଼ିଲେ। ଶ୍ରୀ ପ୍ରଧାନ ଏକ ଖୋଲାସ୍ଥାନକୁ ଚାଲି ଆସିବାପରେ ମାଘମାସିଆମାନେ ଫେରି ଯାଇଥିଲେ। ଏହି ଘଟଣା ଘଟିବାର ୪/୫ ଘଣ୍ଟା ପରେ ନିକଟବର୍ତ୍ତୀ ଗ୍ରାମର ଜଣେ ଲୋକକୁ ମାଘମାସିଆମାନେ ଧରିନେଇ ତାର ତଣ୍ଟି କଣାକରି ରକ୍ତ ନେଇ ଯାଇଥିଲେ। 'ରକ୍ତପଟା' ଜାଗିର ପାଇଥିବା ମାଘମାସିଆମାନେ ନରବଳି ଦେବାକୁ ବାଧ୍ୟ ହେଉଥିଲେ। ମାଘାମାସର ପ୍ରତ୍ୟେକ ଦିନ ରାତ୍ରରେ ମଣିନାଗ ଠାକୁରାଣୀଙ୍କ ବାଉଁଶନଳୀରେ ସଂଗୃହୀତ ମଣିଷର ସଦ୍ୟରକ୍ତ ସମର୍ପଣ କରାଯାଏ। ମାଘାମାସରେ ପ୍ରଜାମାନେ ସାବଧାନରେ ଚଳୁଥିବାରୁ ଓ ବନ୍ଧୁବାନ୍ଧବଘର ଯିବାଆସିବା ପ୍ରାୟ ବନ୍ଦ କରିଦେଇଥିବାରୁ ମାଘମାସିଆ ବା ତଣ୍ଟିକଟାମବାନେ ନରରକ୍ତ ସଂଗ୍ରହ କରିବାରେ ବେଳେବେଳେ ବଡ଼ ଅସୁବିଧାରେ ପଡୁଥିଲେ । ଯଦି କୌଣସି ମାଘମାସିଆ ତା'ର ନିର୍ଦ୍ଦିଷ୍ଟ ପାଳିଦିନ ନରବଳି ସଂଗ୍ରହ କରି ନ ପାରେ ତେବେ ସେ ତା'ର ନିଜ ସନ୍ତାନକୁ ନରବଳି ଦେବାକୁ ବାଧ୍ୟ ହେଉଥିଲା। ତତ୍କାଳୀନ ରଣପୁର ରାଜ୍ୟ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ରାସ୍ତାଘାଟର ବିଶେଷ ସୁବିଧା ନ ଥିଲା। ଏଣୁ ତଣ୍ଟିକଟାମାନେ ଲୁଚିଛପି ନରସଂହାର କାମ ସୁବିଧାରେ କରିପାରୁଥିଲେ। ମାଘମାସରେ ସନ୍ଧ୍ୟା ହେଲେ କେହି ଘରୁ ବାହାରୁ ନ ଥିଲେ। ଏହି ମାସଟି ପ୍ରଜାମାନଙ୍କର କେବଳ ଆତଙ୍କରେ ଅତିବାହିତ ହେଉଥିଲା। ତଣ୍ଟିକଟାମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଜାତିର ଲୋକ ନ ଥିଲେ। ବିଭିନ୍ନ ଜାତିର ଲୋକ ଏହି ବୃତ୍ତିରେ ନିଯୁକ୍ତ ଥିଲେ। ମଣିନାଗ ଦୁର୍ଗାଙ୍କ ପାଇଁ ନରହତ୍ୟା କରାଯାଇ ରକ୍ତ ସଂଗ୍ରହ କରାଯାଉଥିବାରୁ ରାଜା କିମ୍ବା ତଣ୍ଟିକଟାମାନେ ଏହାକୁ ଅପରାଧ ମନେକରୁ ନ ଥିଲେ। ବରଂ ସେମାନଙ୍କ ଧର୍ମୀୟ ବିଶ୍ୱାସରେ ଏହା ପୁଣ୍ୟକାମ ଥିଲା। ଯେଉଁ ମହାନ୍ ସନାତନ ହିନ୍ଦୁଧର୍ମ ଯୁଗ ଯୁଗ ଧରି ସତ୍ୟ, ନ୍ୟାୟ ଓ ଅହିଂସା ଉପରେ ପ୍ରତିଷ୍ଠିତ, ଯାହାର ମୈତ୍ରୀବାଣୀ ସମଗ୍ର ବିଶ୍ୱବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଓ ପ୍ରେରଣା ପ୍ରଦାନ କରୁଛି, ସେହି ପବିତ୍ର ପ୍ରେମର ଦ୍ୱାହି ଦେଇ ନରହତ୍ୟାଭଳି ଏକ ଜଘନ୍ୟ ଅପରାଧ ରାଜପୃଷ୍ଠପୋଷକତାରେ ବିଂଶ ଶତାବ୍ଦୀର ଚତୁର୍ଥ ଦଶକପର୍ଯ୍ୟନ୍ତ ଯେ ତିଷ୍ଠି ରହିପାରିଥିଲା ଏହାଠାରୁ ବଡ଼ ବିସ୍ମୟକର ଘଟଣା ଆଉ କ'ଣ ଥାଇପାରେ? କୌଣସି ଲୋକର ପୁତ୍ରକୁ ତଣ୍ଟିକଟାମାନେ ନେଇଗଲେ, ସେ ମଧ୍ୟ ପ୍ରକାଶ୍ୟରେ କାନ୍ଦିପାରୁ ନ ଥିଲା କାରଣ ପୁତ୍ର ବିଚ୍ଛେଦ ଯୋଗୁଁ କାନ୍ଦିଲେ ରାଜାଙ୍କର ରୋଷଭାଜନ ହୋଇ ଦଣ୍ଡିତ ହେବ । ଏଣୁ ପୁତ୍ର କୁଆଡ଼େ ଗଲାବୋଲି କେହି ତାକୁ ପଚାରିଲେ, ପୁତ୍ରକୁ ଜଙ୍ଗଲରେ ବାଘ ନେଇଗଲା ବୋଲି କହିଥାଏ। ଏହାଥିଲା ତତ୍କାଳୀନ ନିଷ୍ପେଷିତ ଜନତାର କରୁଣ ଦୃଶ୍ୟ ।

ରାଜାଙ୍କର ନୃତ୍ୟ, ସଙ୍ଗୀତ ଆଦି ଉପଭୋଗ କରିବା ମଧ୍ୟ ବିଚିତ୍ର ଧରଣର ଥିଲା । କୌଣସି ଅପେରା ଆସିଲେ ତା' ଚାରିପାଖେ ଅସ୍ଥାୟୀ ବାଡ଼ ଦିଆଯାଉଥିଲା । ରାଜା ଏକାକୀ କିମ୍ବା ତାଙ୍କ ଅମାତ୍ୟବର୍ଗଙ୍କ ସହ ଉକ୍ତ ଅପେରା ଉପଭୋଗ କରୁଥିଲେ। ଅପେରାରେ ରାଜା, ମନ୍ତ୍ରୀ, ରାଣୀ, ସେନାପତି ଆଦି ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ପ୍ରଥମେ ରଙ୍ଗମଞ୍ଚରେ ନାଟକଟିକୁ ମଞ୍ଚସ୍ଥ କରିବା ପୂର୍ବରୁ ରାଜାଙ୍କୁ ପ୍ରଣାମ ଜଣାଉଥିଲେ । ପ୍ରଥମ ଦିନ ରାଜାଙ୍କ ଉଦ୍ଦେଶ୍ୟରେ ଅଭିନୟ ହେବାପରେ ଉକ୍ତ ଯାତ୍ରା ସର୍ବସାଧାରଣଙ୍କ ପାଇଁ ଅଭିନୀତ ହେଉଥିଲା। ଏହିପରି ପ୍ରତ୍ୟେକ ଯାତ୍ରାଦଳ, ସଂଗୀତଦଳ, ପାଲା, ଘୁଡୁକି, ଭାରତଲୀଳା, ରସଲୀଳା, ନବରଙ୍ଗ, ଦଣ୍ଡନାଟ, ଚଢେୟା-ଚଢଉଣୀ, ରାମଲୀଳା ଏବଂ ଦାସକାଠିଆ ଦଳ ଅଭିନୟ କରୁଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ଗାଁରେ ଅପେରା ପାର୍ଟି କରିବାକୁ ରାଜାଙ୍କ ନିର୍ଦ୍ଦେଶ ଥିଲା। ଫଳତଃ ପ୍ରଜାମାନଙ୍କ ପିଲାମାନଙ୍କର ଚାଟଶାଳୀ ଯିବା ବନ୍ଦ ହୁଏ। ପିଲାମାନେ ଆଖଡ଼ା ଘରକୁ ଚାଲାଣ ହୁଅନ୍ତି। ଏହା ସାଙ୍ଗକୁ ଝାମୁନାଚ ଓ ରାସଲୀଳା ହେଉଥିଲା। ରାସଲୀଳା ରଣପୁର ଗଡ଼ ଓ ରାଜ-ସୁନାଖଳାରେ ହେଉଥିଲା। ଅମିତ୍ରାକ୍ଷର ଛନ୍ଦରେ ଆବୃତ୍ତି ହେଉଥିବା ବସନ୍ତ ରାସ ସମଗ୍ର ଓଡ଼ିଶାରେ ଖ୍ୟାତି ଲାଭ କରିଥିଲା। ଏଥିରେ ରଣପୁର ପ୍ରଜାଙ୍କୁ ପ୍ରାୟ ମାସେ ପର୍ଯ୍ୟନ୍ତ ବେଠି ଖଟିବାକୁ ପଡୁଥିଲା। ବିଭିନ୍ନ କଳାକୃତି ପ୍ରଦର୍ଶନରେ ରଣପୁର ରାଜ୍ୟର ଗ୍ରାମୀଣ ପ୍ରଜାଙ୍କୁ ମନୋନିବେଶ କରିବାକୁ ପଡ଼ିଥାଏ।

***ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା***
***ମୋ. ୯୨୩୭୦୮୯୫୦୯***

# ନଗଦ ରାଜନୀତି ଓ ମାଗଣା ଯୋଜନା

**■ ସୌଭାଗ୍ୟ ରଞ୍ଜନ ମହାନ୍ତି ■**

କ୍ଷମତା ଦଖଲ ପାଇଁ ଜନକଲ୍ୟାଣକାରୀ ଏବଂ ମାଗଣା ଯୋଜନା ଆଳରେ ଭାରତର ନିର୍ବାଚନ ରାଜନୀତି ଏବେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । ତାହା ହେଉଛି ଭୋଟରଙ୍କୁ ନଗଦ ଟଙ୍କା ଓ ସାମଗ୍ରୀ ବଣ୍ଟନ । ନିକଟ ଅତୀତରେ ଦେଶରେ ଶେଷ ହୋଇଥିବା ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରିବ । କ୍ଷମତା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ନିର୍ବାଚନ ପାଖେଇ ଆସିଲେ ଦେଶର ସମସ୍ତ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଏ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯିବା ଲକ୍ଷ୍ୟ କରାଯାଏ । ବିଶେଷ କରି ସ୍ୱତନ୍ତ୍ର ମହିଳା ବ୍ୟାଙ୍କ ସୃଷ୍ଟି ଲାଗି ମହିଳାଙ୍କୁ ନଗଦ ଟଙ୍କା ବଣ୍ଟନ ଏବେ ରାଜନୈତିକ ଦଳ ଏବଂ ସରକାରଙ୍କ ମୁଖ୍ୟ ନିର୍ବାଚନିକ ପ୍ରତିଶ୍ରୁତିରେ ରୂପାନ୍ତରିତ ହୋଇଛି। ଯାହାକି ରାଜ୍ୟଗୁଡିକର କେବଳ ଆର୍ଥୀକ ଚାପ ବୃଦ୍ଧି କରିବା କାରଣ ହୋଇନାହିଁ । ଦେଶର ଆର୍ଥୀକ ସ୍ଥିତି ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ପିଆରଏସ ଲେଜିସଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ମାତ୍ର ଦୁଇଟି ରାଜ୍ୟରେ ମହିଳାଙ୍କୁ ନଗଦ ଟଙ୍କା ବଣ୍ଟନ ଯୋଜନା ଥିବାବେଳେ ଏବେ ଏହା ୧୨କୁ ବୃଦ୍ଧି ପାଇଛି । ୨୦୨୫-୨୬ ବଜେଟ ଅଟକଳ ଅନୁସାରେ ଏହି ମହିଳା କୈନ୍ଦ୍ରିକ କାର୍ଯ୍ୟକ୍ରମରେ ରାଜ୍ୟଗୁଡିକ ମିଳିତ ଭାବରେ ୨.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଆଶା କରାଯାଏ । ଯାହା ଦେଶର ମୋଟ ଜିଡିପିର ୦.୫ ସହ ସମାନ। ଆହୁରି ଏଭଳି ଯୋଜନା କାର୍ଯ୍ୟକାରୀ ହେଉଥିବା ୧୨ଟି ରାଜ୍ୟମଧ୍ୟରୁ ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ୬ଟି ରାଜ୍ୟ ରାଜସ୍ୱ ନିଅଣ୍ଟ ଆକଳନ କରିଛନ୍ତି । ଅଥଚ ଏକ ଦଶନ୍ଧି ତଳେ ଅର୍ଥାତ ୨୦୧୬ ଆର୍ଥୀକ ବର୍ଷରେ ରାଜ୍ୟଗୁଡିକର ଏ ବାବଦରେ ମାତ୍ର ୩୦୦୦ କୋଟି ଟଙ୍କା ବ୍ୟୟ ବରାଦ ଥିଲା । ଉଲ୍ଲେଖଯୋଗ୍ୟ ଯେ, ଆସାମ, ବିହାର, ଦିଲ୍ଲୀ, ହରିଆନା, ହିମାଚଳପ୍ରଦେଶ, ଝାଡଖଣ୍ଡ, କର୍ଣ୍ଣାଟକ, ଓଡିଶା, ମଧ୍ୟପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଏବଂ ଛତିଶଗଡରେ ମହିଳା ବିକାଶ ନାମରେ ସେମାନଙ୍କ ଆକାଉଂଟକୁ ପ୍ରତିମାସରେ ୮୦୦ଟଙ୍କାରୁ ଆରମ୍ଭ କରି ଅଢେଇ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି । ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିହାରରେ ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କ ଆକାଉଣ୍ଟକୁ ୧୦ହଜାର ନଗଦ ଟଙ୍କା ହସ୍ତାନ୍ତର ଏବଂ ପ୍ରତିମାସରେ ସେମାନଙ୍କୁ ୧୨୫୦ ଟଙ୍କାର ଭତା ପ୍ରତିଶ୍ରୁତି ବିହାରରେ ନିର୍ବାଚନ ଫଳାଫଳକୁ କିପରି ପ୍ରଭାବିତ କରିଛି, ତାହା କାହାରିକୁ ଅଛପା ନାହିଁ । କେବଳ ମହିଳାଙ୍କୁ ନଗଦ ଟଙ୍କା ବଣ୍ଟନ ନୁହେଁ, ମାଗଣା ଖାଦ୍ୟ ଶସ୍ୟ ତଥା ଗହମ ଚାଉଳଠାରୁ ଆରମ୍ଭ କରି ବିଦ୍ୟୁତ, ଜଳ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ବୀମା, ଛାତ୍ରଛାତ୍ରୀଙ୍କୁ ମାସିକ ଷ୍ଟାଇପେଣ୍ଡ ଆଦି ମାଗଣା ଯୋଜନା କାର୍ଯ୍ୟକାରୀ କରାଯାଉଥିବାବେଳେ କେତେକ କ୍ଷେତ୍ରରେ ରିହାତି ମଧ୍ୟ କାର୍ଯ୍ୟକାରୀ ହେଉଛି। ଯାହାର କେତେକ କ୍ଷେତ୍ରରେ ରିହାତି ମଧ୍ୟ କାର୍ଯ୍ୟକାରୀ ହେଉଛି । ଯାହାର ସିଧାସଳଖ ରାଜକୋଷ ଉପରେ ପଡିଛି। ମାଗଣା ଯୋଜନା ଯୋଗୁଁ ଅଣବିଜେପି ଶାସିତ ରାଜ୍ୟ କର୍ଣ୍ଣାଟକ ଓ ପଞ୍ଜାବରେ ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ହୋଇଥିବା ବେଳେ ଡବଲଇଞ୍ଜିନ ସରକାର ଥିବା ରାଜ୍ୟଗୁଡିକ ଏଭଳି ସଂକଟରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଏ। କହିବା ବାହୁଲ୍ୟ ଯେ, ଏଥିଯୋଗୁଁ କର୍ଣ୍ଣାଟକରେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟ ବ୍ୟୟ ସର୍ବନିମ୍ନ ସ୍ତରରେ ରହିଛି । ମାଗଣା ଲୋକପ୍ରିୟ ଯୋଗୁଁ ପଞ୍ଜାବରେ ଆର୍ଥୀକ ସଂକଟ ଏତେ ଉତ୍କଟ ହୋଇଛି ଯେ, କର୍ମଚାରୀଙ୍କୁ ବେତନ ଦେବା ପାଇଁ ରାଜ୍ୟ ସରକାର ଅକ୍ଷମ ଥିବ ମନେହୁଏ। ଆହୁରି ମଧ୍ୟ ମାଗଣା ଯୋଜନା ଯୋଗୁଁ ବହୁ ରାଜ୍ୟରେ ଉନ୍ନୟନ ମୂଳକ ପ୍ରକଳ୍ପ ତଥା ଯୋଜନାଗୁଡିକ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ବିଶେଷ କରି ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ପ୍ରକଳ୍ପ, ଗ୍ରାମାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ, ଜଳସେଚନ, ଶିକ୍ଷାର ଗୁଣାତ୍ମକ ଭିତ୍ତିଭୂମି ଓ ବିକାଶ ଯୋଜନା ବ୍ୟୟ ଜନକଲ୍ୟାଣକାରୀ ମାଗଣା ଯାଜନା କ୍ଷେତ୍ରକୁ ସ୍ଥାନାନ୍ତର ହେଉଛି। ଦୀର୍ଘ ମିଆଦୀ ଯୋଜନ ବ୍ୟୟ ସଂକୁଚିତ ହେବାରେ ଲାଗିଛି । ତେବେ ଜନକଲ୍ୟାଣକାରୀ ଯୋଜନାର ଉପସ୍ଥିତି ଏସବକୁ ବିକୃତ କରିଦେଇଛି, ଯାହାକି ଏବେ ଏକ ବଡ ବିପଦ ଭାବେ ଉଭା ହୋଇଛି । ଏହା ନିସନ୍ଦେହ ଯେ, ପ୍ରତ୍ୟେକ ନିର୍ବାଚନରେ ନୂଆ ନୂଆ ମାଗଣା ଯୋଜନା ଆବିର୍ଭାବ ଯୋଗୁଁ ରାଜ୍ୟଗୁଡିକ ସେମାନଙ୍କ ଯୋଜନା, ପୁଞ୍ଜିନିବେଶ ଏବଂ ଭିତ୍ତିଭୂମି ନିର୍ମାଣର ଦକ୍ଷତା ହରାଇବା ଆଶଙ୍କା ତୀବ୍ରତର ହେଉଛି । ଆହୁରି ଆର୍ଥିକ ନିଅଣ୍ଟ ପରିମାଣ ବଢିବା ସହ ଋଣ ବୃଦ୍ଧି ପାଉଛି ଏବଂ ଉନ୍ନୟନ କାର୍ଯ୍ୟ ମନ୍ଥର ହେଉଛି। ଆଶ୍ଚର୍ଯ୍ୟର କଥା ନିଜେ ପ୍ରଧାନମନ୍ତ୍ରୀ ମାଗଣା ଯୋଜନାକୁ 'ରିୱାଡି' ବୋଲି ବର୍ଣ୍ଣନା କରିବା ସହ ଚେତାବନୀ ଦେଇଥିବାବେଳେ ବିଜେପି ସରକାର ଥିବା ରାଜ୍ୟଗୁଡିକ ଏହାକୁ ନିଜର ସଫଳତା ଭାବେ କାର୍ଯ୍ୟକାରୀ କରିବାରେ ଲାଗିଛି । ରାଜ୍ୟଗୁଡିକରେ ମହିଳାଙ୍କୁ ନଗଦ ଟଙ୍କା ବଣ୍ଟନ ବିଜେପି ପାଇଁ ବେଶ ସଫଳତା ଆଣିଦେଇଛି। ବିହାର ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ। ମାଗଣା ଯୋଜନା ନେଇ ବୁଦ୍ଧିଜୀବୀ, ଅର୍ଥନୀତି ବିଶାରଦଙ୍କ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଥିବାବେଳେ କ୍ଷମତା ନିକଟରେ ରାଜନୈତିକ ଦଳଙ୍କ ପାଇଁ ତୁଚ୍ଛ ହୋଇପଡିଛି । ଏହା ସତ୍ୟ ଯେ, ଆୟୁ ତୁଳନାରେ ଆଖିବୁଜା ଅଧିକ ବ୍ୟୟ, ଆଗାମୀ କାଲିକୁ କେବଳ ଅନ୍ଧକାର କରିଦେବ ନାହିଁ, ସମସ୍ତ ସୁବିଧା ସୁଯୋଗକୁ ହରାଇବ ।

ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ
ମୋ. ୭୯୭୮୬୬୬୪୦୩

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ୩ ଡିସେମ୍ବର ୨୦୨୫ ବୁଧବାର | ପୃଷ୍ଠା ୫




# ମନେପଡନ୍ତି ମା' ରମାଦେବୀ

ଦୀପ୍ତିଦାତ୍ରୀ ନାରୀ ସେ, ପ୍ରଦୀପର ସଳିତା ଭଳି ତିଳତିଳ ନିଜେ ଜଳି ନିଜକୁ ନିଃଶେଷ କରିଦେଇଛନ୍ତି, କିନ୍ତୁ ନିଜର ଦୀପ୍ତିରେ ସମଗ୍ର ମାନବ ସମାଜକୁ ଆଲୋକିତ କରିଯାଇଛନ୍ତି । ଏକାଧାରରେ ବିପ୍ଳବ-ସେବା, କରୁଣା-ଦୃଢତା, ସମ୍ବେଦନଶୀଳତା-ନୀତିବାଦିତାର ଏକ ଅନନ୍ୟ ଉଦାହରଣ ଥିଲେ ସେ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ଅବିସ୍ମରଣୀୟ । ସେ କେବଳ ଓଡିଶାରେ ନୁହଁନ୍ତି, ସାରା ଦେଶରେ ମହାନ ସ୍ୱାଧୀନତା ସଂଗ୍ରାମୀ ହିସାବରେ ସେ ବେଶ୍ ପରିଚିତ । କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ସେବା ଓ ପରୋପକାର ତାଙ୍କ ଜୀବନର ପରମ ବ୍ରତ ଥିଲା । ଖାଲି ସେତିକି ନୁହେଁ, ମହିଳା ମାନଙ୍କ ସୁରକ୍ଷା,ନାରୀ ଶିକ୍ଷାର ବିକାଶ ଓ ମହିଳା ସଶକ୍ତିକରଣ କରିବା କ୍ଷେତ୍ରରେ ତାଙ୍କ ଯୋଗଦାନ ଅତୁଳନୀୟ । ସେ ହେଉଛନ୍ତି ଉତ୍କଳ ଜନନୀର ଅନନ୍ୟା ବରପୁତ୍ରୀ ମା' ରମାଦେବୀ ।ଏହି ମହିୟସୀ ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ଗୋପାଳ ବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନ ଭାଇ । ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ । କେବଳ ନିଜେ ନୁହଁନ୍ତି, ନିଜ ପରିବାରର ଦେବର ନବକୃଷ୍ଣ, ଯାଆ ମାଳତୀ ଚୌଧୁରୀ, ପୁତ୍ର ମନମୋହନ ଚୌଧୁରୀ, କନ୍ୟା ଅନ୍ନପୂର୍ଣ୍ଣା ମହାରଣା, ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ବ୍ରତରେ ଅନୁପ୍ରାଣିତ ଓ କର୍ମରତ କରିପାରିଥିଲେ ।

**ବାଣୀପୁତ୍ର ହିମାଂଶୁ ଶେଖର ଆଚାର୍ଯ୍ୟ**









୧୯୨୧ ମସିହା ମାର୍ଚ୍ଚ ମାସ ୨୧ ତାରିଖର କଥା । ରମାଦେବୀଙ୍କୁ ସେତେବେଳେ ମାତ୍ର ୨୨ ବର୍ଷ । ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ରମାଦେବୀ ଶାଶୁଙ୍କ ସହିତ ସେ ସଭାକୁ ଯାଇଥିଲେ । ଏହି ସଭାରେ ଗାନ୍ଧିଜୀ ଯୋଗଦେଇ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ। ଦେଶ ଓ ଜାତିର କଲ୍ୟାଣରେ ମହିଳାମାନେ ନିଜ ନିଜର ଗହଣା ଦାନ କରିବାକୁ ସେ କହିଥିଲେ । ସଭାରେ ଯୋଗ ଦେଇଥିବା ମହିଳାଙ୍କ ମଧ୍ୟରୁ କିଏ ହାତର ମୁଦି ତ କିଏ କାନଫୁଲ ଇତ୍ୟାଦି ଗାନ୍ଧୀଙ୍କୁ ଦେଇଥିଲେ । ରମାଦେବୀ ନିଜ ଗହଣା ଦେବାକୁ ଇଚ୍ଛାପ୍ରକାଶ କରିଥିଲେ ହେଁ ଶାଶୁଙ୍କ କଥାମାନି ନିଜର ଗହଣା ନଦେଇ ନିଜ ହାତକଟା ସୂତାମୋଡାଟି ଗାନ୍ଧିଜୀଙ୍କ ହାତକୁ ବଢାଇ ଥିଲେ । ଗାନ୍ଧୀ ତାଙ୍କ ଆଡକୁ ଦଣ୍ଡେ ଚାହିଁରହିଲେ । ଏହି ସ୍ମରଣୀୟ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ତାପରେ ରମାଦେବୀ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ'। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡ଼େପୁଟି କଲେକ୍ଟର ଚାକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ । ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ । ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନ ସାମିଲ ହେଉଥିଲେ। ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା । ଏଥି ସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନ ଦରିଦ୍ର ମାନଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ। ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହର ଡାକରା ଦେଲେ । ଗୁଜରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ । ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ । ପୋଲିସର ଦମନଲୀଳାକୁ ଭ୍ରୁକ୍ଷେପ ନ କରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରାକଲେ । ରମାଦେବୀ ଏଥିରେ ସାମିଲ ହୋଇଥିଲେ। ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଅନୁରୋଧ କଲେ । ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ। ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ। ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା। ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା। ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ ।

ରମାଦେବୀ ନିଜକୁ କେବଳ ଓଡିଶା ଭିତରେ ସୀମିତ ରଖିନଥିଲେ । ୧୯୫୫ ମସିହା ବିନୋବାଜୀଙ୍କ ପଦଯାତ୍ରା, ୧୯୬୨ ମସିହା ଚୀନ୍ ଆକ୍ରମଣ, ୧୯୬୪ ମସିହା ରାଉରକେଲା ଦଙ୍ଗା, ୧୯୬୪ ମସିହା କଟକ ଛାତ୍ର ଆନ୍ଦୋଳନ, ୧୯୬୬ ମସିହା କଳାହାଣ୍ଡି ଦୁର୍ଭିକ୍ଷ, ୧୯୬୭ ମସିହା ବନ୍ୟା ଓ ବାତ୍ୟା, ୧୯୬୯ ମସିହା କଟକ ସାଂପ୍ରଦାୟିକ ଦଙ୍ଗା, ୧୯୭୧ ମସିହା ସାମୁଦ୍ରିକ ତୋଫାନ ସମୟରେ ସେ ଉଲ୍ଲେଖନୀୟ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ । ଏପରିକି ୧୯୬୭ ମସିହାରେ ବିହାରର ମରୁଡି ଅଞ୍ଚଳ ଓ ବଙ୍ଗଳାର ବନ୍ୟାପ୍ଲାବିତ ଅଞ୍ଚଳକୁ ସେ ଓଡିଶାରୁ ସ୍ୱେଚ୍ଛାସେବକ ପଠାଇଥିଲେ । ସେହିପରି ମହାରାଷ୍ଟ୍ର ଭୂମିକମ୍ପ ବେଳେ ସେ ସେତେବେଳେ ପାଞ୍ଚହଜାର ଟଙ୍କାର ଚେକ୍ ପଠାଇଥିଲେ । ୧୯୭୫ ମସିହାରେ ଜରୁରୀ ପରିସ୍ଥିତି ଘୋଷଣା ପାଇଁ କ୍ଷୋଭ ପ୍ରକାଶ କରିଥିଲେ । ତାଙ୍କ ପରାମର୍ଶ କ୍ରମେ ଏକ ପ୍ରଚାରପତ୍ର ଛପାଗଲା ଯେଉଁଥିରେ ସେ ପ୍ରଥମେ ଦସ୍ତଖତ କରିଥିଲେ । ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି। କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରନମସ୍ୟା ହୋଇ ।

*ମୋ-୯୩୩୭୨୨୧୯୨୪*




# ଭୋପାଳ ଗ୍ୟାସ ଦୁର୍ଘଟଣା: ମାନବ ଜୀବନକୁ ମୂଲ୍ୟ ଦେବାରେ ବିଫଳତା!

ଭୋପାଳ ଗ୍ୟାସ ଦୁର୍ଘଟଣା ଶିଳ୍ପ ଅବହେଳା କିପରି ମାନବ ଜୀବନକୁ ନଷ୍ଟ କରିପାରେ ତାହାର ସବୁଠାରୁ କଳା ସ୍ମରଣକାରୀ ମଧ୍ୟରୁ ଗୋଟିଏ ହୋଇ ରହିଛି ଏବଂ ବିଶ୍ୱକୁ ଶିଖିବାକୁ ପଡିବ ଯେ ଲାଭ ହାସଲ କରିବାରେ ସୁରକ୍ଷା, ଦାୟିତ୍ୱ ଏବଂ ନ୍ୟାୟ ସହିତ ଆପତ୍ତି କରାଯାଇପାରିବ ନାହିଁ ।

୨-୩ ଡିସେମ୍ବର, ୧୯୮୪ ରାତିରେ, ଭୋପାଳ ସହର ୟୁନିଅନ କାର୍ବାଇଡର କୀଟନାଶକ କାରଖାନାରୁ ଲିକ୍ ହୋଇଥିବା ମିଥାଇଲ ଆଇସୋସାଇନେଟ୍ ଗ୍ୟାସର ଏକ । ବିଷାକ୍ତ ମେଘ ଦ୍ୱାରା ଆଚ୍ଛାଦିତ ହୋଇଥିଲା । କିଛି ଘଣ୍ଟା ମଧ୍ୟରେ, ହଜାର ହଜାର ଲୋକ ମୃତ୍ୟୁବରଣ କଲେ, ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକରେ, ହଜାର ହଜାର ଲୋକ ଦୀର୍ଘକାଳୀନ ରୋଗ, ଅକ୍ଷମତା ଏବଂ ପିଢ଼ିଗତ ପ୍ରଭାବର ଶିକାର ହେଲେ । ଏହି ଦୁର୍ଘଟଣା କେବଳ ଏକ ଦୁର୍ଘଟଣା ନଥିଲା ଏହା ଦୁର୍ବଳ ସୁରକ୍ଷା ମାନଦଣ୍ଡ, ଦୁର୍ବଳ ନିୟାମକ ତଦାରଖ ଏବଂ ଶିଳ୍ପ ପ୍ରସାରଣର ଛାୟାରେ ମାନବ ଜୀବନ ପ୍ରତି ଅବହେଳାର ପରିଣାମ ଥିଲା ।




ଭୋପାଳର ଶିକ୍ଷା ଗଭୀର ଏବଂ ବିଶ୍ୱବ୍ୟାପୀ । ପ୍ରଥମତଃ, ଏହା ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଶିଳ୍ପ ସୁରକ୍ଷାର ଭଙ୍ଗୁରତାକୁ ପ୍ରକାଶ କରିଥିଲା, ଯେଉଁଠାରେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ପ୍ରାୟତଃ ଦୃଢ଼ ନିୟାମକ ଢାଞ୍ଚା ପ୍ରତିଷ୍ଠାକୁ ପଛରେ ପକାଇଥାଏ । ୟୁନିଅନ କାର୍ବାଇଡର କାରଖାନା ଆଘାତପ୍ରାପ୍ତ ସୁରକ୍ଷା ବ୍ୟବସ୍ଥା, ଅପର୍ଯ୍ୟାପ୍ତ ରକ୍ଷଣାବେକ୍ଷଣ ଏବଂ ଅପର୍ଯ୍ୟାପ୍ତ ଜରୁରିକାଳୀନ ପ୍ରସ୍ତୁତି ସହିତ ପରିଚାଳିତ ହୋଇଥିଲା । ଏହି ବିପର୍ଯ୍ୟୟ ଏହି କଥା ଉପରେ ଗୁରୁତ୍ୱାରୋପ କଲା ଯେ ବହୁରାଷ୍ଟ୍ରୀୟ କର୍ପୋରେସନଗୁଡ଼ିକୁ ଗରିବ ଦେଶଗୁଡ଼ିକରେ ଦୁର୍ବଳ ନିୟମାବଳୀର ଶୋଷଣ କରିବା ପରିବର୍ତ୍ତେ ବିଶ୍ୱବ୍ୟାପୀ ସମାନ ସୁରକ୍ଷା ମାନଦଣ୍ଡ ପାଳନ କରିବାକୁ ପଡିବ । ଏହା ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି, କାରଣ ଶିଳ୍ପଗୁଡ଼ିକ ଏପରି ଅଞ୍ଚଳଗୁଡ଼ିକରେ ବିସ୍ତାର କରିବାରେ ଲାଗିଛି ଯେଉଁଠାରେ ତଦାରଖ ଢିଲା ଏବଂ ସମ୍ପ୍ରଦାୟଗୁଡ଼ିକ ଦୁର୍ବଳ । ଦ୍ୱିତୀୟତଃ, ଭୋପାଳ ଶିଳ୍ପ ବିପର୍ଯ୍ୟୟର ଦୀର୍ଘ ଛାୟାକୁ ଉଜ୍ଜ୍ୱଳ କରିଥିଲା । ଦଶନ୍ଧି ପରେ ଜନ୍ମିତ ପିଲାମାନଙ୍କ ମଧ୍ୟରେ ବଞ୍ଚିଥିବା ଲୋକମାନେ ଶ୍ୱାସକ୍ରିୟା ରୋଗ, କର୍କଟ, ପ୍ରଜନନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜନ୍ମଗତ ଅକ୍ଷମତା ଭୋଗୁଛନ୍ତି ।

ଚାଳିଶ ବର୍ଷ ପରେ ସଦ୍ୟତମ ଭାବରେ ଅପସାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ଥାନରେ ବିଷାକ୍ତ ଆବର୍ଜନାର ସ୍ଥାୟୀତ୍ୱ, ଦର୍ଶାଏ ଯେ ପରିବେଶଗତ ଅବହେଳା କିପରି ମାନବ ଦୁଃଖକୁ ମିଶ୍ରିତ କରେ । ଏଠାରେ ଶିକ୍ଷା ସ୍ପଷ୍ଟ: ମୁଖ୍ୟ ଖବରଗୁଡ଼ିକ ଫିକା ପଡ଼ିଗଲେ ବିପର୍ଯ୍ୟୟ ଶେଷ ହୁଏ ନାହିଁ । ସେମାନେ ଶରୀର, ପରିବେଶ ପ୍ରଣାଳୀ ଏବଂ ସମ୍ପ୍ରଦାୟରେ ରହି ନିରନ୍ତର ପ୍ରତିକାର ଏବଂ ସ୍ୱାସ୍ଥ୍ୟସେବା ସହାୟତା ଦାବି କରନ୍ତି।

ତୃତୀୟତଃ, ଏହି ଦୁର୍ଘଟଣା ନ୍ୟାୟ ଏବଂ ଦାୟିତ୍ୱର ବିଫଳତାକୁ ପ୍ରକାଶ କରିଥିଲା । ୟୁନିଅନ୍ କାର୍ବାଇଡର କାର୍ଯ୍ୟନିର୍ବାହୀମାନେ ସର୍ବନିମ୍ନ ପରିଣାମର ସମ୍ମୁଖୀନ ହୋଇଥିଲେ ଏବଂ କ୍ଷତିପୂରଣ ସମାଧାନ ଅପର୍ଯ୍ୟାପ୍ତ ଥିଲା, ଯାହା ଫଳରେ ବଞ୍ଚିଥିବା ଲୋକମାନେ ଅସୁରକ୍ଷିତ ଥିଲେ । ଏହି ଅନ୍ୟାୟ ଏକ ବ୍ୟାପକ ବିଶ୍ୱ ସମସ୍ୟାକୁ ପ୍ରତିଫଳିତ କରେ: କର୍ପୋରେସନଗୁଡ଼ିକ ପ୍ରାୟତଃ ଦୁର୍ବଳ ଜନସଂଖ୍ୟା ଉପରେ ହୋଇଥିବା କ୍ଷତି ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱରୁ ବଞ୍ଚି ଯାଆନ୍ତି । ଶିକ୍ଷା ହେଉଛି ସୀମାପାର କର୍ପୋରେଟ୍ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଆଇନଗତ ଢାଞ୍ଚା ବିକଶିତ ହେବା ଆବଶ୍ୟକ, କମ୍ପାନୀଗୁଡ଼ିକୁ କ୍ଷେତ୍ରୀୟ କ୍ଷତଚିହ୍ନ ମାଧ୍ୟମରେ ଦାୟିତ୍ୱ ଏଡାଇବାରୁ ରୋକିବା। ନ୍ୟାୟ ବିଳମ୍ବ କିମ୍ବା ପ୍ରତ୍ୟାଖ୍ୟାନ ଅନୁଷ୍ଠାନଗୁଡ଼ିକ ଉପରେ ବିଶ୍ୱାସକୁ ନଷ୍ଟ କରେ ଏବଂ ଅସମାନତାକୁ ସ୍ଥାୟୀ କରେ । ଚତୁର୍ଥ, ଭୋପାଳ ସାମୁଦାୟିକ ସଚେତନତା ଏବଂ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ଶିକ୍ଷା ଦିଏ । ବାସିନ୍ଦାମାନେ ଏକ ରାସାୟନିକ କାରଖାନା ନିକଟରେ ରହିବାର ବିପଦ ବିଷୟରେ ଅଜ୍ଞ ଥିଲେ, ଏବଂ ଜରୁରିକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ପ୍ରାୟତଃ ଅସ୍ତିତ୍ୱହୀନ ଥିଲା । ଏହି ଦୁଃଖଦ ଘଟଣା ଉପରେ ଗୁରୁତ୍ୱାରୋପ କରେ ଯେ ସମ୍ପ୍ରଦାୟଗୁଡ଼ିକୁ ଜ୍ଞାନ, ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ଏବଂ ସ୍ଥାନାନ୍ତର ଯୋଜନା ସହିତ ସଶକ୍ତ କରାଯିବା ଆବଶ୍ୟକ । ଶିଳ୍ପ ସୁରକ୍ଷା କେବଳ କାରଖାନା କାନ୍ଥରେ ସୀମିତ ହୋଇପାରିବ ନାହିଁ ଏହା ବିପଦ ବହନ କରୁଥିବା ପଡ଼ୋଶୀ ଏବଂ ସହର ପର୍ଯ୍ୟନ୍ତ ବିସ୍ତାରିତ ହେବା ଉଚିତ । ଶେଷରେ, ବିପର୍ଯ୍ୟୟ ଆମକୁ ଶିଳ୍ପାୟନର ନୈତିକ ଦିଗକୁ ସାମ୍ନା କରିବାକୁ ବାଧ କରେ । ଯଦି ଏହା ମାନବ ମର୍ଯ୍ୟାଦା ଏବଂ ପରିବେଶଗତ ସ୍ଥିରତାକୁ ବଳିଦାନ ଦିଏ ତେବେ ଆର୍ଥିକ ଅଭିବୃଦ୍ଧି କେବଳ ଲାଭ କିମ୍ବା ଉତ୍ପାଦକତାରେ ମାପ କରାଯାଇପାରିବ ନାହିଁ । ଭୋପାଳ ଏକ ନୈତିକ ସ୍ମରଣକାରୀ ଯେ ବିକାଶ ଅନ୍ତର୍ଭୁକ୍ତ, ସମାନ ଏବଂ ସୁରକ୍ଷିତ ହେବା ଉଚିତ । ଏହା ଏକ ବିଶ୍ୱସ୍ତରୀୟ ନୀତି ପାଇଁ ଆହ୍ୱାନ କରେ ଯେଉଁଠାରେ ଗରିବଙ୍କ ଜୀବନକୁ ସୁବିଧାପ୍ରାପ୍ତଙ୍କ ଜୀବନ ପରି ମୂଲ୍ୟବାନ କରାଯାଏ, ଏବଂ ଯେଉଁଠାରେ ଶିଳ୍ପ ପ୍ରଗତି ମାନବ ଅଧିକାର ସହିତ ସମନ୍ୱିତ ହୁଏ ।

ଏଚାଳିଶ ବର୍ଷ ପରେ, ଭୋପାଳ ଗ୍ୟାସ ଦୁର୍ଘଟଣା ପ୍ରତିଧ୍ୱନିତ ହୋଇ ରହିଛି ଯେତେବେଳେ ବଞ୍ଚିଥିବା ଲୋକମାନେ ସ୍ୱୀକୃତି, ସ୍ୱାସ୍ଥ୍ୟସେବା ଏବଂ ନ୍ୟାୟ ପାଇଁ ଲଢୁଛନ୍ତିଛ ସେମାନଙ୍କର ସଂଘର୍ଷ କେବଳ ସ୍ଥାନୀୟ ନୁହେଁ ବରଂ ବିଶ୍ୱବ୍ୟାପୀ ବିପଦପୂର୍ଣ୍ଣ ଶିଳ୍ପର



ଛାୟା। ତଳେ ରହୁଥିବା ଅଗଣିତ ସମ୍ପ୍ରଦାୟର ପ୍ରତୀକ । ବିଶ୍ୱବାସୀ ଭୋପାଳରୁ ଏହି ଶିକ୍ଷା ଗ୍ରହଣ କରିବା ଉଚିତ ଯେ ସୁରକ୍ଷା, ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ପ୍ରାଥମିକତା ଦିଆଗଲେ ଶିଳ୍ପ ବିପର୍ଯ୍ୟୟକୁ ରୋକାଯାଇପାରିବ । ସରକାରମାନଙ୍କୁ ନିୟମାବଳୀକୁ ମଜବୁତ କରିବାକୁ ପଡିବ, ନିଗମଗୁଡ଼ିକୁ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ ଗ୍ରହଣ କରିବାକୁ ପଡିବ, ଏବଂ ନାଗରିକ ସମାଜକୁ ନ୍ୟାୟ ଦାବି କରିବାରେ ସତର୍କ ରହିବାକୁ ପଡିବ । ସଠିକ୍ - ଭୋପାଳ ଗ୍ୟାସ୍ ଦୁର୍ଘଟଣାକୁ ଏକ ଅନିବାର୍ଯ୍ୟ ଦୁର୍ଘଟଣା ବଦଳରେ ଲାଭ-ଚାଳିତ ଅବହେଳାର ପରିଣାମ ଭାବରେ ବହୁଳ ଭାବରେ ବିବେଚନା କରାଯାଏ। ୟୁନିଅନ୍ କାର୍ବାଇଡ୍ ସୁରକ୍ଷା ବ୍ୟବସ୍ଥା ହ୍ରାସ କରି, ଉପକରଣଗୁଡ଼ିକୁ କମ୍ ରକ୍ଷଣାବେକ୍ଷଣ କରି ଏବଂ କର୍ମଚାରୀମାନଙ୍କୁ ପର୍ଯ୍ୟାପ୍ତ ଭାବରେ ତାଲିମ ନ ଦେଇ ଖର୍ଚ୍ଚ ହ୍ରାସ କରିଥିଲା । ମିଥାଇଲ୍ ଆଇସୋସାଇନେଟ୍ ପାଇଁ ରେଫ୍ରିଜରେସନ୍ ୟୁନିଟ୍, ଫ୍ଲେୟାର୍ ଟାୱାର ଏବଂ ଗ୍ୟାସ୍ ସ୍କ୍ରବର ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ଅକାର୍ଯ୍ୟକ୍ଷମ ଥିଲା କିମ୍ବା ଟଙ୍କା ସଞ୍ଚୟ କରିବା ପାଇଁ ବନ୍ଦ କରି ଦିଆଯାଇଥିଲା । ସେହି ସମୟରେ, ପ୍ଲାଣ୍ଟଟି ଘନ ଜନବହୁଳ ପଡ଼ୋଶୀ ନିକଟରେ ବିପଦପୂର୍ଣ୍ଣ ଭାବରେ ଅବସ୍ଥିତ ଥିଲା, ଏହା ଏକ ନିଷ୍ପତ୍ତି ଯାହା କାର୍ଯ୍ୟକ୍ଷମ ସୁବିଧା ପାଇଁ ମାନବ ସୁରକ୍ଷା ପ୍ରତି ଅବହେଳାକୁ ପ୍ରତିଫଳିତ କରେ । ବ୍ୟାପକ ଶିକ୍ଷା ହେଉଛି ଯେ ଯେତେବେଳେ କର୍ପୋରେସନଗୁଡ଼ିକ ଲୋକଙ୍କ ଅପେକ୍ଷା ଲାଭକୁ ପ୍ରାଥମିକତା ଦିଅନ୍ତି, ଏହାର ପରିଣାମ ଭୟଙ୍କର ହୋଇପାରେଛ ଭୋପାଳ ଦର୍ଶାଏ ଯେ କିପରି ଅବହେଳା କେବଳ ଏକ ବୈଷୟିକ ବିଫଳତା ନୁହେଁ ବରଂ ଏକ ନୈତିକ- ମାନବ ଜୀବନକୁ ମୂଲ୍ୟ ଦେବାରେ ବିଫଳତା, ବିଶେଷକରି ବିପର୍ଯ୍ୟୟର ପ୍ରଭାବ ବହନ କରିଥିବା ସୀମାନ୍ତ ସମ୍ପ୍ରଦାୟର ଲୋକଙ୍କ ଜୀବନ । ବଞ୍ଚିଥିବା ଲୋକଙ୍କୁ ଜୀବନବ୍ୟାପୀ ସ୍ୱାସ୍ଥ୍ୟ ସମସ୍ୟା ସହିତ ଛାଡି ଦିଆଯାଇଥିଲା, ଯେତେବେଳେ ଉତ୍ତରଦାୟିତ୍ୱ ବିଳମ୍ବ ଏବଂ ଦୁର୍ବଳ ହୋଇଯାଇଥିଲା । ଏହି ଦୁଃଖଦ ଘଟଣା ଏକ ସ୍ପଷ୍ଟ ଉଦାହରଣ ଥିଲା ଯେ କର୍ପୋରେଟ ଦାୟିତ୍ୱହୀନତା ଏବଂ ନିୟାମକ ଦୁର୍ବଳତା କିପରି ଇତିହାସର ସବୁଠାରୁ ଖରାପ ଶିଳ୍ପ ବିପର୍ଯ୍ୟୟ ମଧ୍ୟରୁ ଗୋଟିଏ ସୃଷ୍ଟି କରିଥିଲାଛଭୋପାଳକୁ ମନେପକାଇ, ଆମେ କେବଳ ହରାଇଥିବା ଜୀବନକୁ ନୁହେଁ ବରଂ ମର୍ଯ୍ୟାଦା ଦାବି କରୁଥିବା ବଞ୍ଚିଥିବା ଲୋକଙ୍କ ସ୍ଥିରତାକୁ ମଧ୍ୟ ସମ୍ମାନ କରୁ । ଏହି ଦୁଃଖଦ ଘଟଣା ଇତିହାସରେ ଖୋଦିତ ଏକ ଚେତାବନୀ: ଯେତେବେଳେ ଲାଭ ଦାୟିତ୍ୱକୁ ଗ୍ରହଣ କରେ, ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ମାନବ ଦୁଃଖରେ ମୂଲ୍ୟ ମପାଯାଏ । ବିଶ୍ୱ ପାଇଁ ଶିକ୍ଷା ସରଳ କିନ୍ତୁ ଜରୁରୀ- ଆଉ କେବେ ଶିଳ୍ପ ମହତ୍ତ୍ୱାକାଂକ୍ଷା ମାନବ ଜୀବନର ପବିତ୍ରତାକୁ ଅତିକ୍ରମ କରିବା ଉଚିତ ନୁହେ ।


**ଅସିତ ମହାନ୍ତି**
ସୁଜନପୁର, ଯାଜପୁର
ମୋ. ୯୪୩୭୨୮୦୨୮







ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩ ଡିସେମ୍ବର ୨୦୨୫ । ବୁଧବାର

# ନବଜାତ ଶିଶୁର ବେଆଇନ ହସ୍ତାନ୍ତର

**ବଲାଙ୍ଗୀର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲାରେ କିଛି ମାସର ବ୍ୟବଧାନ ପରେ ପୁଣି ଥରେ ନବଜାତ ଶିଶୁ ବେଆଇନ ଭାବେ ହସ୍ତାନ୍ତର ହେବା ଘଟଣା ଲୋକ ଲୋଚ଼ନ ଆସିଛି। ତେବେ ପ୍ରଶାସନିକ ଟିମ୍ ସୁରକ୍ଷିତ ଭାବେ ଯାଆଁଳା ଶିଶୁଙ୍କୁ ଉଦ୍ଧାର କରିଥିବା ସୂଚ଼ନା ମିଳିଛି। କିନ୍ତୁ ପ୍ରଶାସନ ପକ୍ଷରୁ ଘଟଣା ସମ୍ପର୍କରେ ସୂଚ଼ନା ଦିଆଯାଉ ନ ଥିବାରୁ ପ୍ରକୃତ ସତ୍ୟ ଜଣାପଡିନାହିଁ। ମିଳିଥିବା ସୂଚ଼ନା ଅନୁଯାୟୀ, ଲୋଇସିଂହା ଥାନା କନ୍ଦାଜୁରୀ ଗାଁର ଜଣେ ମହିଳା ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଯାଆଁଳା ଶିଶୁ ପ୍ରସବ କରିଥିଲେ। ପୂର୍ବ ଯୋଜନା ମୁତାବକ ହସ୍ପିଟାଲରୁ ଯାଆଁଳା ଶିଶୁକୁ ଦୁଇ ସମ୍ପର୍କୀୟଙ୍କୁ ଟେକି ଦେଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଟିମ୍ ଦୁଇ ନବଜାତ ଶିଶୁ ଉଦ୍ଧାର ପାଇଁ ତତ୍ପରତା ଦେଖାଇଥିଲେ। ଏ ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁପମା ପ୍ରଧାନଙ୍କୁ ପଚ଼ାରିବାରେ ଖବର ପାଇବା ପରେ ପ୍ରଶାସନିକ ଟିମ୍ ଯାଇ ନବଜାତ ଶିଶୁକୁ ଉଦ୍ଧାର କରିବା ସୁରକ୍ଷିତ ସ୍ଥାନରେ ପରେ ରଖାଯାଇଥିବା କହିଛନ୍ତି। ସେ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରଦାନ କରି ସାରିଥିବା କହିଛନ୍ତି। ଏନେଇ ବଲାଙ୍ଗୀର ଜିଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲା। କିନ୍ତୁ ରିଙ୍ଗ୍ ହେବା ସତ୍ତ୍ୱେ ସେଫୋନ୍ ଉଠାଇ ନଥିବାରୁ ମତାମତ ମିଳିନଥିଲା। ଅନ୍ୟପକ୍ଷରେ କନ୍ଦାଜୁରୀ ଗାଁର ସମ୍ପୃକ୍ତ ଦମ୍ପତି ଅଭାବ ଅନାଟନ ଯୋଗୁ ନବଜାତ ଶିଶୁକୁ ସମ୍ପର୍କୀୟଙ୍କୁ ଟେକି ଦେବାକୁ ବାଧ୍ୟ ହୋଇଥିବା କହିଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଶିଶୁ ଚ଼ାଲାଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କୌଣସି ସୂତ୍ରରୁ ଜଣାପଡିଗଲେ ତାକୁ ବେଆଇନ ହସ୍ତାନ୍ତର କହି ଘଟଣାକୁ ହାଲୁକା କରି ଦିଆଯାଉଛି। ଅଧିକାଂଶ ଶିଶୁ ହସ୍ତାନ୍ତରଣ ଘଟଣା ହସ୍ପିଟାଲରୁ ହେଉଥିବାରୁ ଏହା ପଛରେ ଏକ ରେକେଟ କାମ କରୁଛି ବୋଲି ପୂର୍ବରୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଜଣେ ସଦସ୍ୟା କହି କହିଥିଲେ। ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ, ଲାଠୋର, ବଲାଙ୍ଗୀର ପରେ ଏବେ ଲୋଇସିଂହାରୁ ନବଜାତ ଶିଶୁ ଚ଼ାଲାଣ ଘଟଣା ଚ଼ର୍ଚ୍ଚାର ବିଷୟ ହୋଇଛି।

# ଶତାୟୁ ପୁରୁଷଙ୍କ ପରଲୋକ

**କେନ୍ଦ୍ରାପଡ଼ା,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶିଷ୍ଟ ସମାଜସେବୀ ପାଟକୁରା ଚକବାହାକୁଦ ଗ୍ରାମ ନିବାସୀ ଶତାୟୁ ପୁରୁଷ ଯଦୁନାଥ ମହାନ୍ତିଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୩ବର୍ଷ ବୟସ ହୋଇଥିଲା । ଜଣେ ଆଧ୍ୟତ୍ମିକ ଚିନ୍ତକ ଓ ମାଟି ମନସ୍କ ବ୍ୟକ୍ତି ଭାବରେ ସେ ବେଶ୍ ଲୋକପ୍ରିୟ ଥିଲେ । ନିଜ ଗାଁ କୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ଠାରୁ ଆରମ୍ଭ କରି ଅନେକ ଉନ୍ନୟନ ମୂଳକ କାର୍ଯ୍ୟର ସେ ଥିଲେ ରୂପକାର । ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ନିଜର ଏକମାତ୍ର ପୁଅ ଓ ବୋହୂଙ୍କ ପାଖରେ କଟକ ଠାରେ ଅବସ୍ଥାନ କରୁଥିବାବେଳେ ତାଙ୍କର ପରଲୋକ ଗମନ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ,ବୋହୂ,ନାତି ଓ ନାତୁଣୀ ମାନେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା । ପୁଅ ଡ଼. ରଂଜନ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ । ଯଦୁମଣି ମହାନ୍ତିଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

# ସରସ୍ୱତୀ ଶିଶୁ ମନ୍ଦିର ହେଉଛି ଆଦର୍ଶ ମଣିଷ ତିଆରି କାରଖାନା

**ଆଳି,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହେଉଛି ଭାରତୀୟ ସଭ୍ୟତା, ସଂସ୍କୃତି ଓ ପରମ୍ପରା ଆଧାରରେ ଆଦର୍ଶ ମଣିଷ ତିଆରିକାରଖାନା। ଏଠାରେ ଜଣେ ଶିଶୁ ବିଦ୍ୟା ଅଧ୍ୟୟନ ସହିତ ନୈତିକ ଚରିତ୍ର ଗଠନ ଓ ବୌଦ୍ଧିକ ଚେତନାର ବିକାଶ ହୋଇଥାଏ। ଛାତ୍ରଛାତ୍ରୀମାନେ ବିଦ୍ୟାଧ୍ୟୟନ ସହ ରାଷ୍ଟ୍ର ପ୍ରେମରେ ଉଦବଦ୍ଧ ହେବାକୁ ସୁଯୋଗ ପାଇଥାନ୍ତି। ଶିଶୁ ମନ୍ଦିର ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା, ଦେଶପ୍ରେମ ଓ ରାଷ୍ଟ୍ର ନିର୍ମାଣ ନିମିତ୍ତ ଅଙ୍ଗୀକାର ବଦ୍ଧତାର ଶିକ୍ଷା ପ୍ରଦାନ କରିଥାଏ ବୋଲି ଆଳି ବ୍ଲକ ଚଣ୍ଡିଆଗଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ବରିଷ୍ଠ ଶିକ୍ଷାବିତ ପଣ୍ଡିତ ଶରତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ମହାକାଳପଡାର ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି, ଦିଲ୍ଲୀସ୍ଥିତ ଅଭିରାମ ପରମହଂସ ମିଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଶିଷ୍ଟ ପରମହଂସ ତତ୍ତ୍ୱ ଗବେଷକ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସ ମୁଖ୍ୟବକ୍ତା, ବିଜେପିର କେନ୍ଦ୍ରାପଡା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଚଣ୍ଡିଆଗଡ଼ି ସରପଞ୍ଚ ସନାତନ ସାହୁ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ପୀତାମ୍ବର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ସମ୍ପାଦକ ଅନାଦି ଚରଣ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୃସିଂହ ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନଗରରେ ନୂଆ ବିଡିଓ

**ରାଜନଗର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ତିଳୋତମା ପୃଷ୍ଟି ଯୋଗ ଦେଇଛନ୍ତି। ଏହି ବ୍ଲକରେ ବିଡିଓ ଭାବେ ଶୋଭନ ଶ୍ରୀତମ ପଣ୍ଡାଙ୍କ ପରେ ସ୍ଥାୟୀ ବିଡିଓ ଭାବରେ କେହି ଯୋଗ ଦେଇନଥିଲେ । ଶ୍ରୀମତୀ ପୃଷ୍ଟି ଯୋଗଦେବା ପରେ କାର୍ଯ୍ୟନିର୍ବାହୀ ବିଡିଓ ଅନିରୁଦ୍ଧ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ, ସମାଜ କଲ୍ୟାଣ ଅଧିକାରୀ ମନୋଜ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝି, ଜନ୍ମେଜୟ ବେହେରା, ଅଞ୍ଜନ ସ୍ୱାଇଁଙ୍କ ସହ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସୂଚନା ଥାଉକି, ଅନିରୁଦ୍ଧ ବେହେରା କେନ୍ଦ୍ରାପଡା ବ୍ଲକରେ ଅତିରିକ୍ତ ବିଡିଓ କାର୍ଯ୍ୟନିର୍ବାହୀ କରୁଥିଲେ । ଶ୍ରୀମତୀ ପୃଷ୍ଟି ପୂର୍ବରୁ ଯାଜପୁର ଜିଲ୍ଲା ଉପନିବନ୍ଧକ ଭାବେ କାର୍ଯ୍ୟ କରୁଥିଲେ ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଜନଗର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବାଘମାରି ସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଦଲ କୁମାର ପରିଡ଼ାଙ୍କ ସେବାନିବୃତ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ସତ୍ୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ମିଶ୍ର, ମୁଖ୍ୟବକ୍ତା ଭାବେ ବ୍ଲକ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଶୁଭ୍ରଜକୁମାର ବରାଳ, ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ମାନସ ଧଳ, ନରହରି ମଣ୍ଡଳ, ବିଜୟ ପ୍ରଧାନ, ଲକ୍ଷ୍ମଣ ଖୁଣ୍ଟିଆ, ବାଇଧର ସାର, ଅଜିତ ସେଠି ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଥମ ପରିଚ଼ାଳନା କମିଟିର ସଦସ୍ୟ ସୁକୁମାର ମାଇତି, ଲକ୍ଷ୍ମୀକାନ୍ତ ଜେନା ତଥା ପଞ୍ଚସଖା ପରିଚ଼ାଳନା କମିଟିର ସଭାପତି ରାମକଷ୍ଟ ମାଇତୀ ଉପସ୍ଥିତ ଥିଲେ। ୧୯୮୫ ମସିହା ଠାରୁ ୨୦୨୫ ମସିହା ପର୍ଯ୍ୟନ୍ତ ସମସ୍ତ ପୁରାତନ ଛାତ୍ରଛତ୍ରୀମାନେ ଉପସ୍ଥିତି ହୋଇ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଆରମ୍ଭରୁ ଏଯାବତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

# କଳାକାରଙ୍କୁ ଓଡିଶା ରତ୍ନ

**କେନ୍ଦ୍ରାପଡ଼ା,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ମାଟିର ପୁଅ ଅକ୍ଷୟ କୁମାର ସାମଲଙ୍କୁ ଏକ ରାଜ୍ୟସ୍ତରୀୟ ଉତ୍ସବରେ ଓଡିଶା ରତ୍ନ ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ମୂର୍ଚ୍ଛନାର ବାର୍ଷିକ ଉତ୍ସବ ଅବସରରେ ତବଲାବାଦକ ଶ୍ରୀ ସାମଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅଧିନ ଆଇତିପୁର ପଞ୍ଚାୟତର ବିଲବଲରାମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ସାମଲ ପ୍ରଥମେ ଗୁରୁ ଗଙ୍ଗାଧର ସାହୁ, ନିରଞ୍ଜନ ଦାସ ଓ ପରେ ପୂର୍ଣ୍ଣାନନ୍ଦ ମହାରଣାଙ୍କ ଠାରୁ ଶିକ୍ଷା ଲାଭ କରିଥିଲେ। ଏହାପରେ ସମୀରରଞ୍ଜନ ଦାସ ଓ ଗୋପିନାଥ ବେହେରାଙ୍କ ଠାରୁ ଶିକ୍ଷାଲାଭ କରିବା ପରେ ବିଶାରଦ ପାସ କରିଥିଲେ। ପରେ ଜଣେ ଖ୍ୟାତିସମ୍ପନ୍ନ ତବଲାବାଦକ ଭାବେ ଆଦୃତି ଲାଭ କରି ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିଲେ। ସରକାରଙ୍କ ଯୁବମହୋତ୍ସବରେ ଜଣେ ଆକମ୍ପାନିଷ୍ଟ ଭାବେ ମଧ୍ୟ ସେ ସ୍ୱୀକୃତି ଲାଭ କରିଛନ୍ତି। ଏଥିସହିତ ଜିଲ୍ଲା ବାଲ୍‌ଭବନର ଜଣେ ଶିକ୍ଷକ ଭାବରେ କଲିକତା ଓ ଦିଲ୍ଲୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସୁନାମ ଅର୍ଜନ କରିଛନ୍ତି।

# ଓଡ଼ିଶାର ଦୁଗ୍ଧ ସଂଗ୍ରହରୁ ଫାଇଦା ଉଠାଉଛି ଆନ୍ଧ୍ର

**ପାରଳାଖେମୁଣ୍ଡି,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ପାରଳାଖେମୁଣ୍ଡିରେ ଥିବା ଓମ୍‌ଫେଡର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଯେଉଁ ଲକ୍ଷ୍ୟ ନେଇ ପ୍ରତିଷ୍ଠା ହୋଇଥିଲା ତାହା ବିଫଳ ହେବାରୁ ସରକାରୀ ଅବହେଳା ଓ ଉଦାସୀନତାର ଶିକାର ହୋଇଛି । ଫଳରେ କେନ୍ଦ୍ରରେ ରହିଥିବା ବହୁ କୋଟି ଟଙ୍କାର ଯନ୍ତ୍ରପାତି ନଷ୍ଟ ହେବାରେ ଲାଗିଛି। ଦିନେ ପ୍ରକ୍ରିୟାକରଣ ପାଇଁ ଦୈନିକ ୧୦ ହଜାର ଲିଟର କ୍ଷୀର ଆସୁଥିବା ବେଳେ ଏବେ ଆସୁଛି ମାତ୍ର ୧୦୦ ଲିଟର। ଏହାଦ୍ୱାରା ଦୁଗ୍ଧ ଚ଼ାଷୀଙ୍କୁ ଯେ ପ୍ରୋତ୍ସାହନ ମିଳୁନାହିଁ ତାହା ସ୍ପଷ୍ଟ ହୋଇଯାଇଛି।

ପ୍ରକ୍ରିୟାକରଣ କେନ୍ଦ୍ରର ଠିକ୍ ପରିଚ଼ାଳନା ନ ହେବାରୁ କ୍ରମଶଃ ଏହା କ୍ଷତିଆଡ଼କୁ ମୁହାଁଇ ଏକପ୍ରକାର ବନ୍ଦ ଅବସ୍ଥାକୁ ଆସିଯାଇଛି। ଏଠାରେ ରହିଥିବା ବହୁମୂଲ୍ୟର ଯନ୍ତ୍ରପାତି ରକ୍ଷଣାବେକ୍ଷଣ ନ ହେବାରୁ ନଷ୍ଟ ହେବାରେ ଲାଗିଛି। କେନ୍ଦ୍ରର ଛାତ ଦୁର୍ବଳ ହୋଇପଡ଼ି ଲୁହାରଡ୍ ଦେଖାଯାଉଛି। ଏବେ ଆନ୍ଧ୍ରର ଦୁଇ ଘରୋଇ କମ୍ପାନୀ ବିଶାଖା ଡେଏରି ଏବଂ ହେରିଟେଜ୍ ଡେଏରିକୁ ଚ଼ାଷୀ ପ୍ରତ୍ୟହ ୧୫ ହଜାର ଲିଟର କ୍ଷୀର ଯୋଗାଉଥିବା ବେଳେ ଦୁଇଜଣ ଚ଼ତୁର୍ଥ ଶ୍ରେଣୀ କର୍ମଚ଼ାରୀଙ୍କ ଦ୍ୱାରା ପରିଚ଼ାଳିତ ହେଉଥିବା ଓଡ଼ିଶାର ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଚ଼ାଷୀ ଆଉ କ୍ଷୀର ଆଣିବାକୁ ଆଗ୍ରହ ଦେଖାଉନାହାନ୍ତି। ବିଭାଗୀୟ ଅବହେଳା ଓ ଉଦାସୀନତା ଯୋଗୁ ଆମକୁ ଦୁଗ୍ଧ ଚ଼ାଷପାଇଁ କିଛି ପ୍ରୋତ୍ସାହନ ନ ମିଳିବାରୁ ଆମେ ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉନାହୁଁ, ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉଛୁ ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଚ଼ାଷୀ ଆର. ରାଜା ରାଓ ଏବଂ ରାଘବ ସାହୁ। ସେମାନେ କହିଛନ୍ତି ଯେ, ଓଡ଼ିଶା ପ୍ରକ୍ରିୟାକରଣ କେନ୍ଦ୍ରରେ କ୍ଷୀର ଦେଲେ ତାହାର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୨୫ ଟଙ୍କା, ୩୦ ଟଙ୍କା ଓ ୩୬ ଟଙ୍କା ମିଳୁଥିଲା। ଏବେ ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ ଦେଲେ ଅଧିକ ଟଙ୍କା ମିଳୁଛି। ସେମାନେ କ୍ଷୀରର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୪୫ ଟଙ୍କା, ୫୫ ଟଙ୍କା ଓ ୬୫ ଟଙ୍କା ଦେଉଛନ୍ତି ବୋଲି ଉଭୟେ କହିଛନ୍ତି।

ଏକଦା ୧୦ ହଜାର ଲିଟର କ୍ଷୀର ଆସି ପ୍ରକ୍ରିୟାକରଣ ହେଉଥିବା ପାରଳାଖେମୁଣ୍ଡିର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଏବେ ମାତ୍ର ୧୦୦ ଲିଟର କ୍ଷୀର ପ୍ରକ୍ରିୟାକରଣକୁ ଆସୁଛି ବୋଲି କହନ୍ତି କାର୍ଯ୍ୟରତ ୨ କର୍ମଚ଼ାରୀ ମୁକୁନ୍ଦ କୁମ୍ଭ ଓ ପ୍ରଶାନ୍ତ କୁମାର। ଆନ୍ଧ୍ରର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଦ୍ୱାରା ଚ଼ାଷୀଙ୍କୁ ଲିଟର ପିଛା ଅଧିକ ଟଙ୍କା ଦିଆଯାଉଥିବା ସମ୍ପର୍କରେ ଅତିରିକ୍ତ ଜିଲାପାଳ (ଭାରପ୍ରାପ୍ତ) ମୁନିନ୍ଦ୍ର ହେନେଗାଙ୍କୁ ପଚ଼ାରିବାରୁ ଏଦିଗରେ ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଦାବିପତ୍ର

**ଯାଜପୁର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମଶାଳା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଧର୍ମଶାଳା ଅଞ୍ଚଳର କିଛି ବ୍ୟକ୍ତି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା, ଜେନାପୁର ଓ କୁଆଖିଆ ଥାନା ରହିଥିବା ବେଳେ ଏହି ଥାନାର ପୋଲିସ ନିଷ୍କ୍ରିୟତା ହୋଇପଡ଼ିଛନ୍ତି। ଦିନରାତି ଲଘୁ ଖଣିଜ ପଦାର୍ଥ ବାଲି, ମୋରମ ଓ କଳା ପଥର ଚୋରା ଚାଲାଣ କରାଯାଉଛି। ସମସ୍ତ ସରକାରୀ ନିୟମକୁ ଦଳିମକଚି ମାଫିଆ ଲଘୁ ଖଣିଜକୁ ଲୁଟ୍ କରି ଚାଲିଛନ୍ତି। ତିନୋଟି ଥାନାର ପୋଲିସ ସବୁ ଦେଖି ଆଖି ବନ୍ଦ କରି ଦେଇଛି। ଯଦ୍ୱାରା କି ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ମାଫିଆ ମାଲେ ମାଲ୍ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଦି କୌଣସି ସାଧାରଣ ବ୍ୟକ୍ତି ଏହାକୁ ପ୍ରତିବାଦ କରେ ତେବେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯିବା ସହ ଦୁର୍ବୃତ୍ତଙ୍କୁ କୁହାଇ ମରଣାନ୍ତକ ଆକ୍ରମଣ କରାଯାଉଛି। ଏ ନେଇ ଯଦି ବ୍ୟକ୍ତି ପୋଲିସରେ ଅଭିଯୋଗ କରୁଛି ପୋଲିସ କୌଣସି ପଦକ୍ଷେପ ନେଉନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏପରିକି ଯଦି କୌଣସି ଗଣମାଧ୍ୟମ ପ୍ରତିନିଧି ସମ୍ବାଦ ସଂଗ୍ରହ କରିବା ନିମନ୍ତେ ଘଟଣାସ୍ଥଳକୁ ଯାଉଛନ୍ତି ତେବେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଗତ ନଭେମ୍ବର ୨୨ତାରିଖରେ ଗୋକର୍ଣ୍ଣେଶ୍ୱର ନିକଟ ଦୁର୍ଗାପୁରକୁଦ ଦୁଇ ବାଲି ଘାଟରୁ ବେଆଇନ ଖନନକୁ ନେଇ ଫଟୋ ଉଠାଉଥିବା ଜଣେ ଯୁବ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରାଗଲା। ଏ ନେଇ ପୋଲିସ ପାଖରେ ଅଭିଯୋଗ କରାଗଲା। ପୋଲିସ ମାମଲା ରୁଜୁ କରି ଚୁପ୍ ହୋଇ ବସିରହିଛନ୍ତି। ଏଥିପ୍ରତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ବ୍ରିଜ ଉପରେ ବାଲି ମାଫିଆ ନିଶା ସେବନ କରି ସାଧାରଣ ଲୋକଙ୍କୁ ଗାଳି ଗୁଲଜ କରୁଛନ୍ତି। ଯାହାଫଳରେ ଲୋକେ ଉପରୋକ୍ତ ରାସ୍ତା ଦେଇ ଯିବାକୁ ସୁରକ୍ଷିତ ମଣୁନାହାଁନ୍ତି। ମିଳିତ ଜନ ଅଭିଯୋଗ ଶୁଣାଣିରେ ଧର୍ମଶାଳା ଅଞ୍ଚଳର କିଛି ଜନସାଧାରଣବୃନ୍ଦ ଆରକ୍ଷୀ ଅଧିକ୍ଷକ ଯଶ୍ ପ୍ରତାପ ଶ୍ରୀମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ।

# ୧୯୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



**ବ୍ରହ୍ମପୁର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ ମାନେ ଏହି ଶୁଣାଣିରେ ଯୋଗ ଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଜିଲ୍ଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ଅବଗତ କରାଇଛନ୍ତି। ମୁଖ୍ୟତଃ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା, ସୁଭଦ୍ରା ଯୋଜନା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ, ଭଳି ବିଭିନ୍ନ ଅଭିଯୋଗ ଗୁଡିକ ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉପସ୍ଥିତ ରହି ଆଜି ୧୯୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୧୮୩ ଟି ବ୍ୟକ୍ତିଗତ ଏବଂ ୧୧ସାମୁହିକ ଅଭିଯୋଗ ରହିଛି। କେତେକ ଅଭିଯୋଗ ଗୁଡିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି, ଏହା ସହିତ ୧୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୯୫ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ୩ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ମଧ୍ୟ ଜିଲ୍ଲାପାଳ ଓ ଏସପି ପ୍ରଦାନ କରିଥିଲେ। ଅଭିଯୋଗ ଶୁଣାଣି ଏଣିକି ଓ୍ୱାଟ୍ସଅପ ମାଧ୍ୟମରେ ଘରେ ରହି ଲୋକେମାନେ ଅଭିଯୋଗ କରି ପାରିବେ, ତାହା ଆଗାମୀ ଦିନରେ ଜିଲ୍ଲାରେ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚ଼ନା ଦେବା ସହିତ ଅଭିଯୋଗ କାର୍ଯ୍ୟକ୍ରମ ଗ୍ରାମ ପଞ୍ଚାୟତସ୍ତରରେ ଚ଼ାଲୁ ରହିଛି। ଏହାସହ ଇ-ନିବେଦନ କାର୍ଯ୍ୟକ୍ରମ ଚ଼ାଲିଛି ବୋଲି ମଧ୍ୟ ଜିଲ୍ଲାପାଳ କହିଥିଲେ। ଏହି ଶୁଣାଣି କାର୍ଯ୍ୟକ୍ରମରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଜିଲ୍ଲାପରିଷଦର ପ୍ରାର ପ୍ରାପ୍ତ ସିଡିଓ ବିଜୟ କୁମାର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

# ତଦନ୍ତ ପାଇଁ କୋଦଳା ଏନଏସିରେ ପହଁଚ଼ିଲେ ପିଡି

**କବିସୂର୍ଯ୍ୟନଗର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



କୋଦଳା ଘଇଉ ପରିସରରେ ଓଡିଶା ଏକ୍ସପ୍ରେସର ସାମ୍ବାଦିକ ତଥା କାଉନ୍ସିଲରଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ଗଞ୍ଜାମ ପଡି ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ହେଲେ ଅଭିଯୋଗ ରହିଥିବା ଅଧକ୍ଷ ଓ ଅଧିକାରୀଙ୍କୁ ନେଇ କରାଯାଉଥିବା ତଦନ୍ତ କେତେ ନିରପେକ୍ଷ ରହିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଯାହା ଜଣାଯାଇଛି ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଗଞ୍ଜାମ ଏସପିଙ୍କୁ ତଦନ୍ତ ନିର୍ଦ୍ଦେଶ ଆସିବା ପରେ ମଙ୍ଗଳବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନଗର ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୋଦଳା ଏନଏସି କାର୍ଯ୍ୟାଳୟର ପହଞ୍ଚି ଫାଇଲ ଘାଣ୍ଟୁଥିବା ଏବଂ ପରେ ପରେ ମେଡିକାଲକୁ ଯାଇ ଆହତ ସାମ୍ବାଦିକଙ୍କ ସମ୍ପର୍କରେ ତଦନ୍ତ କରିବା ପରେ ସେଠାରୁ କୋଦଳା ଥାନାକୁ ଯାଇ ଥାନା ଅଧିକାରୀଙ୍କ ସହ ଆଲୋଚ଼ନା କରିଥିବା ଦେଖିବାକୁ ମିଳିଛି ହେଲେ ପିଡିଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ପାଖେ ପାଖେ ଥିବା ଦେଖିବାକୁ ମିଳିଥିଲା। ସେହିପରି ଏନଏସି କାର୍ଯ୍ୟାଳୟରେ ଅଧକ୍ଷ ଓ ଅଧିକାରୀଙ୍କୁ ନେଇ ତଦନ୍ତ କରାଯିବା ପରେ ତଦନ୍ତ ଅଧିକାରୀଙ୍କ କାର୍ଯ୍ୟରେ ସନ୍ଦେହ ଦେଖାଦେଇଛି। ଥାନାରେ ମାମଲା ପରେ ଅଧକ୍ଷ ଓ ଅଧିକାରୀ ଆଇନ ଅନୁଯାୟୀ ଗିରଫ କରିବା ପରିବର୍ତ୍ତେ ନିର୍ଭୟରେ ଥାନା ଆଗରେ ବୁଲୁଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି ଦୁଇଜଣ ଆକ୍ରମଣ କାରି ଙ୍କୁଖୁବ ଶୀଘ୍ର ଗିରଫ କରାଯିବ କାର୍ଯ୍ୟାଳୟରେ ସିସି କ୍ୟାମରା ଠିକ ନଥିବାରୁ ତଦନ୍ତ ବିଳମ୍ବ ହେଉଛି। ହାର୍ଡିସ୍କ ଜବତ କରାଯାଇଥିବା ଆଇଆଇସି ସୂଚ଼ନା ଦେଇଛନ୍ତି। ସେପଟେ ତଦନ୍ତ କରିବାକୁ ଆସିଥିବା ପିଡି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି ତଦନ୍ତ ପରେ ଜଣାପଡିବ ବୋଲି କହି ସାମ୍ବାଦିକଙ୍କ ପ୍ରଶ୍ନକୁ ଏଡାଇ ଦେଇ ଫେରିଥିଲେ।

କୁହାଯାଉଛି ପ୍ରମାଣ ନଷ୍ଟ ପାଇଁ କାର୍ଯ୍ୟାଳୟରୁ ସିସିଟିଭି ଫୁଟେଜକୁ ଅଧକ୍ଷ ଓ ଅଧିକାରୀ ଯୋଜନା ବଦ୍ଧ ଭାବେଟେଣ୍ଡର ପୂର୍ବରୁ ଗାଏବ କରିଦେଇଛନ୍ତି। ବିନା ସିସିଟିଭିରେ କିମିତି ଚ଼ାଲିଥିଲା କାର୍ଯ୍ୟାଳୟରେ ଟେଣ୍ଡର। ପ୍ରକିୟା ଟେଣ୍ଡର ଦିନ କାର୍ଯ୍ୟନିର୍ବାହୀ ଅଧିକାରୀ ପୋଲିସକୁ ଖବର ଦେଇନଥିଲେ କାହିଁକି ? ଏଣୁ ଟେଣ୍ଡର ଫିକ୍ସିଂ ଯଦିଓ କରାଯାଇଛି ଘଟଣାରେ ସମ୍ପୃକ୍ତ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉନି କାହିଁକି ?

ଅଧକ୍ଷ ଓ ଅଧିକରୀ ଭଡାଟିଆ ଗୁଣ୍ଡା ଲଗାଇ ଦୁର୍ନୀତିର ପ୍ରତିବାଦ କରୁଥିବା ସାମ୍ବାଦିକ ତଥା କାଉନ୍ସିଲରଙ୍କ ଏତଲା ପ୍ରକାରେ କୋଦଳା ଥାନା କେସ ନଂ ୭୮୪/୨୫ ପ୍ରକାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨), ୨୯୬/୧୧୫/(୨),/ ୧୧୭(୨), /୧୦୯(୧)./ ୩୦୩(୨)/୩୫୧(୨). ଏବଂ ବିଏନଏସ ୩(୫)ରେ ମାମଲା ରୁଜୁ ହୋଇଥିବା ବେଳେ କାହା ଆଶୀର୍ବାଦରେ କାର୍ଯ୍ୟାଳୟରେ ବସୁଛନ୍ତି ଏଠି ଆଇନ କାନୁନକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଆଲୋଚ଼ନା ହେଉଛି ଯେ ଆଗକୁ ପରିମଳ ଟେଣ୍ଡର ଫିକ୍ସିଂ କରିବାକୁ ଅଧକ୍ଷ କୁଆଡେ ଯୋଜନା କରିଥିବା ବେଳେ କାଉନ୍ସିଲରର ପ୍ରତିବାଦ ହେଲେ ପରିମଳ ଟେଣ୍ଡର ହାତରୁ ଖସିଯିବା ଆଶଙ୍କା କରି ଅଧକ୍ଷ ଓ ଅଧିକାରୀ ପୂର୍ବରୁ ଏଭଳି ଆକ୍ରମଣ କରିଥିବା ଆଲୋଚ଼ନା ହେଉଛି। ଏଣୁ ନିରପେକ୍ଷ ତଦନ୍ତ ସହ ଟେଣ୍ଡର ଫିକ୍ସିଂରେ ସମ୍ପୃକ୍ତ ଅଧକ୍ଷ ଓ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ଜୋର ଧରିଲାଣି। ଡବଲ ଇଂଜିନ ସରକାର ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ଗୋଡେଇ ଗୋଡେଇ ଧରୁଥିବା ବେଳେ କୋଦଳା ଟେଣ୍ଡର ଫିକ୍ସିଂ ଅନୁଦାନ ହରିଲୁଟ ଅଭିଯୋଗ ପରେ ନୀରବ କାହିଁକି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ୪ ଦିନ ପରେ ମଣ୍ଡିରୁ ଉଠିବ ଧାନ

**ସମ୍ବଲପୁର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ସମ୍ବଲପୁରରେ ସ୍ୱାଭାବିକ ହେବ ଧାନକିଣା। ୪ ଦିନ ପରେ ଆଜିଠୁ ମଣ୍ଡିରୁ ଉଠିବ ଧାନ। ମଙ୍ଗଳବାର ମଣ୍ଡି ସ୍ୱାଭାବିକ ହେବାନେଇ ଆଶା କରାଯାଉଛି। ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିଥିଲେ ମଧ୍ୟ ମିଲର ଚୁକ୍ତି ସ୍ୱାକ୍ଷର କରିନଥିଲେ ବୋଲି ଧାନ ଉଠୁନଥିଲା। ସୋମବାର ଟୋକନ ସମସ୍ୟା ଓ ପି – ପାସ ଜେନେରେଟ ହେଉନଥିବାରୁ ଏନଏଚ ୫୩ ଅବରୋଧ କରିଥିଲେ ଚ଼ାଷୀ। ପ୍ରାୟ ୮ ଘଣ୍ଟା ଧାରଣାରେ ବସିବା ପରେ ପ୍ରଶାସନ ମଙ୍ଗଳବାର ଠାରୁ ଧାନ କିଣା ସ୍ୱାଭାବିକ ହେବା ନେଇ ପ୍ରତିଶୃତି ଦେବାପରେ ଚ଼ାଷୀ ଉଠିଥିଲେ। ତେବେ ପ୍ରଶାସନର ପ୍ରତିଶୃତି ଅନୁଯାୟୀ ଆଜିଠାରୁ ଧାନ କିଣା ସ୍ୱାଭାବିକ ହେବ ବୋଲି ଚ଼ାଷୀ ଆଶା କରିଛନ୍ତି।

ସେପଟେ ସୋମବାର ନିର୍ଦ୍ଧାରିତ ସମୟ ସକାଳ ୮ଟାରେ ମଣ୍ଡି ଖୋଲିଥିଲା। ଚ଼ାଷୀ, ଯୋଗାଣ ଏବଂ ସମବାୟ କର୍ମଚ଼ାରୀ ପହଞ୍ଚିଥିଲେ। କିନ୍ତୁ ମିଲର ଆସି ନ ଥିଲେ। ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଚ଼ାଷୀ, ଯୋଗାଣ ବିଭାଗ ଏବଂ ମିଲରମାନଙ୍କ ମଧ୍ୟରେ ବୈଠକ ହୋଇଥିଲା। ଜିଦ୍‌ରେ ଅଟଳ ମିଲର୍ସମାନେ ବୈଠକ ଅଧାରୁ ଉଠି ଚ଼ାଲି ଯାଇଥିଲେ। ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲାପାଳ ମିଲର୍ସମାନଙ୍କୁ ଡାକି ଆଲୋଚ଼ନା କରିଥିଲେ। କିନ୍ତୁ ଉକ୍ତ ବୈଠକ ବି ବିଫଳ ହୋଇଥିଲା।

ଯଦି ବୁଧବାର ମିଲର୍ସମାନେ ଧାନସଂଗ୍ରହ ପ୍ରକ୍ରିୟାରେ ସାମିଲ ନ ହେବେ ତା’ହେଲେ ପ୍ରଶାସନଠାରୁ ଆଉ କୌଣସି ସହଯୋଗ ଆଶା ରଖିବେ ନାହିଁ ବୋଲି ଜିଲ୍ଲାପାଳ ସେମାନଙ୍କୁ ଚେତାବନୀ ଦେଇଥିବା ସମ୍ବଲପୁର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚ଼ନା ଦେଇଥିଲେ। ରାଜ୍ୟ ମିଲର୍ସ ସଂଘର ସଭାପତି ମହେଶ ବଂଶଲ ନିଜ ପ୍ରତିକ୍ରିୟାରେ କହିଥିଲେ, ବାରମ୍ବାର ରାଜ୍ୟ ଯୋଗାଣ ବିଭାଗକୁ ମିଲର୍ସଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ ବି କିଛି ପଦକ୍ଷେପ ନିଆଗଲା ନାହିଁ। ଗତ ୧୯ ତାରିଖରେ ୧୧ ଦଫା ଦାବି ରଖି ମିଲର୍ସ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଚ଼ିଠି ଲେଖିଥିଲା। ମୁଖ୍ୟମନ୍ତ୍ରୀ ବି ପଦକ୍ଷେପ ନେଲେ ନାହିଁ। ତେଣୁ ଆମେ ବାଧ୍ୟ ହୋଇ ଦାବି ପୂରଣ ନ ହେବା ଯାଏଁ ଚୁକ୍ତି ନକରିବାକୁ ନିଷ୍ପତ୍ତି ନେଇଛୁ।

# ବିଶ୍ୱ ଏଡସ ଦିବସ

**ହିଞ୍ଜିଳିକାଟୁ,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଗଣ୍ଡଳା-ବେଳଗାଁ ସ୍ଥିତ ଶ୍ରୀ ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ତରଫରୁ ବିଶ୍ୱ ଏଡସ ଦିବସ ଅଧ୍ୟକ୍ଷା ଡଃ ଅମିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠତି ହୋଇଯାଇଅଛି। ମୁଖ୍ୟଅତିଥି ରୂପେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡଙ୍ଗୀ ଯୋଗଦେଇ ଏଡସ ସଂଜମତା ଓ ସଚେତନତା ଦ୍ୱାରା ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡକ୍ଟର ସତ୍ୟ ନାରାୟଣ ଦାସ ଯୋଗଦେଇ ଏଡସର କାରଣ ଓ ଏହାର ନିରାକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ରୂପେ ଶ୍ରୀ ବେଲେଶ୍ୱର ଡିଗ୍ରି ମହାବିଦ୍ୟାଳୟର ଅଧ୍ୟକ୍ଷ ରାମ କୃଷ୍ଣ ଗୌଡ ଯୋଗଦେଇ ଏଡସର ଭୟାବହତା ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋଚ଼ନା କରିଥିଲେ। ତର୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ରେଡ଼କ୍ରସ ସଂଯୋଜକ ଅଧାପକ ମାନସ ରଞ୍ଜନ ପଟ୍ଟନାୟକ ସଂଯଜନା କରିଥିଲେ। ଅଧାପକ କାଳୁ ଚ଼ରଣ ନାୟକ, ଡଃ ସୁଧାଂଶୁ ଶେଖର ସାହୁ, ନୀଳାଞ୍ଚଳ ସାହୁ, ସତ୍ୟ ନାରୟଣ ପଣ୍ଡା, ଲକ୍ଷ୍ମୀନାରୟଣ ସାହୁ, ହରିହର ସାମନ୍ତରାୟ, ଉମାଶଙ୍କର ବେହେରା ଓ ଗୀତାଞ୍ଜଳି ପାତ୍ର ସହଯୋଗ କରିଥିଲେ।

# ଜାତୀୟ ପ୍ରଦୂଷଣ ପ୍ରତିରକ୍ଷା ଦିବସରେ ସଚେତନତା

**କୋରେଇ,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ବ୍ୟାସନଗର ସଂସ୍କୃତି ଭବନ ପରିସରରେ ବ୍ୟାସନଗର ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ କଳିଙ୍ଗନଗରର ମିଳିତ ସହଯୋଗରେ ଏକ ପ୍ରଦୂଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅବସ୍ଥାପିତ ହୋଇଥିବା କଳକାରଖାନା କମ୍ପାନୀ ଗୁଡିକ ପାଇଁ କଳିଙ୍ଗନଗର ଓ ବ୍ୟାସନଗର ସହରରେ ବାୟୁ ଓ ଜଳ ପ୍ରଦୂଷଣର ମାତ୍ରା ଅତ୍ୟଧିକ ହୋଇଥିବାରୁ ଏହା ଉପରେ ରୋକ ଲଗାଇବା ଓ ସଚେତନ ହେବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ମଦନ ମୋହନ ସାହୁ ସୂଚ଼ନା ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ମଦନ ମୋହନ ସାହୁ, ସିଏସଆଇଆରର ପ୍ରଧାନ ବୈଜ୍ଞାନିକ ଡ଼ ଆର ଭୂପତି, କେନ୍ଦୁଝର ଇଞ୍ଜିନିଅରୟିଙ୍ଗ କଲେଜର ମାଇନିଙ୍ଗ ବିଭାଗର ପ୍ରାଧାପକ ଡ଼ ସୋମ୍ୟ ରଞ୍ଜନ ମଲିକ, ସିଏସଆଇଆରର ମୁଖ୍ୟ ବୈଜ୍ଞାନିକ ତୃପ୍ତି ଦାସ, କେନ୍ଦ୍ରୀୟ ଭୂତଳ ଜଳ ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ଡ଼ ମୌସୁମୀ ସାହୁ, ସିଏସଆଇଆରର କମ୍ପ୍ୟୁଟର ବିଭାଗର ମୁଖ୍ୟ ଡ଼ ସତ୍ୟଜିତ ରଥ ଓ ଯାଜପୁର ରୋଡର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଗୌତମ ସାହୁ ପ୍ରମୁଖ ଉପସ୍ଥିତ ରହି କମ୍ପାନୀମାନଙ୍କ ତରଫରୁ ଆସିଥିବା ଅଧିକାରୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରଦୂଷଣକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଓ ସେଥି ପାଇଁ କେଉଁକେଉଁ ପଦକ୍ଷପ ଗ୍ରହଣ କରାଯାଇପାରିବ ସେ ବିଷୟରେ ଆଲୋକପାତ କରାଇଥିଲେ। କମ୍ପାନୀର ବାୟୁ ପ୍ରଦୂଷଣକୁ ରୋକିବାକୁ ହେଲେ ଅତ୍ୟାଧୁନିକ ମେସିନର ଆବଶ୍ୟକତା ରହିଥିବା ବେଳେ ବୃକ୍ଷ ରୋପଣର ଆବଶ୍ୟକତା ମଧ୍ୟ ରହିବା ସହିତ କମ୍ପାନୀ ଗୁଡିକ ପ୍ରଦୂଷଣ ମୁକ୍ତ ନିୟମ ଗୁଡିକୁ ପାଳନ କରିବାକୁ ନିହାତି ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ବିଭିନ୍ନ ସ୍କୁଲରେ ଆୟୋଜିତ କରାଯାଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ କଳିଙ୍ଗନଗରରୁ ପାଖାପାଖି ପନ୍ଦର କମ୍ପାନୀର ଅଧିକାରୀମାନେ ଉପସ୍ଥିତ ରହିଥିବା ବେଳେ ଆଞ୍ଚଳିକ ପ୍ରଦୂଷଣ କାର୍ଯ୍ୟାଳୟର ସମସ୍ତ କର୍ମଚ଼ାରୀମାନେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**କେନ୍ଦୁଝର,୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାରହଲ୍‌ଠାରେ ସୋମବାର ଜିଲାସ୍ତରୀୟ ଅଭିଯୋଗଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗଶୁଣାଣିରେ ଗ୍ରହଣ କରାଯାଇଥିବା ମୋଟ ୧୬୯ଟି ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୪୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ଜଣଙ୍କ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଜିଲ୍ଲାପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବିନୋଦ ବିହାରୀ ମିଶ୍ର, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୮ ତାରିଖ ଆନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୫ତାରିଖ ଝୁମ୍ପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୨ତାରିଖ ବାଂଶପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ୨୯ ତାରିଖ ସୋମବାର ଘଟଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଚଳିତମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

ଶେଷ ପୃଷ୍ଠା
ଓଡ଼ିଶା ଏକ୍ସପ୍ରେସ୍
କେନ୍ଦ୍ରାପଡ଼ା 3rd December, 2025 Wednesday RNI Regd. No. ODIODI/2009/28880

## ହେଲ୍‌ଥ ଟନିକ୍



### କୁକୁର ଲାଙ୍ଗୁଡ଼

ଜଣେ କଟରପନ୍ଥୀ ଶାଶୂ ବିରୋଧୀ ବିବାହିତା ଯୁବତୀ ତାଙ୍କର ପୋଷା କୁକୁରଟିକୁ ନେଇ ଜଣେ ପଶୁ ଡାକ୍ତରଙ୍କ ନିକଟକୁ ଗଲେ । ତାଙ୍କୁ କୁକୁରକୁ ଦେଖାଇ କହିଲେ– ଡାକ୍ତରବାବୁ ! ଆପଣ ଟିକେ ୟାର ଲାଙ୍ଗୁଡ଼ଟା କାଟିଦେଇ ପାରିବେ ?

ଡାକ୍ତରବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ– କାହିଁକି ? ଲାଙ୍ଗୁଡ଼ କାଟିବି କାହିଁକି ? ଆପଣ କ'ଣ ତାକୁ ଡୋବର୍‌ମ୍ୟାନ୍ କରିବାକୁ ଚାହୁଁଛନ୍ତି ? ସେମିତି କୁକୁରଟିଏ ଆଣି ରଖୁନାହାନ୍ତି ?

ଯୁବତୀ କହିଲେ– ନାଇଁ ନାଇଁ ସେ କଥା ନୁହେଁ । କଥା କ'ଣ କି, ଏ କୁକୁରଟା ବେଶୀ ଲାଙ୍ଗୁଡ଼ ହଲାଏ । ତେଣୁ ୟାର ଲାଙ୍ଗୁଡ଼ଟା କାଟିଦେବା ଦରକାର ।

ଡାକ୍ତରବାବୁ ବିରକ୍ତିର ସହ ପଚାରିଲେ– ସିଏ ଲାଙ୍ଗୁଡ଼ ହଲେଇଲେ ଆପଣଙ୍କର ଅସୁବିଧା କ'ଣ ?

ଯୁବତୀ କହିଲେ– ନାଇଁ ଆଜ୍ଞା, କାଲି ମୋ ଶାଶୂ ଆମ ଘରକୁ ଆସୁଛନ୍ତି ତ ! ତେଣୁ ତାଙ୍କ ଆଗରେ ଇଏ ବେଶୀ ଲାଙ୍ଗୁଡ଼ ହଲେଇଲେ ମୋତେ ଚଟକଣୀ ମାରିଲା ଭଳି ଲାଗିବ !!!

# ଶ୍ରୀକୃଷ୍ଣଙ୍କ ପାଖରେ ଲାଗି ହେଲା ୮୭୫ ବ୍ୟଞ୍ଜନ



**ପୁରୀ,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ। ଏହି ଅବସରରେ ଶହେ କି ଦୁଇ ଶହ ପ୍ରକାର ନୁହେଁ ଭଳିକି ଭଳି ୮୭୫ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଛି। ପୁରୀ ବଳିଆପଣ୍ଡା ସ୍ଥିତ ଗୌରବିହାର ବା ମାତା ମଠରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ୮୭୫ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଭୋଗ କରାଯାଇଛି। ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀରେ ଶ୍ରୀରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ବ୍ୟଞ୍ଜନ ସେବନ କରି ପରମ ତୃପ୍ତି ଲାଭ କରିଛନ୍ତି ଶହ ଶହ ଶ୍ରଦ୍ଧାଳୁ।

ଦୀର୍ଘବର୍ଷ ଧରି ଗୌରବିହାର ବା ମାତା ମଠରେ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ପାଳନ କରାଯାଉଛି। ଦ୍ୱାପର ଯୁଗର ଲୋକକଥା ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ବ୍ୟଞ୍ଜନ ଦ୍ୱାଦଶୀକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଉଛି। ବିଶେଷ କରି ଗୌଡୀୟ ବୈଷ୍ଣବଙ୍କ ଦ୍ୱାରା ପ୍ରତିବର୍ଷ ଏହି ଦିନରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥାଏ। ଦ୍ୱାପର ଯୁଗରେ ମା' ଯଶୋଦା ସ୍ନେହ, ଶ୍ରଦ୍ଧାର ସହ ଏହି ଦିନରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ବୈଷ୍ଣବ ଗୌଡୀୟ ମାନେ। ତେଣୁ ଶହେ କି ୨ ଶହ ପ୍ରକାର ନୁହେଁ ୮୭୫ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା ମାତା ମଠରେ।

ଏହି ପର୍ବର ଯଥେଷ୍ଟ ପୂର୍ବରୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ଆରମ୍ଭ ହୁଏ ପ୍ରକ୍ରିୟା। ଗଞ୍ଜାମ, ଗଜପତି, ପୁରୀ ତଥା ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ରାଧାଙ୍କୁ ସ୍ମରଣ କରି ବହୁ ଶ୍ରମ କରି ବହୁ ବିଧି ବ୍ୟଞ୍ଜନ ପ୍ରସ୍ତୁତ କରିବା ସହ ଶ୍ରକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ଏହା ପରେ ସ୍ୱତନ୍ତ୍ର ପତ୍ରରେ ସମ୍ମିଳିତ ଭାବେ ସମସ୍ତେ ପ୍ରସାଦ ସେବନ କରିଥାନ୍ତି । ଚଳିତ ବର୍ଷ ପ୍ରସ୍ତୁତ ୮୭୫ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟରେ ରହିଥିଲା ସାଧା ମିଠା କାନିକା, ଖେଚୁଡି ଓ ଘିଅ ଅନ୍ନ ପରି ୧୭ ପ୍ରକାର ଅନ୍ନ, ୧୮ ପ୍ରକାର ଖିରି, ୫୧ ପ୍ରକାର ତରକାରି, ୧୬୧ ପ୍ରକାର ଚଟଣି। ସୋମବାର ସକାଳୁ ପରିବା ସବୁ ଅମୁଣିଆ ହେବା ପରେ ଆରମ୍ଭ ହୋଇଥିଲା ବ୍ୟଞ୍ଜନ ପ୍ରସ୍ତୁତି। ଉଭୟ ମହିଳା ଓ ପୁରୁଷ ଭକ୍ତ ମାନେ ପରିବା କଟାକଟି ଓ ରୋଷେଇ କାର୍ଯ୍ୟରେ ଲାଗିଥିଲେ। ରୋଷେଇ ପାଇଁ ବ୍ୟବହୃତ ହୋଇଥିଲା ୨୦ଟି ଚୁଲି। ଓଡିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ମାତା ମଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଗ୍ରହଣ କରି ନିଜକୁ ଭାଗ୍ୟବାନ ମନେ କରିଥିଲେ। ମଠ ମହନ୍ତ, ସଦସ୍ୟଙ୍କ ଉଦ୍ୟମ ଯୋଗୁଁ ଏତେ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିବା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି ମାତା ମଠର ମହନ୍ତ । ପ୍ରତି ବର୍ଷ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହେଉଥିବା ବେଳେ ଚଳିତବର୍ଷ ମାତା ମଠରେ ୮୭୫ ପ୍ରକାର ରେକର୍ଡ ସଂଖ୍ୟକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା ।

# ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ପାଇଁ କ୍ୟୁରେଟରଙ୍କ ପିଚ୍ ଯାଞ୍ଚ

**କଟକ,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ପାଇଁ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଯୋରଦାର ପ୍ରସ୍ତୁତି ଚାଲିଛି । ଏହାରି ଭିତରେ ବାରବାଟୀ ମ୍ୟାଚପାଇଁ ବିସିସିଆଇ କ୍ୟୁରେଟର ଆଶିଷ ଭୌମିକ ପଡ଼ିଆରେ ପିଚ ସ୍ଥିତି ଅନୁଧ୍ୟାନ କରିଛନ୍ତି । ପିଚ ପ୍ରସ୍ତୁତି ସହ ପଡ଼ିଆର ପ୍ରସ୍ତୁତି ନେଇ ମଧ୍ୟ ବିସିସିଆଇ କ୍ୟୁରେଟର ମଂଗଳବାର ପାଖାପାଖି ଅଢ଼େଇ ଘଣ୍ଟା ଅନୁଧ୍ୟାନ କରିଥିଲେ । ବିସିସିଆଇ କ୍ୟୁରେଟର ଶ୍ରୀ ଭୌମିକଙ୍କ ସହ ଓସିଏର ମୁଖ୍ୟ କ୍ୟୁରେଟର ଓ ଅନ୍ୟ ଗ୍ରାଉଣ୍ଡ ଷ୍ଟାଫ ମାନେ ଉପସ୍ଥିତ ଥିଲେ । ବାରବାଟୀ ଟି-୨୦ ମ୍ୟାଚ ପାଇଁ ଲାଲ ଓ କଳା ମାଟିର ୫ଟି ପିଚ ପ୍ରସ୍ତୁତ କରାଯାଇଛି । ଲାଲମାଟିର ପିଚରେ ମ୍ୟାଚ ଖେଳାଯିବା ପାଇଁ ବିସିସିଆଇ କ୍ୟୁରେଟର ଶ୍ରୀ ଭୌମିକ ପରାମର୍ଶ ଦେଇଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ବାରବାଟୀ ଟି-୨୦ ମ୍ୟାଚରେ ରନ ବର୍ଷା ହୋଇପାରେ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି ।





ସୂଚନାଯୋଗ୍ୟ, ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମୁକାବିଲା ହେବ । ଫଟାଫଟ କ୍ରିକେଟର ମଜା ଉଠାଇବା ପାଇଁ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଏବେଠୁ ଉତ୍ସାହ ଦେଖିବାକୁ ମିଳିଲାଣି। ବାରବାଟୀ ମ୍ୟାଚକୁ ନେଇ ଅନଲାଇନ ଟିକେଟ ବିକ୍ରି ପ୍ରକ୍ରିୟା ଶେଷ ହୋଇଛି । ସୋମବାର ଅପରାହ୍ନ ୨ଟାରେ ୱେବସାଇଟ ଖୋଲିବା ମାତ୍ରେ ଦର୍ଶକମାନେ ଅନଲାଇନ ମାଧ୍ୟମରେ ନିଜର ଟିକେଟ ବୁକିଂ କରିଥିଲେ । ଚଳିତ ମ୍ୟାଚ ପାଇଁ ଅନଲାଇନରେ ୨୦୦୦ଟିକେଟ ଉପଲବ୍ଧ ରହିଥିଲା । ଅନଲାଇନ ମାଧ୍ୟମରେ ଟିକେଟ ବୁକିଂ କରିଥିବା କ୍ରିକେଟ ପ୍ରେମୀ ଆସନ୍ତା ୮ ଓ ୯ ତାରିଖରେ ଟିକେଟର ହାର୍ଡ଼ କପି ପାଇବେ । ଏଥିନିମନ୍ତେ ସ୍ଥାନୀୟ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ । ଏହାଛଡ଼ା ଆସନ୍ତା ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟକୁ ଟିକେଟ ବିକ୍ରି କରାଯିବ । ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲ୍ଲାସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ ୧୧ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି । ଡିସେମ୍ବର ୫ ତାରିଖରୁ ସାଧାରଣ ଦର୍ଶକଙ୍କ ପାଇଁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହେବ । ମୋଟ ୫ଟି କାଉଣ୍ଟର ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ । କାଉଣ୍ଟରରେ ବିକ୍ରି ହେବା ପାଇଁ ୧୦ହଜାର ଟିକେଟ ଉପଲବ୍ଧ ରହିବ । କାଉଣ୍ଟରରେ ଜଣେ ବ୍ୟକ୍ତିଙ୍କୁ କେବଳ ୨ଟି ଟିକେଟ ବିକ୍ରି କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଜିଠୁ ନବମଶ୍ରେଣୀ ବିଦ୍ୟାର୍ଥୀଙ୍କ ଲାଗି ଅନ୍‌ଲାଇନ୍‌ରେ ନାମଲେଖା

**କଟକ,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୭ ମସିହା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବା ପାଇଁ ଯୋଗ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହେବ । ଏହି ପଞ୍ଜୀକରଣ ପ୍ରକ୍ରିୟା ଗତବର୍ଷ ପରି ଅନଲାଇନ ମାଧ୍ୟମରେ ହେଉଥିବାରୁ ସମସ୍ତ ବିଦ୍ୟାଳୟ ମୁଖ୍ୟ, ସଂପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଶେଷ କରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି । ପଞ୍ଜୀକରଣ କରିବାର ତାରିଖ ଓ ସମୟ ପଞ୍ଜୀକରଣ ୩ ଡିସେମ୍ବର ଠାରୁ ଆରମ୍ଭ ହୋଇ ୧୭ ଡିସେମ୍ବର ରାତ୍ର ୧୧ଟି ୪୫ ମିନିଟ ସୁଦ୍ଧା ସଂପନ୍ନ ହେବ । ଏହି ଦିବସ ମାନଙ୍କରେ ଉକ୍ତ ପ୍ରକ୍ରିୟା ଅନବରତ ଚାଲୁ ରହିବ । ପ୍ରତ୍ୟେକ ପିଲାପାଇଁ ୬୦ଟଙ୍କା ହିସାବରେ ପଞ୍ଜୀକରଣ ଫିସ ଅନଲାଇନ ମାଧ୍ୟମରେ ଦାଖଲ କରାଯିବ । ସ୍କୁଲର ରେଗୁଲାର ଛାତ୍ରଛାତ୍ରୀଙ୍କ ସହିତ କ୍ୱାଜି ରେଗୁଲାର ଛାତ୍ରଛାତ୍ରୀଙ୍କର ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟା ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ । ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲମାନଙ୍କରେ ପଢୁଥିବା ଏସଇ/ଏସଟି ବର୍ଗର ରେଗୁଲାର ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଶୁଳ୍କ ଲାଗିବ ନାହିଁ । ପଞ୍ଜୀକରଣ ସଂପର୍କିତ ସମସ୍ତ ତଥ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ ରେ ଉପଲବ୍ଧ ହେବ । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢ଼ି ସାରି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି । ପଞ୍ଜୀକରଣ କରିସାରିବା ପରେ ଡେସକ୍ରିପଟିଭ ରୋଲ ସିଟକୁ ଡାଉନଲୋଡ଼ କରି ସଂପୃକ୍ତ ବୋର୍ଡ଼ର ଶାଖା କାର୍ଯ୍ୟାଳୟରେ ଦାଖଲ କରିବେ । ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜୀକୃତ କରିପାରିନଥିବେ, ସେମାନେ ସ୍କୁଲ ରେଗୁଲାର ବା କ୍ୱାଜି ରେଗୁଲାର ହିସାବରେ ୨୦୨୭ ମସିହାରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇପାରିବେ ନାହିଁ । ଏହି କ୍ଷେତ୍ରରେ ସେମାନେ ପରିଷଦ ଦ୍ୱାରା ପରିଚାଳିତ କରେସ୍ପଣ୍ଡାଟ ସ୍କୋର୍ସରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଯେଉଁ ବିଦ୍ୟାଳୟଗୁଡ଼ିକ କ୍ୱାଜି ରେଗୁଲାର ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ, ସେମାନଙ୍କୁ ପରିଷଦର ଶାଖା କାର୍ଯ୍ୟାଳୟର ଉପସଂପାଦକମାନେ ନିକଟବର୍ତ୍ତୀ ଏକ ରେକକନାଇଜଡ଼ ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ଲିଖିତ ନିର୍ଦ୍ଦେଶ ଦେବେ। ନାମ ପଞ୍ଜୀକରଣ ପାଇଁ ଲିଙ୍କ "ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ" ରେ ଉପଲବ୍ଧ ହେବ ବୋଲି ବୋର୍ଡ଼ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ବୋର୍ଡ଼ ସଂପାଦକ ସୂଚନା ଦେଇଛନ୍ତି।

## ଚୋରା ମଦ ସହ ୪ ଗିରଫ

**କେନ୍ଦ୍ରାପଡ଼ା,୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପାଟକୁରା ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ନୂଆପଡ଼ା ଗ୍ରାମର ସର୍ବେଶ୍ୱର ବେହେରା(୪୯)ଙ୍କ ଠାରୁ ୯୯୫ ଲିଟର ଦେଶୀ ରନ୍ଧା ମଦ ଓ ଶାନ୍ତିଲତା ବେହେରା(୫୨)ଙ୍କ ଠାରୁ ୮୯୦ ଲିଟର ଦେଶୀ ରନ୍ଧା ମଦ, ବାହାକଣ୍ଡିଆ ଗ୍ରାମର କୈଳାଶ ଚନ୍ଦ୍ର ସ୍ୱାଇଁ (୫୮)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଓ ନିକୁଞ୍ଜ ଜେନା (୩୮)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୯୩୫ ଲିଟର ବିଦେଶୀ, ଦେଶୀ ଓ ଦେଶୀରନ୍ଧା ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ୯ବର୍ଷ ହେଲା ଅଧାପନ୍ତରିଆ ଅଙ୍ଗନୱାଡି ଗୃହ

**ରାଜନଗର,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗର ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଙ୍ଗନବାଡି କେନ୍ଦ୍ର ପାଇଁ ଟଙ୍କା ମଂଜୁର ହୋଇ ଗୃହ ନିର୍ମାଣ କାର୍ଯ୍ୟ ବର୍ଷବର୍ଷ ଧରି ଚାଲିଥିଲେ ମଧ୍ୟ ସରିବାର ନାଁ ଧରୁନି । ଏପରିକି ବର୍ଷାରେ କାନ୍ଥରୁ ଇଟା ଧୋଇ ହୋଇ ଯାଇ ଗାଢ ଦେଖିବାକୁ ମିଳିଲାଣି । ବ୍ଲକ ପ୍ରଶାସନ ଖାମଖିଆଲି ଓ ବେପରୁଆ ଢଙ୍ଗରେ ଏହି କେନ୍ଦ୍ରଗୁଡିକ ନିର୍ମାଣ କରୁଛି । ନିର୍ମାଣ ନସରିବା ଫଳରେ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା କୋମଳମତୀ ଛାତ୍ରଛାତ୍ରୀମାନେ ଝାଟିମାଟି ଘରେ ପାଠ ପଢୁଛନ୍ତି । ବର୍ଷାଦିନ କଥା କହିଲେ ନସରେ । ଝଡବର୍ଷା ହେଲେ କେନ୍ଦ୍ର ମଧ୍ୟରେ ପାଣି ଝରୁଛି । ଯାହାଫଳରେ କୋମଳମତୀ ଛାତ୍ରଛାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାଜନଗର ବ୍ଲକ ଘଡିଆମାଳ ପଚାଂୟତ ଦାରୁଓରା ଗ୍ରାମରେ ନଅବର୍ଷ ହେବ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଚାଲିଛି । କେବେ ନିର୍ମାଣ ଶେଷ ହେବ ଓ ଅଙ୍ଗନୱାଡି କେନ୍ଦ୍ର ଏହା ମଧ୍ୟରେ ଚାଲିବ, ଯାହାକୁ ନେଇ ଗ୍ରାମବାସୀ ଓ ଅଭିଭାବକ ମହଲରେ ସନ୍ଦେହ ପ୍ରକାଶ ପାଇଛି । ଯନ୍ତ୍ରୀ ପରେ ଯନ୍ତ୍ରୀ ଓ ବିଡିଓ ପରେ ବିଡିଓ ବଦଳି ଚାଲିଛନ୍ତି, କିନ୍ତୁ ଏହି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଉନି । ଏହି ଗୃହ କାମ ନିମ୍ନମାନର ହୋଇଥିବାରୁ କାନ୍ଥରୁ ଇଟାଗୁଡିକ ଧୋଇ ହୋଇ ଯିବାରେ ଲାଗିଲାଣି । ଏନେଇ ଗ୍ରାମବାସୀ ଓ ଅଭିଭାବକମାନେ ୨୦୨୩ ମସିହାରୁ ବାରମ୍ବାର ରାଜନଗର ବିଡିଓମାନଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ ବୋଲି ଦୟାନିଧି ରାଉଳ, ବସନ୍ତ ନାୟକ, ସିଦ୍ଧେଶ୍ୱର ରାଉତ, ବିମ୍ବାଧର ରାଉତ, ଜଗନ୍ନାଥ ମହାରଥୀ ଓ ନୃସିଂହଚରଣ ରାଉତ ପ୍ରମୁଖ ମୁରବୀମାନେ ଅଭିଯୋଗ କରିଛନ୍ତି । ଏହି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ କରିବା ପାଇଁ ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଭାତକୁମାର ମାଝିଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଦୀର୍ଘ ୯ବର୍ଷ ହେଲା ନିର୍ମାଣାଧିନ କେନ୍ଦ୍ରର ସ୍ଥିତି ସଂପର୍କରେ ଦାୟିତ୍ୱ ନେଇଥିବା ଯନ୍ତ୍ରୀ ଶ୍ରୀ ମାଝିଙ୍କୁ ପଚାରିବାରୁ ଅଧାପନ୍ତରିଆ କାମକୁ ଶିଘ୍ର ସାରିବାକୁ ପଚାଂୟତ ପକ୍ଷରୁ ଟଙ୍କା ମଞ୍ଜୁର କରାଯାଇଛି । ଖୁବଶିଘ୍ର କାବି କାମ ସରିବ ବୋଲି କହିଛନ୍ତି ।

# ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ପ୍ରସଙ୍ଗ

**ପଟ୍ଟାମୁଣ୍ଡାଇ,୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବିଧାନସଭା ଅଧିବେଶନରେ ପଟ୍ଟାମୁଣ୍ଡାଇ ପୌରାଂଚଳର ମୁଖ୍ୟ ଓ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଥିବା ଜଳ ନିଷ୍କାସନ ସମସ୍ୟା ଉତଥାପିତ ହୋଇଛି । ପୌରାଂଚଳ ମାନ୍ୟତା ପାଇବାର ୩୫ବର୍ଷ ପରେ ମଧ୍ୟ ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ଓ ସମଗ୍ର ପୌରାଂଚଳ ଉବୁଟୁବୁ ହେଉଛି । ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ ନିର୍ମାଣ କରାଯାଇନାହିଁ । ପଟ୍ଟାମୁଣ୍ଡାଇ ପୌରାଂଚଳର ଜଳ ନିଷ୍କାସନ ସମସ୍ୟା ଉକ୍‌ଟ ରୂପ ଧାରଣ କରୁଥିବା ଅନୁଭବ କରି ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ବିଧାନସଭା ଗୃହରେ ଜଳ ନିଷ୍କାସନ ପ୍ରସଙ୍ଗ ଉତଥାପନ କରି ସରକାର ଏ ଦିଗରେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଜବାବ ମାଗିଥିଲେ । ବିଧାୟକଙ୍କ ପ୍ରଶ୍ନର ଉତରରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପଟ୍ଟାମୁଣ୍ଡାଇ ପୌରାଂଚଳରେ ଜଳ ନିଷ୍କାସନ ପାଇଁ ୩କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି ଅନୁଦାନ ରାଶିକୁ ଆଖି ଆଗରେ ରଖି ପଟ୍ଟାମୁଣ୍ଡାଇ ପୌର ପରିଷଦ ପୌରାଂଚଳର ୨୦ଟି ୱାର୍ଡରୁ ଜଳ ନିଷ୍କାସନ ପାଇଁ ୫କୋଟି ୧୬ଲକ୍ଷ ୭ହଜାର ୯୪୦ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି ବୋଲି ପବିତ୍ର ବିଧାନସଭା ଗୃହରେ ପ୍ରକାଶ କରିଛନ୍ତି । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଂଚାୟତ ପାଳପାଟଣା-ଆଳି ବ୍ଲକ ମାସାହାଣୀ ସେତୁ ନିର୍ମାଣ ଦିଗରେ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ବିଧାନସଭାରେ ପ୍ରଶ୍ନ କରି ସରକାର ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଉତର ମାଗି ଛନ୍ତି । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ପାଳପାଟଣା-ମାସାହାଣୀ ସେତୁ ନିର୍ମାଣ ପାଇଁ ସେତୁ ନକ୍ସା ପ୍ରସ୍ତୁତ ଚାଲିଛି । ଆବଶ୍ୟକ ସମସ୍ତ ପ୍ରକ୍ରିୟା ସମାପ୍ତ ହେଲେ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବିଧାନସଭାରେ ମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଛେଳି, ମେଣ୍ଢା ମୃତ

**କେନ୍ଦ୍ରାପଡ଼ା,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋଲା ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁଁ ଜନବସତିରେ ବିପଦ ସୃଷ୍ଟି ହୋଇଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଛେଳି, ମେଣ୍ଢା ମୃତ୍ୟୁବରଣ କରିବା ସହ ଗୋରୁ,ଗାଇ ଓ ଛୋଟପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏନେଇ ସଦର ମହକୁମାରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ବ୍ଲକ ଅଧିନ ଶ୍ୟାମସୁନ୍ଦର ଗ୍ରାମପଞ୍ଚାୟତର ହାଲପୁର ଗ୍ରାମର ଅଧିବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଟି ଖୋଲା ଏକ ସ୍ଥାନରେ ରହିଛି। ଏହାର ଚତୁପାର୍ଶ୍ୱରେ କୌଣସି ସୁରକ୍ଷା ପାଚେରୀ ନାହିଁ। ଫଳରେ ସେଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଏକ ଛେଳି ଓ ଏକ ମେଣ୍ଢାର ମୃତ୍ୟୁ ହୋଇଯାଇଛି। ଦୈନିକ ସେହି ବାଟ ଦେଇ ଗୋରୁ ଗାଇଙ୍କ ସମେତ ଛୋଟ ଛୋଟ ପିଲାମାନେ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏଭଳି ଭାବରେ ଖୋଲା ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ସେହି ବିଦ୍ୟୁତ ଟ୍ରାନ୍ସଫର୍ମରର ଚତୁପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇ ଛୋଟ ପିଲା ଓ ଗୋରୁ ଗାଇଙ୍କ ଜୀବନକୁ ବିପଦ ମୁକ୍ତ କରାଯିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡାସ୍ଥିତ ଟିପିସିଓଡିଏଲ ସହକାରୀ ସାଧାରଣ ପରିଚାଳକଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଧର ସ୍ୱାଇଁ, ହୃଷିକେଶ ନାୟକ, ଗୋକୁଳି ଜେନା, ହୃଷିକେଶ ମଳିକ, ନିରଞ୍ଜନ ଜେନା, କୈଳାସ ଜେନା, ରାଜେନ୍ଦ୍ର ସ୍ୱାଇଁ, ତ୍ରିଲୋଚନ ନାୟକ, ଦିଲ୍ଲିପ ମଳିକ, ଗନ୍ଧର୍ବ ପ୍ରଧାନ ଓ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଏପ୍ରିଲରୁ ଦୁଇ...

ଜନଗଣନାରେ ଜାତିଭିତ୍ତିକ ଗଣନା ମଧ୍ୟ କରାଯିବ। ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ, କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ୨୦୨୭ ଜନଗଣନା ଡିଜିଟାଲ ଭାବରେ କରାଯିବ, ଏକ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ ଏବଂ ଅନଲାଇନ୍ ସ୍ୱ-ଗଣନା ପାଇଁ ବ୍ୟବସ୍ଥା କରାଯିବ।

### କୋଟିଏ ଦିଅ...

ପୁଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ରେକର୍ଡିଂ ଏବଂ ସମସ୍ତ ପ୍ରମାଣ ନିର୍ବାଚନ କମିସନଙ୍କ ନିକଟରେ ଦାଖଲ କରାଯାଇଛି। ପୁଲିସ ଏହି ମାମଲାକୁ ଗମ୍ଭୀରତାର ସହ ନେଇଛି ଏବଂ ବୈଷୟିକ ତଦନ୍ତ ମାଧ୍ୟମରେ ଅଡିଓର ସତ୍ୟତା ଯାଞ୍ଚ ଆରମ୍ଭ କରିଛି। ନିର୍ବାଚନର ଠିକ୍ ପୂର୍ବ ସନ୍ଧ୍ୟାରେ 'ଇଭିଏମ୍ ରିଗିଙ୍ଗ୍'ର ଏହି ଚିନ୍ତାଜନକ ଅଭିଯୋଗ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଜିଲ୍ଲାର ୧୧ଟି ପୌର ପରିଷଦ ପାଇଁ ମଙ୍ଗଳବାର ମତଦାନ ହୋଇଛି। ୧୧ଟି ମେୟର ପଦ ପାଇଁ ୫୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ଯେତେବେଳେ ୧୦୫୮ ଜଣ ପ୍ରାର୍ଥୀ କର୍ପୋରେଟର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଜିର ମତଦାନ ପରେ, ଭୋଟ ଗଣତି ଆସନ୍ତାକାଲି, ବୁଧବାର (ଡିସେମ୍ବର ୩) ହେବାର ଥିଲା। ତେବେ ବମ୍ବେ ହାଇକୋର୍ଟଙ୍କର ନାଗପୁର ବେଞ୍ଚ୍ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଭୋଟ ଗଣତି ଡିସେମ୍ବର ୨୧ରେ ଅନୁଷ୍ଠିତ ହେବ। ୮ ବର୍ଷ ପରେ, ପୌରପାଳିକାଗୁଡ଼ିକୁ ନୂତନ ପ୍ରଶାସକ ମିଳିବେ।

### ପିଏମ୍‌ଓର ନୂଆ...

ପରିବର୍ତ୍ତନ କରିଥିଲେ। ଯାହାକୁ ରାଜପଥ ବଦଳରେ 'କର୍ତ୍ତବ୍ୟ ପଥ' ବୋଲି ନାମିତ କରାଯାଇଥିଲା। ସେହିପରି ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆବାସକୁ ସେଭେନ୍ ରେସକୋର୍ସ ରୋଡ୍ ବୋଲି କୁହାଯାଉଥିଲା। ହେଲେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ୨୦୧୬ରେ ଏହାର ମଧ୍ୟ ନାମ ପରିବର୍ତ୍ତନ କରିଥିଲେ । ସେଭେନ୍ ରେସକୋର୍ସ ରୋଡ୍ ବଦଳରେ ସେତେବେଳେ ଏହାକୁ 'ଲୋକ କଲ୍ୟାଣ ମାର୍ଗ' ନାଁରେ ନାମିତ କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ଥିଲା ଲୋକଙ୍କ ସେବା ଆଉ କଲ୍ୟାଣ।

### ରୋହିଙ୍ଗ୍ୟା ବେଆଇନ...

ପ୍ରକ୍ରିୟା ଭାବରେ ହେବା ଦରକାର। ଲାଇଭ୍ ଲ'ର ରିପୋର୍ଟ ଅନୁସାରେ, ଶୁଣାଣି ବେଳେ ସିଜେଆଇ କହିଥିଲେ, ଭାରତ ସରକାରଙ୍କ କେଉଁ ନିର୍ଦ୍ଦେଶ ଅନୁଯାୟୀ ଶରଣାର୍ଥୀ ଘୋଷିତ କରାଯିବ ? ଶରଣାର୍ଥୀ ଏକ ବିବିଧ ପରିଭାଷିତ ଶବ୍ଦ। ଯଦି କେହି ଆଇନଗତ ମାନ୍ୟତା ପାଇ ନାହିଁ ତେବେ ସେ ଅନୁପ୍ରବେଶକାରୀ। ଆମର କ'ଣ ଏହା ଦାୟିତ୍ୱ ଯେ, ଆମେ ତାଙ୍କୁ ଏଠାରେ ରଖିବା ? ଯଦି ତାଙ୍କ ପାଖରେ ଭାରତରେ ରହିବାର ଆଇନଗତ ଅଧିକାର ନାହିଁ, ତେବେ ସେମାନେ ଅନୁପ୍ରବେଶକାରୀ। ତ ଆମେ କ'ଣ ଉତ୍ତର ଭାରତର ଖୁବ୍ ସମ୍ବେଦନଶୀଳ ସୀମାରେ ଆସିଥିବା ଅନୁପ୍ରବେଶକାରୀଙ୍କୁ ରେଡ୍ କାର୍ପେଟ ବିଛାଇ ସ୍ୱାଗତ କରିବା ? ଆବେଦନକାରୀଙ୍କ ଓକିଲ କହିଥିଲେ, ରୋହିଙ୍ଗ୍ୟାମାନେ ଶରଣାର୍ଥୀ ମାନ୍ୟତା ମାଗୁନାହାଁନ୍ତି, ବରଂ କେବଳ ଏହା ଦାବି କରୁଛନ୍ତି, କୌଣସି ନିର୍ବାସନ ପ୍ରକ୍ରିୟା ଯଦି ହେଉଛି ତେବେ ତାହା ଆଇନ ଅନୁସାରେ ହେଉ।

ଏହା ଉପରେ ସିଜେଆଇ କହିଥିଲେ, ପ୍ରଥମେ ରୋହିଙ୍ଗ୍ୟା ବେଆଇନ ଭାବରେ ଅନୁପ୍ରବେଶ କରିବେ। ସୁଡଙ୍ଗ ଖୋଳି, ବାଡ଼ କାଟି ଭାରତରେ ପ୍ରବେଶ କରିବେ। ଏହାପରେ କହିବେ ମୁଁ ଆସିଗଲି, ତେଣୁ ଭାରତର ଆଇନ ମୋ ଉପରେ ଲାଗୁ ହେଉ। ମୋତେ ଖାଦ୍ୟ, ରହିବାର ସ୍ଥାନ ଓ ପିଲାଙ୍କୁ ଶିକ୍ଷାର ସୁବିଧା ମିଳୁ। ଭାରତରେ କୋଟି କୋଟି ଗରିବ ନାଗରିକ ରହିଛନ୍ତି। ତାଙ୍କ ଉପରେ ଧ୍ୟାନ ଦେବା ଦରକାର। ତେବେ ସିଜେଆଇ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ବେଆଇନ ଭାବରେ ଯଦି କେହି ଆସୁଛି, ତେବେ ତା ଉପରେ ଥାର୍ଡ ଡିଗ୍ରୀ କରାନଯାଉ।

### ମୋହନଙ୍କ ନାଁରେ...

ଭେଦଭାବ ସୃଷ୍ଟି କରୁଛି ଏବଂ ଏହା ଅତ୍ୟନ୍ତ ଆପତ୍ତିଜନକ। ଏହା ସାମାଜିକ ସଦ୍ଭାବନା ତଥା ସମ୍ପ୍ରଦାୟର ଗୌରବକୁ କ୍ଷତି ପହଞ୍ଚାଉଛି।" ସେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ୍‌କୁ ଅନୁରୋଧ କରିଛନ୍ତି।

ଅନ୍ୟ ଏକ ଅଭିଯୋଗରେ ମନ୍ମଥ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଛନ୍ତି, ଯାହା ସର୍ବସାଧାରଣ ସ୍ଥାନରେ କହିବା ଏକ ଅପରାଧ। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଅପମାନଜନକ ଢଙ୍ଗରେ 'ପାଣ୍ଡୁ' ଶବ୍ଦର ଉଚ୍ଚାରଣ କରିବା ଦ୍ୱାରା କେବଳ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ନୁହନ୍ତି, ବରଂ ଏହା ଏକ ସମଗ୍ର ସମ୍ପ୍ରଦାୟକୁ ଅପମାନିତ କରୁଛି। ପୂର୍ବରୁ ମନ୍ମଥଙ୍କ ବିରୋଧରେ ମାମଲା ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମାଝୀଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିଜେଡି ନେତା ମନ୍ମଥ ରାଉତରାୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଭାଜପାର ଆଇନଗତ ସେଲ୍‌ର ଅଭିଯୋଗ କ୍ରମେ ସାଇବର ପୋଲିସ୍ ତାଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

### 'ସଞ୍ଚାର ସାଥୀ'କୁ...

ବ୍ରଦର ଆମ ଉପରେ ନଜର ରଖିପାରିବେ ନାହିଁ। ଗୋପନୀୟତାର ଅଧିକାର ସମ୍ବିଧାନର ଧାରା ୨୧ରେ ଅନ୍ତର୍ଭୁକ୍ତ ଜୀବନ ଏବଂ ସ୍ୱାଧୀନତାର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। ଏକ ପ୍ରି-ଲୋଡେଡ୍ ସରକାରୀ ଆପ୍, ଯାହାକୁ ଅନଇନଷ୍ଟଲ୍ କରାଯାଇପାରିବ ନାହିଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଉପରେ ନଜର ରଖିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଭୟଙ୍କର ନିରୀକ୍ଷଣ ମେସିନ୍।

ସୂଚନାଯୋଗ୍ୟ, ନିର୍ମାତାମାନେ ବିକ୍ରୟ ପାଇଁ ପୂର୍ବରୁ ନୂତନ ମୋବାଇଲ୍ ଫୋନ୍‌ରେ ଅନେକ ଆପ୍ ଅପଲୋଡ୍ କରିସାରିଛନ୍ତି। ଏବେ ସେମାନଙ୍କୁ ସଞ୍ଚାର ସାଥୀ ଆପ୍ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ଏହି ସରକାରୀ ନିର୍ଦ୍ଦେଶକୁ ଆଗାମୀ ୯୦ ଦିନ ମଧ୍ୟରେ ପାଳନ କରିବାକୁ ପଡିବ ଏବଂ ନିର୍ମାତାମାନଙ୍କୁ ଆଗାମୀ ୧୨୦ ଦିନ ମଧ୍ୟରେ ସରକାରଙ୍କୁ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ପଡିବ।

ମନ୍ତ୍ରାଳୟ ମଧ୍ୟ ନିର୍ଦ୍ଦେଶ ଦେଇଛି ଯେ ମୋବାଇଲ୍ ଫୋନ୍ ଅପଡେଟ୍ ପରି ସଞ୍ଚାର ସାଥୀ ଆପ୍ ସ୍ୱୟଂଚାଳିତ ଭାବରେ ଅପଡେଟ୍ ହେବା ଉଚିତ। ସଞ୍ଚାର ସାଥୀ ପୋର୍ଟାଲ୍ ୨୦୨୩ରେ ଲଞ୍ଚ କରାଯାଇଥିଲା। କିନ୍ତୁ ଏହି ବର୍ଷ ଜାନୁଆରୀରେ ସଞ୍ଚାର ସାଥୀ ମୋବାଇଲ୍ ଆପ୍ ଲଞ୍ଚ କରାଯାଇଥିଲା। ଏହି ଆପ୍ ଗ୍ରାହକମାନଙ୍କ ପାଇଁ ବହୁ ଫିଚର ପ୍ରଦାନ କରେ। ଏହି ଆପ୍ ଚୋରି ହୋଇଥିବା ଫୋନ୍ ରିପୋର୍ଟ କରିବା ଏବଂ ଏହାର ସତ୍ୟତା ଯାଞ୍ଚ କରିବା ପାଇଁ ବ୍ୟବହାର କରାଯାଇପାରିବ। ଯୋଗାଯୋଗ ମନ୍ତ୍ରଣାଳୟ ଅନୁଯାୟୀ, ସଞ୍ଚାର ସାଥୀ ସହାୟତାରେ ଚଳିତ ବର୍ଷ ଅକ୍ଟୋବରରେ ୫୦ ହଜାରରୁ ଅଧିକ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଥିଲା। ଯାହା ଚଳିତ ବର୍ଷ ଜୁନ୍ ମାସରେ ଉଦ୍ଧାର ହୋଇଥିବା ସଂଖ୍ୟା ତୁଳନାରେ ୪୭ ପ୍ରତିଶତ ଅଧିକ। ସେହିପରି ଗତ ଜୁନ୍‌ରେ ସଞ୍ଚାର ସାଥୀ ପୋର୍ଟାଲ୍ ବ୍ୟବହାର କରି ୩୪,୩୩୯ଟି ଫୋନ୍ ଉଦ୍ଧାର କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟ ମାସରେ ୪୫,୨୪୩ଟି ଫୋନ୍ ଉଦ୍ଧାର କରାଯାଇଥିଲା। ମନ୍ତ୍ରଣାଳୟ ଦାବି କରିଛି ଯେ ଏହି ପୋର୍ଟାଲ୍ ସାହାଯ୍ୟରେ ପ୍ରତି ମିନିଟରେ ଗୋଟିଏ ଚୋରି କିମ୍ବା ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଉଛି। ମୋବାଇଲ୍ ଫୋନ୍ ମାଲିକମାନେ ବ୍ୟବହାର କରୁଥିବା ଫୋନ୍ ଚୋରି ହୋଇଛି କି ନାହିଁ ତାହା ଜାଣିପାରିବେ। ଏହି ଆପ୍ ଆପଣଙ୍କୁ ଜଣେ ବ୍ୟକ୍ତିଙ୍କ ନାମରେ କେତେ ସିମ୍ କାର୍ଡ ଅଛି ତାହା ନିର୍ଣ୍ଣୟ କରିବାକୁ ମଧ୍ୟ ଅନୁମତି ଦିଏ। ମନ୍ତ୍ରଣାଳୟ ଅନୁଯାୟୀ, ସଞ୍ଚାର ସାଥୀ ସାହାଯ୍ୟରେ ଏପର୍ଯ୍ୟନ୍ତ ୪.୨ ନିୟୁତରୁ ଅଧିକ ମୋବାଇଲ୍ ଫୋନ୍ ଅବରୋଧ କରାଯାଇଛି। ମନ୍ତ୍ରଣାଳୟ କହିଛି ଯେ ଯେତେବେଳେ ଲୋକମାନେ ସେକେଣ୍ଡ-ହ୍ୟାଣ୍ଡ୍ ମୋବାଇଲ୍ ଫୋନ୍ କିଣନ୍ତି, ସେତେବେଳେ ଏହାର ସତ୍ୟତା ଯାଞ୍ଚ କରିବା ପାଇଁ ଆପ୍ ବ୍ୟବହାର କରାଯାଇପାରିବ। କେବେକେବେ, ଏକ ସିମ୍ କାର୍ଡ ଜାଲିଆତି ଭାବରେ କାହା ନାମରେ ଆବଣ୍ଟିତ କରାଯାଏ ଏବଂ ତା'ପରେ ବେଆଇନ୍ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ଏପରି ପରିସ୍ଥିତିରେ, ପୋଲିସ ସେହି ବ୍ୟକ୍ତିଙ୍କୁ ପଚରାଉଚରା କରେ ଯାହାଙ୍କ ନାମରେ ସିମ୍ କାର୍ଡ ଆବଣ୍ଟିତ ହୋଇଛି, ଏବଂ ସିମ୍ କାର୍ଡ ଧାରକଙ୍କୁ ଠକେଇ ପାଇଁ ଦାୟୀ କରାଯାଏ। ଏପରି ପରିସ୍ଥିତିରେ, ସଞ୍ଚାର ସାଥୀ ଆପ୍ ବ୍ୟବହାର କରି ଆପଣଙ୍କ ଅଜାଣତରେ ଆପଣଙ୍କ ନାମରେ ସିମ୍ କାର୍ଡ ଆବଣ୍ଟିତ ହୋଇଛି କି ନାହିଁ ତାହା ଜାଣିବା ସହଜ। ଯଦି ଚାହିଁବେ ତେବେ ଆପଣ ଏହାକୁ ବ୍ଲକ୍ କରିପାରିବେ।

### ଶିକ୍ଷକଙ୍କୁ ନିର୍ଯାତନା...

ଶ୍ରୀ ବାରିକ ଅଭିଯୋଗର ତଦନ୍ତ କରି ଜାଣିବାକୁ ପାଇଲେ ଯେ ଶ୍ରୀ ଗାହାଣ ଉଦେଶ୍ୟମୂଳକ ଭାବେ ଶିକ୍ଷକ ଶ୍ରୀ ଲେଙ୍କାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଏହା ଜଣାପଡିବା ପରେ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀ ବାରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ଗାହାଣଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ କନିଷ୍ଠ କିରାଣୀ ଶ୍ରୀ ଗାହାଣ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ହାଜିରା ପକାଇବେ ବୋଲି ନିର୍ଦ୍ଦେଶ ରହିଛି।

### କେନ୍ଦ୍ରାପଡ଼ାରେ ଗୁରୁତର...

ଗାଓଁକର କହିଛନ୍ତି ଯେ, ତଟକ୍ଷୟରୁ ମୁକ୍ତି ପାଇଁ ସାତଭାୟା ସମେତ ତଟ ଅଂଚଳରେ ବନୀକରଣ କାର୍ଯ୍ୟ ହେଉଛି । କେତେକ ସ୍ଥାନରେ ସମୁଦ୍ର ଜୁଆର ଏହି ଚାରାକୁ ନଷ୍ଟ କରିଥିଲେ ମଧ୍ୟ ପେଣ୍ଠରୁ ସାତଭାୟା ପର୍ଯ୍ୟନ୍ତ ନୂତନ ହେନ୍ତାଳବଣ ସୃଷ୍ଟି ହୋଇଛି । ସାତଭାୟାରେ ଲୁଣିପାଣି ରହୁଥିବାରୁ ଝାଉଁବଣ ସୃଷ୍ଟି ପାଇଁ ଉଦ୍ୟମ ହେଉଛି ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ବ୍ଲକସ୍ତରୀୟ ମେଳାର ଋଷୀଙ୍କ ପ୍ରାପ୍ୟ ବାଟ ମାରଣା !

**ମାର୍ଶାଘାଇ,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ପରିସରରେ ନଭେମ୍ବର ୧୨ତାରିଖ ଦିନ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା -୨୦୨୫ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ବିନୟ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡା ବିଧାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ମନୋଜ କୁମାର ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକ, ଏବିଡିଓ ଇତିଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାକୁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦ଜଣ ଲେଖାଏଁ ଋଷୀଙ୍କୁ ବିଭାଗ ତରଫରୁ ଡକାଯାଇଥିଲା। ସମସ୍ତ ଋଷୀମାନଙ୍କ ପାଇଁ ରେମୁନେସନ ବାବଦରେ ୮୦ ଟଙ୍କା ଲେଖାଏଁ ରଖାଯାଇଥିଲା। ହେଲେ ୨୦ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଋଷିମାନେ ଟଙ୍କା ନପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ମାର୍ଶାଘାଇ ଭିଏଏସ ଡ଼ ଅଭିଜିତ ପ୍ରଧାନଙ୍କ କହିବା କଥା ଏହିମେଳାରେ ମାର୍ଶାଘାଇ ବ୍ଲକର ୨୪ଟି ପଞ୍ଚାୟତରୁ ୪୮୦ଜଣ ଋଷିଙ୍କୁ ଡକାଯାଇଥିଲା। ମତ୍ସ୍ୟ ବିଭାଗର ୨୪୦ ଜଣ ପ୍ରାଣୀ ସମ୍ପଦର ୨୪୦ ଜଣ ଋଷୀ। ମତ୍ସ ବିଭାଗ ତାଙ୍କ ଅର୍ଥ ରାଶି ନେଇଥିବା ବେଳେ ୨୪୦ ଜଣଙ୍କ ଟଙ୍କା ଏଲଆଇମାନଙ୍କୁ ଦିଆଯାଇଛି। ହେଲେ ଋଷିମାନଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ଗ୍ରସ୍ତଖର୍ଚ୍ଚ ମିଳି ନଥିବା ନେଇ ମାର୍ଶାଘାଇ ବ୍ଲକରେ ଅନୁଷ୍ଠିତ ହୋଇଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବ୍ଲକ ସ୍ତରୀୟ ମେଳା ତଦନ୍ତ ଜରୁରୀ ହୋଇ ପଡିଛି। ନଚେତ ଋଷୀଙ୍କ ଟଙ୍କା ବାଟମାରଣା ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ଜମିବାଡି ବିବାଦ ନେଇ ଜିଲ୍ଲାପାଳଙ୍କୁ ଗୁହାରି

**କେନ୍ଦ୍ରାପଡ଼ା,୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ସାହସପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଜମିରେ ଅନ୍ୟ ଜଣେ ବ୍ୟକ୍ତି ଗୁଣ୍ଡା ଲଗାଇ ଖୋଳାଖୋଳି କରିବା ଘଟଣାକୁ ନେଇ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହି ଗ୍ରାମର ଗଜେନ୍ଦ୍ର ପରିଡା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କ ପିତା ସ୍ୱର୍ଗତ ନୃସିଂହ ପରିଡାଙ୍କ ନାମରେ ଥିବା ଜମିକୁ ସେମାନେ ଭୋଗଦଖଲ କରୁଛନ୍ତି। କିନ୍ତୁ ଏହି ଜମିକୁ କେତେକ ଅସାମାଜିକ ବ୍ୟକ୍ତି ଯୋରଜବରଦସ୍ତ ଦଖଲ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହି ଜମି ଉପରେ ଅସାମାଜିକ ବ୍ୟକ୍ତିମାନେ ଖୋଳାଖୋଳି କରିବାରୁ ଗଜେନ୍ଦ୍ର ପରିଡା ଓ ତାଙ୍କ ଭାଇ ନିରଞ୍ଜନ ପରିଡା ଏହାକୁ ପ୍ରତିବାଦ କରିଥିଲେ। ଫଳରେ ଅସାମାଜିକ ଯୁବକମାନେ ଗଜେନ୍ଦ୍ର ଓ ନିରଞ୍ଜନଙ୍କ ନାମରେ ମିଛ ମାମଲା ରୁଜୁ କରି ମାନସିକ ନିର୍ଯାତନା ଦେଉଛନ୍ତି। ତେଣୁ ଏହି ଜମିର ମାପଚୁପ କରାଯାଇ ନ୍ୟାୟ ପ୍ରଦାନ କରିବାକୁ ଗଜେନ୍ଦ୍ର ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତୁରନ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡା ତହସିଲଦାର ଓ ସଦରଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ